

କିଜ୍‌ଙ୍କୁ ପ୍ରଥମ ଟ୍ରଫି
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 304 | ଭାଗ ୩୨ | ସଂଖ୍ୟା ୩୦୪ | Bhubaneswar | Tuesday 28 January 2025 | Page 8 Rs. 4.00 | ଭୁବନେଶ୍ୱର ମଙ୍ଗଳବାର ୨୮ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ପ୍ରକାଶ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା



**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ) :** ପୂର୍ବତନ ପୁଲିସ ଡିଜି ପ୍ରକାଶ ମିଶ୍ରଙ୍କୁ ରାଜ୍ୟ ସରକାର ଆଜି ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ସେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସମସ୍ତ ସୁବିଧାସୁଯୋଗ ପାଇବେ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଶ୍ରୀ ମିଶ୍ର ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯିଏ ମନ୍ତ୍ରିପରିଷଦ ବାହାରେ ଥାଇ ବି କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସୁବିଧା ହାସଲ କରିବେ। ସେହିପରି ଅବସରପ୍ରାପ୍ତ ଆଇଏଏସ୍ ମଧୁସୂଦନ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଜାରି ବିଜ୍ଞପ୍ତି ଅନୁସାରେ ଅବସରପ୍ରାପ୍ତ ଆଇପିଏସ୍ ତଥା ରାଜ୍ୟର ପୂର୍ବତନ ପୁଲିସ ଡିଜି ଶ୍ରୀ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ଶ୍ରୀ ମିଶ୍ର ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପରାମର୍ଶଦାତା ହେବେ। ଶ୍ରୀ ମିଶ୍ର ରାଜ୍ୟର ପୁଲିସ ଡିଜି ଭାବେ ୨୦୧୨ ଜୁନରୁ ୨୦୧୪ ଜୁଲାଇ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ନିଯୁକ୍ତି ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଭରସା କରି ଏକ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟବାସୀଙ୍କ କଲ୍ୟାଣ ଓ ବୃହତ୍ତର ସ୍ୱାର୍ଥ ରକ୍ଷା କିଭଳି ହୋଇପାରିବ, ସେ ଦିଗରେ ପ୍ରୟାସ କରିବେ। ରାଜ୍ୟର ଲୋକମାନଙ୍କ ସମସ୍ୟାର କିଭଳି ସମାଧାନ କରାଯାଇପାରିବ ଓ ନୂଆ ବିଜେପି ସରକାର ଠିକ୍ ଭାବେ କାର୍ଯ୍ୟ କରିବ, ସେଥିପ୍ରତି ସେ ପ୍ରାଥମିକତା ଦେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଅବସରପ୍ରାପ୍ତ ଆଇଏଏସ୍ ମଧୁସୂଦନ ପାଢ଼ୀଙ୍କୁ ନିଯୁକ୍ତି ମିଳିଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏନେଇ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟପାଳ ବି. ହରିବାବୁ କମ୍ଭମପାଟି ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଶ୍ରୀ ପାଢ଼ୀ ହେଉଛନ୍ତି ୧୯୯୧ ବ୍ୟାଚ୍ ଆଇଏଏସ୍ ଓ ୨୦୨୨ ଅକ୍ଟୋବରରେ ସେ ସରକାରୀ ଚାକିରିରୁ ଅବସର ନେଇଥିଲେ। ୨୦୨୪ ଅଗଷ୍ଟରୁ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ କାର୍ଯ୍ୟକାଳ ସରିଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାରରେ ଉଭୟ ଅଫିସର ଶ୍ରୀ ମିଶ୍ର ଓ ଶ୍ରୀ ପାଢ଼ୀଙ୍କୁ ତତକାଳୀନ ସର୍ବେସର୍ବାଙ୍କ ପୃଷ୍ଠା-୬



ମଧୁସୂଦନ ପାଢ଼ୀ ରାଜ୍ୟ ନିର୍ବାଚନ ଆୟୁକ୍ତ

# ଆଜିଠୁ ଶିଳ୍ପ ମହାକୁମ୍ଭ

## ଯୋଗଦେବେ ୭ହଜାରୁ ଅଧିକ ଶିଳ୍ପପତି

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓଡ଼ିଶା ଓ ଉତ୍ତରାଖଣ୍ଡ ଗସ୍ତ କରିବେ। ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ସ୍ଥାନୀୟ ଜନତା ମଇଦାନରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହାପରେ ସେ ଉତ୍ତରାଖଣ୍ଡର ଡେରାଡୁନ ଗସ୍ତ କରି ସେଠାରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସେ ୩୮ତମ ଜାତୀୟ କ୍ରୀଡ଼ାର ଉଦଘାଟନ କରିବେ। ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀର ଲକ୍ଷ୍ୟ ରାଜ୍ୟକୁ ପୂର୍ବୋଦୟ ପରିକଳ୍ପନାର ଆଧାର ଓ ଭାରତର ଏକ ଅଗ୍ରଣୀ ପୁଞ୍ଜି ବିନିଯୋଗ ଲକ୍ଷ୍ୟସ୍ଥଳୀ ତଥା ଶିଳ୍ପ କେନ୍ଦ୍ର ଭାବେ ଅବସ୍ଥାପିତ କରିବା। ଏହା ଏକ ସକ୍ରିୟ ଶିଳ୍ପ ଇକୋସିଷ୍ଟମ୍ ବିକାଶରେ ରାଜ୍ୟର ସଫଳତା ଉପରେ ଆଧାରିତ। ଏହି ଦୁଇଦିନିଆ ସମ୍ମିଳନୀ ଶିଳ୍ପପତି, ନିବେଶକ ଓ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ, ଯେଉଁଠି ସେମାନେ ଏକ ପସନ୍ଦଯୋଗ୍ୟ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଓଡ଼ିଶା ପ୍ରଦାନ କରୁଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରିବେ। ସମ୍ମିଳନୀରେ ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନେତାମାନଙ୍କ ମଧ୍ୟରେ ଗୋଲଟେବୁଲ ବୈଠକ, କ୍ଷେତ୍ରୀୟ ଅଧିବେଶନ, ବ୍ୟାବସାୟିକ ବୈଠକ ଓ ନୀତିଗତ ଆଲୋଚନା ହେବ।

ସେହିପରି ପ୍ରଧାନମନ୍ତ୍ରୀ ଡେରାଡୁନରେ ୩୮ତମ ଜାତୀୟ କ୍ରୀଡ଼ାର ଉଦଘାଟନ କରିବେ। ଚଳିତ ଥର ଏହି ପ୍ରତିଯୋଗିତାର ରୌପ୍ୟ ଜୟନ୍ତୀ ସଂସ୍କରଣ ଉତ୍ତରାଖଣ୍ଡରେ ଆୟୋଜିତ ହେଉଛି ଓ ଏହା ଆଜିଠାରୁ ଆରମ୍ଭ ହୋଇ ଫେବୃଆରୀ ୧୪ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ୮ଟି ଜିଲ୍ଲାର ୧୧ଟି ସହରରେ ଅନୁଷ୍ଠିତ ହେବ। ୩୬ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଏହି ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ୧୭ ଦିନ ଧରି ୩୫ଟି କ୍ରୀଡା ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ କ୍ରୀଡ଼ାରେ ୩୩ଟି ପ୍ରତିଯୋଗିତ ପାଇଁ ପଦକ ପ୍ରଦାନ କରାଯିବ। ଏହାଛଡ଼ା ଦୁଇଟି ପ୍ରଦର୍ଶନୀ କ୍ରୀଡ଼ା ହେବ। ଯୋଗ ଏବଂ ମଲ୍ଲଖମ୍ବକୁ ପ୍ରଥମ ଥର ପାଇଁ ଜାତୀୟ କ୍ରୀଡ଼ାରେ ସାମିଲ କରାଯାଇଛି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୧୦ ହଜାରରୁ ଅଧିକ ଆଥଲେଟ୍ ଅଂଶଗ୍ରହଣ କରିବେ। ଦୀର୍ଘସ୍ଥାୟିତ୍ୱ ଉପରେ ଧ୍ୟାନ ଦେଇ ଚଳିତ ବର୍ଷ ଜାତୀୟ କ୍ରୀଡ଼ାର ବିଷୟବସ୍ତୁ 'ସବୁଜ କ୍ରୀଡ଼ା' ରଖାଯାଇଛି। ଏହି ସ୍ଥାନ ନିକଟରେ ଏକ ସ୍ୱତନ୍ତ୍ର ପାର୍କ ସ୍ପୋର୍ଟସ୍ ଫରେଷ୍ଟ ବିକଶିତ କରାଯିବ, ଯେଉଁଠାରେ ଆଥଲେଟ୍ ଓ ଅତିଥିମାନଙ୍କ ଦ୍ୱାରା ୧୦ ପୃଷ୍ଠା-୬



ଉଦ୍‌ଘାଟନ କରିବେ ମୋଦି

## ଓଡ଼ିଶା 'ରାଇଜିଂ ଷ୍ଟାର'



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଦେଶର ଶିଳ୍ପାୟନରେ ଓଡ଼ିଶା ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିକଶିତ ଭାରତ ଗଠନରେ ଓଡ଼ିଶାର ଏକ ବଳିଷ୍ଠ ଯୋଗଦାନ ରହିବ। ଏଥିସହିତ ସମାନ୍ତରାଳ ଭାବେ ୨୦୩୬ ସୁଦ୍ଧା ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଦିଗରେ ସିଆଇଆଇର ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ସମତୁଲ ଶିଳ୍ପର ବିକାଶକୁ ଗୁରୁତ୍ୱ ଦିଆଯାଉଥିବାରୁ ସିଆଇଆଇ ସହ ଜଡ଼ିତ ସବୁ ଶିଳ୍ପାନୁଷ୍ଠାନ ଏବେ ରାଜ୍ୟର ବିକାଶ ଧାରାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନିବେଶ ପାଇଁ ରାଜ୍ୟ ସରକାର ଏକ ଅନୁକୂଳ ବାତାବରଣ ତିଆରି କରୁଥିବା ବେଳେ ଉଭୟ ସରକାର ଓ ନିବେଶକଙ୍କ ପାଇଁ ଏହା ୱିନ୍-ୱିନ୍ ସ୍ଥିତି ସୃଷ୍ଟି କରିଛି। ରାଜ୍ୟର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ସହ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ପୃଷ୍ଠା-୬




## ୨.୧୫ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ଦୁଇଦିନିଆ ଶିଳ୍ପ ମହାକୁମ୍ଭ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ଆରମ୍ଭ ହେବ। ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ଏହି କନକ୍ଲେଭକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନବନ୍ଦରଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ଭୁବନେଶ୍ୱରରେ ସୁରକ୍ଷା ଦାୟିତ୍ୱରେ ୬୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ। ୪ ଶହ ବରିଷ୍ଠ ପୁଲିସ ପୃଷ୍ଠା-୬

## ବାବୁଙ୍କ ଖେଳ ସରକାରଙ୍କୁ କାଳ

- ଗ୍ରୁପରେ ଦେଇ ସାରିଦେଲେ ପ୍ରଚାରପ୍ରସାର କାର୍ଯ୍ୟ
- ଉତ୍କର୍ଷ ଓଡ଼ିଶାର ଇଏ କି ଉତ୍କର୍ଷ ?




**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକମାନଙ୍କୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି' ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନିଜ ହାତରେ ରଖିଛନ୍ତି' ଶପଥ ପାଠ ଦିନ ସାମ୍ବାଦିକମାନଙ୍କ ପାଇଁ ସଚିବାଳୟର ଫାଟକ ଖୋଲିଦେଇଥିବାବେଳେ ଗଣମାଧ୍ୟମ କିଭଳି ସୁରୁଖୁରୁରେ ଖବର ସଂଗ୍ରହ କରିବ, ତାହା ଉପରେ ନଜର ରଖିଛନ୍ତି' ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ମଧ୍ୟ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ସପକ୍ଷରେ ରହିଛନ୍ତି'

ତେବେ ବିଭାଗର କିଛି ବାବୁମାନଙ୍କ ବେଫିକର ମନୋଭାବ ଯୋଗୁଁ ଏବେ ପ୍ରଚାର ପ୍ରସାରରେ ପାଣି ପଶିଯିବା ଭଳି ଅବସ୍ଥା ସୃଷ୍ଟି ହୋଇଛି' ଉତ୍କର୍ଷ ଓଡ଼ିଶାର ସଫଳତା ସହିତ ରାଜ୍ୟ ସରକାର ୫ ଲକ୍ଷ କୋଟି ଟଙ୍କା ନିବେଶର ଆଶା ରଖିଥିବା ବେଳେ ଏହାର ଖବର ସଂଗ୍ରହ ପାଇଁ ସାମ୍ବାଦିକମାନଙ୍କ ପ୍ରବେଶ ଲାଗି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆବେଦନ କରିବାକୁ କୁହାଗଲା। ତେବେ ଏବେ ବାର୍ତ୍ତାଟି ବିଭାଗର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଛଡାଯାଇଥିଲା। ଏହି ଗ୍ରୁପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଏକାଧିକ ମନ୍ତ୍ରୀ ଓ ବିଭାଗର ଖବର ପଢୁଥିବାରୁ ଅନେକ ଗଣମାଧ୍ୟମ ପ୍ରତିନିଧି ଜାଣିପାରିନାହାନ୍ତି। ଏବେ ପ୍ରବେଶପତ୍ର ମାଗିଲା ବେଳକୁ ଆବେଦନ କରିନଥିବାରୁ ଆଉ ମିଳିବ ନାହିଁ ବୋଲି କୁହାଯାଉଛି। ତେବେ ଖୋଦ୍ ସରକାରଙ୍କ କାର୍ଯ୍ୟକ୍ରମ ପାଇଁ ଗଣମାଧ୍ୟମର ଏଡିଟର ଓ ସାମ୍ବାଦିକମାନେ ପାସ୍ ପାଇଁ ଆବେଦନ କରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ବିଭାଗରେ ଥିବା କିଛି ବାବୁଙ୍କ ପାଇଁ ଏଭଳି ସ୍ଥିତି ଉପୁଜୁଥିବା ପୃଷ୍ଠା-୬

## ନିଜ ଜମି ଖୋଜୁଛି ବିଜେବି କଲେଜ

- ସାଧାରଣ ପ୍ରଶାସନ କହିଲା ପରେ ନିଦ ଭାଙ୍ଗିଲା
- ଛାନିଆ ହେଲେଣି ଜବରଦଖଲକାରୀ




**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ରାଜ୍ୟର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ବିଜେବି କଲେଜ ଏବେ ନିଜର ଜମି ଖୋଜୁଛି। ସରକାର କଲେଜକୁ ଦେଇଥିବା ଜମି କୁଆଡେ ଗଲା ତା'ର ଖୋଳତାଡ ଆରମ୍ଭ ହୋଇଥିବା ବେଳେ କଲେଜ ଜମି ହଡ଼ପକାରୀଙ୍କ ମଧ୍ୟରେ ଛନକା ପଶିଛି।

ରାଜ୍ୟର ଏହି ପ୍ରତିଷ୍ଠିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ସମେତ ଅନେକ ବିଷୟରେ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ରହିଛି। ତେବେ ନିକଟରେ ଯୁକ୍ତ ଦୁଇ ଶ୍ରେଣୀ ପୃଥକ ହେବା ପରେ କଲେଜ କର୍ତ୍ତୃପକ୍ଷଙ୍କର ଘର ତିଆରି ଆବଶ୍ୟକ ହେବାରୁ ଜମି ଘଟଣା ପଦାକୁ ଆସିଛି। ବିଜେବି କଲେଜ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ଅଧିକ ଘର ନିର୍ମାଣ ପାଇଁ ଜମି ଆବଶ୍ୟକ ଥିବା ଦର୍ଶାଇ ଚିଠି ଲେଖିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଉଚ୍ଚଶିକ୍ଷା ବିଭାଗ ସାଧାରଣ ପ୍ରଶାସନ ବିଭାଗକୁ ଅବଗତ କଲେ।

ସାଧାରଣ ପ୍ରଶାସନ ବିଭାଗ କଲେଜ କର୍ତ୍ତୃପକ୍ଷଙ୍କୁ ପତ୍ରଲେଖି ଜଣାଇଲେ ଯେ କଲେଜକୁ ତାହାର ଆବଶ୍ୟକତା ପାଇଁ ୨୭ ଏକର ଜମି ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ନିର୍ମାଣ ବାଦ୍ କଲେଜ ନିକଟରେ ବହୁ ଜମି ରହିଛି। ତେଣୁ ଆପଣ ସେହି ଜମିକୁ ନୂତନ ସୌଧ ନିର୍ମାଣ ପାଇଁ ବ୍ୟବହାର କରନ୍ତୁ ବୋଲି ସାଧାରଣ ପ୍ରଶାସନ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କୁ ଲେଖା ଯାଇଥିବା ଚିଠିରେ ଦର୍ଶାଯାଇଥିଲା। ସାଧାରଣ ପ୍ରଶାସନ ବିଭାଗରୁ ଏହି ଚିଠି ପାଇବା ପରେ ଏବେ କଲେଜ କର୍ତ୍ତୃପକ୍ଷଙ୍କ ଅକଲ ଗୁଡୁମ୍‌ସ ରକାର ଦେଇଥିବା ଜମିକୁ ଖୋଜିବାରେ ଲାଗିଛନ୍ତି। କେଉଁ ଅଞ୍ଚଳରେ କେତେ ଜମି ଉପରେ କଲେଜର ନିଜସ୍ୱ ସୌଧ ତିଆରି ହୋଇଛି, ତାହାର ହିସାବ କରୁଛନ୍ତି।

ଜମି ଓ ନିର୍ମାଣ ସୌଧର ହିସାବ ଚାଲିଥିବାବେଳେ ବହୁ ପରିମାଣର ଜମି ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଥିବା କଲେଜ କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ଏହି ଜମିକୁ କିଭଳି ମୁକୁଳାଯିବ ଓ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ସେଠାରେ ସୌଧ ନିର୍ମାଣ ହେବ, ତାହାକୁ ନେଇ କଲେଜରେ ତନାଘନା ଚାଲିଛି। ରାଜ୍ୟରେ ନୂଆ ସରକାର ଗଠନ ହେବା ସହ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେଉଥିବାରୁ ଏଥିପାଇଁ ଅଧିକ ପରିମାଣର ସୌଧ ଦରକାର ହେଉଛି। ତେଣୁ ଜବରଦଖଲ ଜମିକୁ ମୁକୁଳାଇବା ଏବେ କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ସବୁଠାରୁ ବଡ ଆହ୍ୱାନ ପୃଷ୍ଠା-୬

## ହସ୍ପିଟାଲ୍‌ରେ ଡ୍ରୋନ୍ ମାଡ଼

ସୁଦାନରେ ବଡ଼ ଧରଣର ଆକ୍ରମଣ | ୭୦ ଜଣଙ୍କ ପ୍ରାଣହାନୀ



**ଦୁବାଇ,୨୭।୧:** ସୁଦାନରେ ଗତ ଶୁକ୍ରବାର ଏକ ବଡ଼ ଧରଣର ଆକ୍ରମଣ ଘଟଣାରେ ୭୦ ଜଣଙ୍କ ପ୍ରାଣହାନୀ ଘଟିଛି। ସୁଦାନର ପଶ୍ଚିମାଞ୍ଚଳର ଡାରଫର ଅଞ୍ଚଳରେ ଥିବା ଏକ ହସ୍ପିଟାଲରେ ଆତତାୟୀମାନେ ଡ୍ରୋନ୍ ଯୋଗେ ହମଲା କରିଛନ୍ତି। ଏଥିରେ ୧୭ରୁ ଉର୍ଦ୍ଧ୍ୱ ଗୁରୁତର ଭାବେ ଆହତ ହୋଇଥିବାରୁ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ହେବାର ଆଶଙ୍କା ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ ଆଧାନୋମ୍ ଘେବ୍ରିୟେସ୍ ସ୍ପଷ୍ଟ କରିଛନ୍ତି। ଏଥିସହ ସୁଦାନର ସ୍ୱାସ୍ଥ୍ୟସେବା ଉପରେ ହେଉଥିବା ଆକ୍ରମଣରେ ପୂର୍ଣ୍ଣଚ୍ଛେଦ ପକାଇବା ସକାଶେ ଶ୍ରୀ ଆଧାନୋମ୍ ନିବେଦନ କରିଛନ୍ତି। ସୁଦାନର ଅଲ୍ ଫାସିର ସହରରେ ଥିବା ସାଉଦି ଟିଚିଂ ମାଟରନାଲ୍ ହସ୍ପିଟାଲରେ ଏହି ଆକ୍ରମଣ ହୋଇଥିବା ବେଳେ ଏଥିରେ ପୂରା ହସ୍ପିଟାଲ୍ ଛାରଖାର ହୋଇଯାଇଛି। ଆକ୍ରମଣ ସମୟରେ ହସ୍ପିଟାଲରେ ଶତାଧିକ ରୋଗୀ ଓ ସମ୍ପର୍କୀୟଙ୍କ ଭିଡ଼ ଥିବାରୁ ମୃତକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହୋଇଛି। ଏହି ଆକ୍ରମଣ ଘଟଣା ପାଇଁ ଅଦ୍ୟାବଧି କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି। କିନ୍ତୁ ଏହା ପଛରେ ପୃଷ୍ଠା-୬

କଟନୀ-ଛଟନୀ ବିବାଦ

## ଅଫିସର କହିଲେ ମୁଣ୍ଡ ପୂରାନ୍ତୁନି



**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ):** ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି କଟନୀ ଛଟନୀର ଗୁମର ଖୋଲିଦେଇଛନ୍ତି। ମନ୍ତ୍ରୀ କହିଲେ ତାଙ୍କୁ ଆଇଏସ ଅଫିସର ପରାମର୍ଶ ଦେଇଛନ୍ତି ଯେ ଏହି ବିବାଦ କୃଷକ ଓ ମିଲରଙ୍କ ମଧ୍ୟରେ ଛାଡ଼ି ଦିଅନ୍ତୁ, ଆପଣ ମୁଣ୍ଡ ପୂରାନ୍ତୁ ନାହିଁ। ସେ କହିଛନ୍ତି ଯେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ନୀତି ହେଉଛି ଜିରୋ କଟନୀ ଛଟନୀ। ଅନେକ ଜିଲ୍ଲାରେ କଟନୀ ଛଟନୀ ହୋଇନି, କିନ୍ତୁ କିଛି ଜିଲ୍ଲାରେ ମିଲର ମାନମାନୀ କରୁଛନ୍ତି ଆଉ ଜିଦ୍ଦି ଧରୁଛନ୍ତି ୬ରୁ ୭ କିଲୋ କାଟିବା ପାଇଁ। ମିଲର କହୁଛନ୍ତି ଚାଷୀ ଏତେ ଟଙ୍କା ପାଉଛନ୍ତି, ପୃଷ୍ଠା-୬

## ଉତ୍ତରାଖଣ୍ଡରେ ୟୁସିସି ଲାଗୁ: ଦେଶର ପ୍ରଥମ ରାଜ୍ୟ




**ଡେରାଡୁନ,୨୭।୧:** ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିଛି। ଏହି ନିୟମ ସମଗ୍ର ଉତ୍ତରାଖଣ୍ଡରେ କାର୍ଯ୍ୟକାରୀ ହେବା ସହ ବାହାରେ ରହୁଥିବା ରାଜ୍ୟ ବାସିନ୍ଦାଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ରାଜ୍ୟରେ ୟୁସିସି ଲାଗୁ କରିବା ସକାଶେ ଗତ ୨୦୨୨ ନିର୍ବାଚନରେ ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଦଳ କ୍ଷମତାକୁ ଆସିବା ପରେ ଗତବର୍ଷ ବିଧାନସଭାରେ ଏ ବାବଦ ବିଲ୍ ଉପସ୍ଥାପନ କରିଥିଲା। ଏହି ସଂହିତା ଲାଗୁ ହେବା ପରେ ରାଜ୍ୟରେ ଲିଭ୍-ଇନ୍ ରିଲେସନସିପ୍‌ରେ ରହୁଥିବା ଯୁବକଯୁବତୀମାନେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ସେହିପରି ଏଥିପାଇଁ ସେମାନଙ୍କୁ ନିଜ ପିତାମାତାଙ୍କ ଅନୁମତି ମଧ୍ୟ ଆଣିବାକୁ ପଡ଼ିବ। ଏଥିରେ ଖିଲାପ କଲେ ଉଲ୍ଲଙ୍ଘନକାରୀଙ୍କୁ ୩ ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ କିମ୍ବା ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବ। ଏପରିକି ମାସେ ବିଳମ୍ବରେ ପଞ୍ଜୀକରଣ କଲେ ବି ୩ ମାସ ଜେଲ୍ କିମ୍ବା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ନିୟମ ରହିଛି। ସେହିପରି ସଂହିତା ଲାଗୁ ହେବା ପରେ ରାଜ୍ୟରେ ବିବାହ ପାଇଁ ପୁରୁଷଙ୍କ ସକାଶେ ସର୍ବନିମ୍ନ ବୟସ ୨୧ ଓ ମହିଳାଙ୍କ ପାଇଁ ୧୮ ପୃଷ୍ଠା-୬



### କାନ ଡେରିଥା

ଧନୀ ପାଇଥିଲା ରାସନ କାର୍ଡ
ଗରୀବ ଥିଲା ଯେ ଭୁତ
ଥିଲା ବାଲା ଲୋକ ଚାଉଳ ପାଉଛି
ଗରୀବ ପେଟକୁ ଲାତ
ହେଉଥିଲେ ଛଟପଟ...
ଧନୀ ଲୋକଙ୍କର ରାସନ କଟିବ
ଚାଲିବନି ଉତ୍ପାତ।

■ ଦେବାଶିଷ

ଯୁବ ବିଜେଡି ସଭାପତି ଦୌଡ଼

# ବିଶ୍ୱଙ୍କ ରାସ୍ତାରେ କ୍ରୀତଦାସ କଣ୍ଟା

**ଯାଜପୁରରେ ଉଧେଇପାରୁନାହାନ୍ତି ନୂଆ ନେତା**



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳରେ ଏବେ ଯୁବ ବିଜେଡି ସଭାପତି ପାଇଁ ପ୍ରାର୍ଥୀ ଖୋଜା ଚାଲିଥିବାବେଳେ ଏଥିପାଇଁ ସବୁଠାରୁ ଆଗରେ ଅଛନ୍ତି ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ। ଶ୍ରୀ ମଲ୍ଲିକ ଚଳିତ ନିର୍ବାଚନରେ ରାଜ୍ୟରେ ରେକର୍ଡ ସଂଖ୍ୟକ ଭୋଟରେ ଜିତିଥିବାରୁ ତାଙ୍କ ସପକ୍ଷରେ ଅଧିକ ମତ ରହିଥିବାବେଳେ କ୍ରୀତଦାସ କିନ୍ତୁ କଣ୍ଟା ସାଜିଥିବା ନେଇ ଦଳରେ ଚର୍ଚ୍ଚା ଚାଲିଛି। ଯାଜପୁର ଜିଲ୍ଲାରେ ଯେଭଳି ଆଉ ବିଜେଡିର କେହି ମୁଣ୍ଡ ଟେକି ନପାରିବେ ସେଥିପାଇଁ କ୍ରୀତଦାସ ତାଙ୍କର ଗୋଟି ଚଳାଇବା ଆରମ୍ଭ କରିଦେଇଥିବା କୁହାଯାଉଛି।

ବିଜେଡି ଏବେ ତାହାର ଛାତ୍ର, ମହିଳା ଓ ଯୁବ ଶାଖାରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ତଦନୁଯାୟୀ ପ୍ରଥମେ ଯୁବ ବିଜେଡି ସଭାପତି ପାଇଁ ଜୋରଦାର ଅଭିଯାନ ଚଳାଇଛି। ଏହି ବିଭାଗରେ ବିଧାୟକ କି ଅଣବିଧାୟକ ରହିବେ, ତାହାକୁ ନେଇ ଟଣାଓଟରା ଚାଲିବା ପରେ ଜଣେ ବିଧାୟକଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଅନେକ ମତ ଦେଉଛନ୍ତି। ଏଭଳି ମତ ଆସିବା ପରେ ବରୀ ବିଧାୟକ ବିଶ୍ୱରଞ୍ଜନ ଦୌଡ଼ରେ ଆଗରେ ରହିଛନ୍ତି। ବିଶ୍ୱରଞ୍ଜନ ଗତ ନିର୍ବାଚନରେ ୫୧ ହଜାରରୁ ଅଧିକ ଭୋଟରେ ଜିଣି ଦଳରେ ରେକର୍ଡ କରିଛନ୍ତି।

ତେବେ ବିଶ୍ୱର ଅଡୁଆ ହେଉଛି ସେ ଯାଜପୁର ଜିଲ୍ଲାରୁ ବିଜୟ ହୋଇଛନ୍ତି। ଏହି ଜିଲ୍ଲାରେ ଗତ କିଛିଦିନ ଧରି ହର୍ତ୍ତାକର୍ତ୍ତା ସାଜିଥିବା କ୍ରୀତଦାସ ଚାହୁଁନାହାନ୍ତି, ସେହି ଜିଲ୍ଲାରେ ଆଉ କିଏ ବିଜେଡିର ନୂଆ ନେତା ବାହାରନ୍ତୁ। ଅତୀତରେ ମଧ୍ୟ କ୍ରୀତଦାସ ଏଭଳି ଖେଳ ଖେଳିଛନ୍ତି। ପ୍ରଣବ ବଳବନ୍ତରାୟ ରାତିଅଧିଆ ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ପଦରୁ ବିଦା ହେବା ପରେ ଏହା କ୍ରୀତଦାସଙ୍କ ଖେଳ ବୋଲି ସେତେବେଳେ ଆଲୋଚନା ହୋଇଥିଲା। ଏବେ କ୍ରୀତଦାସ ନିଜେ ପୃଷ୍ଠା-୬

## ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟକୁ ୮୬.୯୧ କୋଟି



- ପ୍ରତିଶ୍ରୁତି ରଖିଲେ ଧର୍ମେନ୍ଦ୍ର
- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ବିକାଶ ଯୋଜନା
- କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଷ୍ଟାର୍ସ ପ୍ରକଳ୍ପ ଅଧୀନରେ ଅର୍ଥ ଅନୁମୋଦିତ

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** କଟକର ଅନ୍ୟତମ ପୁରାତନ ସ୍କୁଲ ତଥା ନାରୀ ଶିକ୍ଷାର ଅଗ୍ରଣୀ ଅନୁଷ୍ଠାନ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃବିକାଶ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷା ମନ୍ତ୍ରଣାଳୟର 'ଷ୍ଟାର୍ସ 'ପ୍ରକଳ୍ପ ଅଧୀନରେ ୨୦୨୪-୨୫ ବର୍ଷ ପାଇଁ ୮୬.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଶିକ୍ଷାନୁଷ୍ଠାନର ଐତିହାସିକ ପୃଷ୍ଠଭୂମି ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖି ଏହି ଅର୍ଥ ଅନୁମୋଦିତ ହୋଇଛି। ୨୦୨୩ ଡିସେମ୍ବର ୧୬ରେ ରେଭେନ୍ସା ବାଳିକା ବିଦ୍ୟାଳୟର 'ଉତ୍କର୍ଷର ୧୫୦ ବର୍ଷ ପୂର୍ତ୍ତି' ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସ୍କୁଲର ପୁର୍ନବିକାଶ ପାଇଁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ପୃଷ୍ଠା-୬

# ଭିତରକନିକାରେ ଡଲଫିନ ଗଣନା ଆରମ୍ଭ

**ରାଜନଗର, ୨୭।୧ (ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ଆଜି ଠାରୁ ଆରମ୍ଭ ହୋଇଛି ଡଲଫିନ ଗଣନା। ଏହି ଗଣନା ପକ୍ରିୟା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଧାମରା ମୁହାଁଣ ଠାରୁ ଦେବୀ ମୁହାଁଣ ଯାଏଁ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲଫିନ ଗଣନା କରୁଛନ୍ତି। ଗଣନା ପକ୍ରିୟା ସରିନଥିଲେ ମଧ୍ୟ ଭିତରକନିକା ପାଇଁ ଖୁସି ଖବର ଆସିଛି।



ମିଳିଥିବା ସୂଚନା ମୁତାବକ ଚିଂଚିରି ମୁହାଁଣ ଠାରୁ ଅଗରନାସୀ ମଧ୍ୟରେ ଗଣନାକାରୀ ଟିମ୍ ସଂଖ୍ୟାଧିକ ଇରାୱାର୍ଡି ଡଲଫିନକୁ ଦେଖିବାକୁ ପାଇଥିବା ବେଳେ ବାବୁବାଲିରୁ ଏକକୂଳା ମଧ୍ୟରେ ଶତାଧିକ ଡଲଫିନଙ୍କୁ ଦେଖିଥିବା ଗଣନାକାରୀ ଟିମ ପକ୍ଷରୁ ସୂଚନା ରହିଛି। ଇରାୱାର୍ଡି ଡଲଫିନ ସହିତ ହମ୍ପବ୍ୟାକ୍, ବଟଲନୋଜ ପ୍ରଜାତିର ଡଲଫିନ ଦେଖିବାକୁ ପାଇଥିବା ଜଣାପଡ଼ିଛି।

ଏଠାରେ ସୂଚନାଯୋଗ୍ୟ ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତି କ୍ରମେ ୨୦୧୫ ମସିହାଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି।

ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖା ଯାଇଥାନ୍ତି। ଗହୀରମଥା ଓ ଭିତରକନିକା ରେ ୨୦୨୧ ରେ ୩୪୨ ଟି, ୨୦୨୨ ରେ ୫୪୦ ଟି, ୨୦୨୩ ରେ ୫୫୦ ଟି ଓ ଗତବର୍ଷ ୨୦୨୪ ରେ ପ୍ରତିକୂଳ ପାଗ ସତ୍ତ୍ୱେ ୫୦୨ଟି ଡଲଫିନଙ୍କୁ ଗଣନା ବେଳେ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଡଲଫିନ ସଂଖ୍ୟା ବଢ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଉଛି।

# ଦିବ୍ୟାଙ୍ଗ ଚନ୍ଦନଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

**ମହାକାଳପଡ଼ା, ୨୭।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ବର୍ଦ୍ଧିତ ଭତ୍ତା ଚଳିତ ମାସ ଠାରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଛି। ଯେଉଁମାନେ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ/ଦିବ୍ୟାଙ୍ଗ ଓ ୮୦ ବର୍ଷ ବୟସରୁ ଅଧିକ ସେମାନଙ୍କୁ ଏହି ବର୍ଦ୍ଧିତ ଭତ୍ତା ୩,୫୦୦ ଟଙ୍କା ପ୍ରଦାନ କରାଯାଇଛି। କିନ୍ତୁ ୮୦ % ପ୍ରମାଣପତ୍ର ଥାଇ ମଧ୍ୟ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇନାହିଁ। ଯେଉଁଥିପାଇଁ ସେ ସଂଚାର ଆଗରେ ନିଜର ଅଭିଯୋଗ ଓ ମନର କୋହକୁ ପ୍ରକାଶ କରିଛନ୍ତି।



ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ବାଙ୍କି ଛନ୍ଦା(ଅମିରାବାଦ) ଗ୍ରାମର ରଘୁନାଥ ପାଇଟାଳଙ୍କ ଏକମାତ୍ର ପୁଅ ହେଉଛନ୍ତି ଚନ୍ଦନ ପାଇଟାଳ। ଚନ୍ଦନଙ୍କ ବୟସ ୨୭ ବର୍ଷ। ଚନ୍ଦନ ଜନ୍ମରୁ ଦିବ୍ୟାଙ୍ଗ। ଚନ୍ଦନଙ୍କୁ ୮୦ % ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ। ସେବେଠାରୁ ସେ ଆଜି ପର୍ଯ୍ୟନ୍ତ ସେ ସାଧାରଣ ଭାବରେ ମିଳୁଥିବା ରାଶି ଭତ୍ତା ପାଇ ଆସୁଥିଲେ। ବାପା ଜଣେ ମାନସିକ ବିକାରଗ୍ରସ୍ତ ଓ ମାଆ ଜଣେ ଗୃହିଣୀ। କୌଣସି କାମ କରିବାକୁ ସକ୍ଷମ ନଥିବା ଚନ୍ଦନ ଭତ୍ତା ଟଙ୍କା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ନା ତାଙ୍କ ପାଖରେ

**କାମ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ**

**ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ**

ରହିବା ପାଇଁ ପକ୍କା ଘର ନା ରୋଜଗାରର ଅନ୍ୟ ପନ୍ଥା ଅଛି। ୧୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ ଚିନ୍ତା ଚନ୍ଦନଙ୍କୁ ବିଚଳିତ କରୁଛି।

ଏମିତି ପରିସ୍ଥିତିରେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଖବର ଶୁଣି ଚନ୍ଦନ ଖୁସି ହୋଇଥିଲେ। ତାଙ୍କୁ ୩,୫୦୦ ଟଙ୍କା ଭତ୍ତା ମିଳିଲେ ପରିବାର ପ୍ରତିପୋଷଣରେ ଟିକିଏ ସହାୟକ ହେବ ବୋଲି ଭାବି ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାକୁ ଦିନ ଗଣୁଥିଲେ। ହେଲେ ଭତ୍ତା ଟଙ୍କା ୩୫୦୦ ବଦଳରେ ତାଙ୍କୁ ୧୨୦୦ ଟଙ୍କା ମିଳିବା ଦେଖି ତାଙ୍କ ସମସ୍ତ ଆଶା ମିଳେଇ ଯାଇଛି। ଏ ବିଷୟରେ ସେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ବ୍ଲକ୍‌ରେ ଯୋଗାଯୋଗ କରିବାକୁ କହିଛନ୍ତି। ୮୦% ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ଭତ୍ତା ସରକାର ପ୍ରଦାନ କରିବାକୁ ଘୋଷଣା କରିଥିବା ବେଳେ ଏଥିରୁ ଚନ୍ଦନ କାହିଁକି ବାଦ୍ ପଡ଼ିଛନ୍ତି ବୋଲି ଚନ୍ଦନ କହିଛନ୍ତି। ତାଙ୍କ ଭଳି ଜଣେ ଦିବ୍ୟାଙ୍ଗ ଯୁବକ ପ୍ରତି ପ୍ରଶାସନ ଏତେ ନିଷ୍ଠୁର କାହିଁକି। ତୁରନ୍ତ ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ଗୁହାରି କରିଛନ୍ତି। ଖବର ପ୍ରକାଶ ପରେ କେବେ ଚନ୍ଦନଙ୍କୁ ପ୍ରଶାସନ ବର୍ଦ୍ଧିତ ଭତ୍ତା ପ୍ରଦାନ କରୁଛି ତାହା ଦେଖିବାକୁ ବାକି ରହିଲା।

## ମହିଳାଙ୍କୁ ଅଶାଳୀନ ଆଚରଣ ନେଇ ଥାନାରେ ଏତଲା

**ମହାକାଳପଡ଼ା, ୨୭।୧ (ସଂଚାର ବ୍ୟୁରୋ):** ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଙ୍ଘ, ବରକନ୍ଧା ତରଫରୁ ସୋମବାର ମହାକାଳପଡ଼ା ଥାନାରେ ଲିଖିତ ଏତଲା ଦିଆଯାଇଛି। ଏତଲା ଅନୁଯାୟୀ ମହାସଂଘର ସଦସ୍ୟାମାନେ ତା ୨୬ ଜାନୁଆରୀ ସକାଳ ଘ. ୮.୩୦ ମି. ସମୟରେ ଛେଡାକଣୀ ମିଶନ ଶକ୍ତି କାର୍ଯ୍ୟାଳୟରୁ ପତାକା ଉତ୍ତୋଳନ ସାରି ବରକନ୍ଧା ପଞ୍ଚାୟତର ଗ୍ରାମସଭାକୁ ଯିବା ସମୟରେ ବରକନ୍ଧା ଗ୍ରାମର ବିଷ୍ଣୁ ବସନ୍ତିଆଙ୍କ ପୁଅ ମାଧବ ବସନ୍ତିଆ(ବିଜ୍ଞାନ) ମହିଳା ମାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଯାଇଛି। ସେହିପରି ଅନ୍ୟ ଜଣଙ୍କର ନାମ ତ୍ରିଲୋଚନ ରାଉତଙ୍କ ନାମ ମଧ୍ୟ ଏତଲାରେ ଉଲ୍ଲେଖ ରହିଛି। ଏନେଇ ମହାକାଳପଡ଼ା ଥାନା ଅଧିକାରୀ ଧିରେଜ ଲେଙ୍କାଙ୍କୁ ପଚାରିବାରୁ ଏତଲା ଆଧାରରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

**ଦଳିତ ବସ୍ତି ରାସ୍ତାକୁ ଅବରୋଧ**

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା



**କେନ୍ଦ୍ରାପଡ଼ା, ୨୭।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତହସିଲ ଅଧିନ ବାରୋ ଗ୍ରାମର ଦଳିତ ବସ୍ତିର ଯାତାୟତ ପଥ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରି ଜବରଦଖଲ କରିଥିବାରୁ ଏହି ବସ୍ତିକୁ ଯିବା ଆସିବାରେ ଘୋର ଅସୁବିଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏନେଇ ବସ୍ତିର ବହୁ ସଂଖ୍ୟକ ଅଧିବାସୀ ଆଜି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ତୁରନ୍ତ ଏହି ଜବରଦଖଲ ହଟାଇବା ପାଇଁ ଦାବି କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଅଗ୍ନିଶମ ବାହିନୀ ଯାନ, ଆମ୍ବୁଲାନ୍ସ ପ୍ରଭୃତି ଜରୁରୀ କାଳୀନ ଯାନ ଗୁଡିକ ବସ୍ତି ମଧ୍ୟକୁ ଯାଇପାରୁ ନାହିଁ । ଧାରଣାକାରୀମାନେ ଏକ ଲିଖିତ ଅଭିଯୋଗ ପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଧାରଣାରେ ଗୋବିନ୍ଦ ମଲିକ, ବାବୁରାମ ମଲିକ, ବିଜୟ ମଲିକ, ଅମୂଲ୍ୟ ମଲିକଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ ।

## ହଂସୁଆକୁ ଖସି ପଡ଼ିଥିବା ଯୁବକଙ୍କ ମୃତ ଦେହ ଉଦ୍ଧାର

**ରାଜନଗର, ୨୭।୧ (ସଂଚାର ବ୍ୟୁରୋ):** ରାଜନଗର ହଂସୁଆ ନଦୀର ସେତୁ ଉପରୁ ଚଳିତ ମାସ ୨୩ ତାରିଖ ଦିନ ଜଣେ ଯୁବକ ନଦୀ ମଧ୍ୟକୁ ଖସି ପଡ଼ିଥିଲେ। ଗତକାଲି ରାତିରେ ଧନେଶ୍ୱରପୁର ନିକଟରେ ମୃତ ଦେହ ଉଦ୍ଧାର ହୋଇଛି। ଯୁବକ ଜଣଙ୍କ ରାଜନଗର ଥାନା ଅନ୍ତର୍ଗତ ଜରିମୂଳର ନୀଳମଣି ତ୍ରିପାଠୀ ( ୩୨ ବର୍ଷ ) ବୋଲି ଜଣାପଡ଼ିଛି। ଆଜି ଶବ ବ୍ୟବଛେଦ ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନୀଳମଣି ୨୩ ତାରିଖ ସଂଧ୍ୟାରେ ହଂସୁଆ ସେତୁର ବାଡ ଉପରେ ବସି ଫୋନରେ କଥା ହେଉଥିବା ବେଳେ ନଦୀ ମଧ୍ୟକୁ ଖସି ପଡ଼ିଥିଲେ। ତାଙ୍କର ଗୋଟିଏ ପଟ ଚପଲ ପୋଲ ଉପରେ ପଡ଼ିଥିଲା। ପୋଲିସ, ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜା ଖୋଜି ପରେ ମଧ୍ୟ ଯୁବକ ପତ୍ତା ମିଳିନଥିଲା।



# ଯୁକ୍ତିତର୍କକୁ ବିରୋଧ କରିବାରୁ ଯୁବକଙ୍କୁ ଆକ୍ରମଣ

**କାଠ ଫାଳିଆରେ ଫାଟିଲା ମୁଣ୍ଡ, ମାର୍ଶାଘାଇ ଥାନାରେ ଏତଲା**

**ମହାକାଳପଡ଼ା, ୨୭।୧ (ସଂଚାର ବ୍ୟୁରୋ):** ଯୁକ୍ତିତର୍କ ରୁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରତିବାଦ କରିବାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ମୁଣ୍ଡ ଫାଟି ଯାଇଛି। ଏନେଇ ଯୁବକ ଜଣଙ୍କ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମାର୍ଶାଘାଇ ଥାନା ଅନ୍ତର୍ଗତ ଦହିମାଛ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏମିତି ଏକ ସମ୍ବେଦନଶୀଳ ଘଟଣା ଘଟି ଯାଇଛି। ମିହିର ରାଉତ ଓ ତାଙ୍କ ପୁଅ ସୁଧାଂଶୁ ରାଉତ ଘରେ ଥିବା ସମୟରେ ତାଙ୍କ ଘର ସାମ୍ନାରେ ଦୁଇ ଜଣ ଅଚିହ୍ନା ବ୍ୟକ୍ତି ଗାଡ଼ି ରଖି କାହା ସହିତ ମୋବାଇଲରେ ଅଶାଳୀନ ଭାଷାରେ ବଡ଼ ପାଟିରେ କଥାବାର୍ତ୍ତା ହେଉଥିଲେ। ପାଟି ଶୁଣି ମିହିର ବାହାରକୁ ଆସି ସେ ଲୋକଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ହେଲେ ମିହିରଙ୍କୁ ଦୁଇ ଅଚିହ୍ନା ବ୍ୟକ୍ତି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ସେହି ସମୟରେ ମିହିରଙ୍କ ପୁଅ ସୁଧାଂଶୁ ବାହାରକୁ ଆସି ଘଟଣା ସମ୍ପର୍କରେ ପଚାରିବାରୁ ସେମାନଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଘଟଣା ସ୍ଥଳକୁ ସେହି ଗ୍ରାମର ଝୁନିରାଣୀ ନାୟକ ନାମକ ଯୁବତୀ ସେ ଦୁଇଜଣ ତାଙ୍କ ଲୋକ କହିବା ସହ ବାପା ଓ ପୁଅଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଏକ କାଠ ଫାଳିଆରେ ସୁଧାଂଶୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ମହିଳାଙ୍କ ପୁଅ ମଧ୍ୟ ସୁଧାଂଶୁଙ୍କ ଅଣ୍ଟା ଓ ପିଠିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁଧାଂଶୁଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବାରୁ ସେ ପ୍ରଥମେ ମାର୍ଶାଘାଇ ଥାନାରେ ଜଣାଇ ମେଡିକାଲ୍ ଯାଇଥିଲେ।

ଆଜି ଏନେଇ ସୁଧାଂଶୁ ଆଜି ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ପୋଲିସ ଏତଲା ଗ୍ରହଣ କରିବା ସହିତ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ମାର୍ଶାଘାଇରେ ସାଧାରଣତନ୍ତ୍ର ଦିବସ ପାଳିତ



**ମାର୍ଶାଘାଇ, ୨୭।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଗରଜଙ୍ଗା ହଳଦିଆଗଡା ନିକଟ ତାରିଣୀ ଶିକ୍ଷାନୁଷ୍ଠାନ ପରିସରରେ ଶିକ୍ଷନୁଷ୍ଠାନର ଚେୟାରମ୍ୟାନ ଶ୍ରୀବସ୍ତ ପଣ୍ଡା ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି । ମାର୍ଶାଘାଇ ପଞ୍ଚାୟତ ସମିତି ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ମାର୍ଶାଘାଇ ବିଡ଼ିଓ ପଞ୍ଚାନନ ମଲିକ, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ । ତହସିଲ କାର୍ଯ୍ୟାଳୟରେ ତହସିଲଦାର ଶ୍ରୀକାନ୍ତ ପରିଜା, ମାର୍ଶାଘାଇ ଥାନା ରେ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତ, ସବଟ୍ରେଜେରି କାର୍ଯ୍ୟାଳୟରେ ଅଧିକାରୀ ମନୋଜ କୁମାର ବେହେରା, ମାର୍ଶାଘାଇ କଲେଜରେ ଅଧ୍ୟକ୍ଷ ପ୍ରଣୟ ପରିଜା, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମହାପାତ୍ର, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅମରେଶ ମହାରାଜ, ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି ରେ ସମିତି ସଭାପତି ପ୍ରଦୀପ୍ତ କୁମାର ଗାହଣ, ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଭାଗବତ ବେହେରା, ଦୁମୁକା ସମବାୟ ସମିତି ରେ ସଭାପତି ସତ୍ୟନାରାୟଣ ନାୟକ, ଜଳ ନିକାସ ବିଭାଜନ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶିଳିପୁରସ୍ଥିତ ଡ଼ଲଫିନ ଶିକ୍ଷାନୁଷ୍ଠାନରେ ନିର୍ଦ୍ଦେଶକ ତୁଷାର ପାଲ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ କଲେଜଛକ ରିଜୋନାନ୍ସ କୋଚିଂ ସେଣ୍ଟରରେ ଅଧ୍ୟାପକ ବିକ୍ରମ ପାଇଟାଲ ପତାକା ଉତ୍ତୋଳନ କରିଥିଲେ ।

## ଆଞ୍ଚଳିକ ପରିବହନ ବିଭାଗ ତରଫରୁ ମେଗା ରକ୍ତଦାନ ଶିବିର

**କେନ୍ଦ୍ରାପଡ଼ା, ୨୭।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପରିବହନ ବିଭାଗର ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ଉପଲକ୍ଷେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି ରକ୍ତଦାନ ମହତଦାନର ବାର୍ତ୍ତା ଦେଇ ରକ୍ତଦାତାଙ୍କୁ ଉତ୍ସାହ କରିବା ସହିତ ଟ୍ରଷ୍ଟ ଆନୁକୂଲ୍ୟରେ ଅଞ୍ଚଳିକ ପରିବହନ ବିଭାଗର ଅଧିକାରୀ ଧିରେନ କୁମାର ନାୟକ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ତଥା ବରିଷ୍ଠ ମଟର ଯାନ ନିରୀକ୍ଷକ ବସନ୍ତ କୁମାର ସେନାପତି କନିଷ୍ଠ ମଟର ଯାନ ନିରୀକ୍ଷିକା କାଜଲ ପ୍ରଧାନ ବରିଷ୍ଠ କିରାଣୀ ସଞ୍ଜୟ କୁମାର ନାୟକଙ୍କ ସହିତ ଆଞ୍ଚଳିକ ସମସ୍ତ କର୍ମଚାରୀ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅବିନାଶ ବ୍ରହ୍ମଚାରି ଏହି ରକ୍ତଦାନରେ ମୁଖ୍ୟରେ ଦାୟିତ୍ୱରେ ଥିଲେ ।




## ଛାତ୍ରଛାତ୍ରୀମାନଙ୍କ କ୍ୟାରିୟର ପାଇଁ ଡିଏଲ୍‌ଏସ୍‌ଏର କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୨୭।୧ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ "ଏମ ପାୱାର ଅଫ ୟଙ୍ଗ ମାଇଣ୍ଡ" କାର୍ଯ୍ୟକ୍ରମ ଅରୁଆ କଦଳୀବଣ ବାଳାଶ୍ରମ ରେ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ସହିତ ଅନ୍ୟ ବିଚାରପତିମାନେ ପିଲାମାନଙ୍କ ସହିତ କ୍ୟାରିୟର ତିଆରି ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ସ୍ୱାମୀ ଦିବ୍ୟ ସ୍ୱରୂପ ଗିରି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଶ୍ରମର ଶ୍ରଦ୍ଧାଳୁ, ମହନ୍ତ, ସ୍ୱତନ୍ତ୍ର ପିପି ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ନିଜର ଭବିଷ୍ୟତ ତିଆରି କରିବା ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀ ଓ ବାଳାଶ୍ରମ କର୍ମଚାରୀ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ ପରିସରରେ ସାଧାରଣତନ୍ତ୍ର ଦିବସ

**ପଟ୍ଟାମୁଣ୍ଡାଇ, ୨୭।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ସଲଗ୍ନ ପ୍ରାଙ୍ଗଣରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି କସ୍ତୁରି ଚରଣ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରି ସମବେତ ବରିଷ୍ଠ ନାଗରିକ ମାନଙ୍କୁ ସାଧାରଣତନ୍ତ୍ର ଦିବସର ଶୁଭ ଅବସରରେ ଭାରତୀୟ ସମ୍ବିଧାନର ଗୁରୁତ୍ୱ, ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ବିଭିନ୍ନତା ମଧ୍ୟରେ ଏକତା ସମସ୍ତ ଭାରତୀୟ ମାନଙ୍କର ସ୍ୱପ୍ନ ହେଉ ବୋଲି ପ୍ରକାଶ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଚର୍ତୁଭୂଜ ରାଉଳ, ବ୍ଲକ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ପ୍ରଦୀପ କୁମାର ରଥ, ବିଜୟ କୁମାର ରାଉତ, ଶିକ୍ଷାବିତ ଶଚିନନ୍ଦନ ଦାସ, ପ୍ରାବନ୍ଧିକ ପ୍ରଦୀପ କୁମାର ନାୟକ, ପ୍ରମୋଦ କୁମାର ନାୟକ, ଇଂ ତପନ କୁମାର ପାତ୍ର, ଇଂ ଗୁଣଧର ସାମଲ, ନାରାୟଣ ରାଉଳ, ବଂଶିଧର ନାୟକ, ରାଧାଶ୍ୟାମ ଦାଶ, ରାଜେନ୍ଦ୍ର ପ୍ରସାଦ ସିଂହ, ପ୍ରମୋଦ କୁମାର ସାହୁ, ତ୍ରିଲୋଚନ ଜେନା ପ୍ରମୁଖ ଯୋଗଦାନ କରି ସାଧାରଣତନ୍ତ୍ର ଦିବସ ବିଷୟରେ ଆଲୋଚନା କରିଥିଲେ ।



**ମହାବୀର ଚ୍ୟାଲେଞ୍ଜ ଟ୍ରଫି-୨୦୨୫**

## ପାରାଦୀପକୁ ହରାଇ ଯାଜପୁର ଚମ୍ପିୟାନ

**ରାଜନଗର, ୨୭।୧ (ସଂଚାର ବ୍ୟୁରୋ):** ମଦନପୁର ମହାବୀର ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ପ୍ରତିଯୋଗିତା -୨୦୨୫ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଇନଜାନପୁର ଯାଜପୁର ଡାଇମଣ୍ଡ କ୍ରିକେଟ କ୍ଲବ୍ ପାରାଦୀପକୁ ୨ ଉଇକେଟରେ ହରାଇ ବିଜେତା ଘୋଷିତ ହୋଇଛି। ପ୍ରଥମେ ଟସ୍ ଜିତି ଯାଜପୁର ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ୨୦ ଓଭର ବିଶିଷ୍ଟ ଏହି ଖେଳରେ ୯ ଉଇକେଟ ହରାଇ ୨୨୬ ରନର ବିଶାଳ ସ୍କୋର ହାସଲ କରିଥିଲା। ୨୨୬ ରନର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ପଡ଼ିଆକୁ ଓହ୍ଲାଇଥିବା ପାରାଦୀପ ଜବାବରେ ସମସ୍ତ ଉଇକେଟ ହରାଇ ୨୨୪ ରନ କରି ପରାଜୟ ବରଣ କରିଥିଲା। ଦଳତରଫରୁ ପ୍ରମୋଦ ବେହେରା ୨୮ ବଲରେ ଧୂଆଁଧାର ୭୪ ରନ ଅନ୍ୟତମ ବ୍ୟାଟର ବିରଞ୍ଚିଙ୍କ ୧୩ ବଲ ୪୧ ରନ ସହ ଏକ ଶତକୀୟ ଭାଗିଦାରୀ କରିଥିଲେ କିନ୍ତୁ ଅନ୍ୟ ଖେଳାଳମାନେ ଉନ୍ନତ ଖେଳ ପ୍ରଦର୍ଶନ ନକରିପାରିବାରୁ ଦଳ ୨୨୪ ରନରେ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିଥିଲା।




ଚାମ୍ପିଅନ ଯାଜପୁରକୁ ୧୫ ହଜାର ଅର୍ଥରାଶି ସହ ଟ୍ରଫି ଓ ରନର୍ସ ଅପ୍ ପାରାଦୀପକୁ ୧୦ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଯାଜପୁରର ନାସିର୍ ଅଲ୍ଲୀଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ଏବଂ ପାରାଦୀପର ପ୍ରମୋଦ ବେହେରାଙ୍କୁ ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଭାବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଭାବେ ଦୀପେନ୍ଦ୍ର ଯାଦବ, ବେଷ୍ଟ ଫିଲଡର ଭାବେ ନାସିର୍ ଅଲ୍ଲୀ ବିବେଚିତ ହୋଇଥିଲେ।

କଥାକାର ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଓଡିଶା ଶ୍ରୀରାମ ସେନାର ମୁଖ୍ୟ ସଂଯୋଜକ ଯୁବନେତା ଶାରଦା ପ୍ରସାଦ ରାଉତ, ମୁଖ୍ୟବକ୍ତା ଭାବେ ଯାମିନୀକାନ୍ତ ଭୂୟାଁ ବରିଷ୍ଠ ଆଡଭୋକେଟ୍ ହାଇକୋଟ୍, ସମ୍ମାନିତ ଅତିଥି ଭାବରେ ଛାତ୍ରନେତା ତଥା ସମାଜସେବୀ ଇତିଶ୍ ପ୍ରଧାନ, ସୌମ୍ୟରଞ୍ଜନ ଧଳ ପୂର୍ବ ଓଡିଶା ନିର୍ମାଣ ଶ୍ରମିକନେତା, ଓଡିଶା ସାଇନ୍ ଫାଉଣ୍ଡେସନର ସମୀର ବାଇ, ଡ. ସୁଶାନ୍ତ ସାହୁ, ବାସୁଦେବ ମଲ୍ଲିକ, ନିହାର ରଞ୍ଜନ ବିଶ୍ୱାଳପ୍ରମୁଖ ଯୋଗ ଦେଇଥିଲେ।

## ଦଶିପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମାର୍ଶାଘାଇ, ୨୭।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଦଶିପୁର କ୍ରିକେଟ୍ ଗ୍ରାଉଣ୍ଡରେ ୩୮ତମ ପ୍ରିମିୟର ଲିଗ୍ ରବିବାର ସନ୍ଧ୍ୟାରେ ଉଦଘାଟିତ ହୋଇ ଯାଇଛି। ଏହି ଲିଗ୍ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଦଳ ଭାଗନେଇଥିବା ବେଳେ ପାଟଳିପଙ୍କ ଏବଂ କାଳିଆପାଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପାଟଳିପଙ୍କ ବ୍ୟାଟିଂ କରି ସୀମିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ଅନ୍ୟପକ୍ଷରେ କାଳିଆ ପାଟ ୮୬ ରନ୍‌ରେ ସମସ୍ତ ୱିକେଟ୍ ହରାଇ ପରାଜୟ ବରଣ କରିଥିଲା। ଏହି ଫାଇନାଲ ମ୍ୟାଚରେ ଦୌଡ ରାଣୀ ତଥା ଅର୍ଜୁନ ପୁରସ୍କାର ପ୍ରାପ୍ତ ଧାବିକା ଦୁତି ଚାନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଦଶିପୁର ଗ୍ରାମର ଝିଅ ଯାଜପୁର ଜିଲ୍ଲା ଜେନାପୁର ଥାନା ଅଧିକାରୀ ନିରୁପମା ଜେନା, ମୁଖ୍ୟ ବକ୍ତା, ଉଦୟ ଟାଇମ୍ସ ନ୍ୟୁଜର ଏଡିଟର ଦିପକ କୁମାର ରଥ, ସମାଜସେବୀ ସମୀର ବେହେରା, ସୁଦର୍ଶନ ମାଝୀ ଅତିଥି ଭାବରେ ଯୋଗଦେଇ ଚମ୍ପିୟାନ ଟିମ୍‌କୁ ୧୯ ହଜାର ୯୯୯ ଟଙ୍କାର ଚେକ୍ ସହିତ ଟ୍ରଫି ଏବଂ ରନର୍ସ ଅଫ୍ ଟିମ୍‌କୁ ୯ ହଜାର ୯୯୯ ଟଙ୍କାର ଚେକ୍ ସହିତ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ସିରିଜ କାମେଶ୍ୱର ମଲ୍ଲିକ, ମ୍ୟାନ ଅଫ୍ ଦି ମ୍ୟାଚ ସୁନିଲ ସାହୁ,ବେଷ୍ଟ ଫିଲଡର ଏସ୍. ରମାକାନ୍ତଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ବିନୋଦ ରାଉତ,ପ୍ରଶାନ୍ତ ବେହେରା ପରିଚାଳନା କରିଥିଲେ ଖେଳର ଧାରା ବିବରଣୀ ପ୍ରଭାତ ଚୌଧୁରୀ, ମନୋଜ ସାମଲ, ମହେଶ୍ୱର ବେହେରା ସୁଚାରୁରୂପେ ସମ୍ପାଦନା କରିଥିବା ବେଳେ ଇଲୁ ମହାନ୍ତି, ପ୍ରଭାତ ମହାନ୍ତି,ବବୁ ମଲ୍ଲ, ବବୁଲ ବେହେରା,ସାହିଲ ରାଉଳ,ଙ୍କ ସମେତ ଦଶିପୁର କ୍ରିକେଟ୍ କ୍ଲବ ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।




**AFFIDAVIT**

By virtue of an affidavit swom before the Executive Magistrate Bhubaneswar date- 21.01.2025. I, Biiplab Nayak , S/o Balaram Nayak,At-po/ Taras, ps /Taras, Dist- Kendrapara, pin- 754220 Odisha, Biplab Nayak have changed my name Biplab Nayak from certificate no- A107196084 in name of Biplab Nayak S/o - Balaram Nayak and M/o- Pranati Nayak declared that Biplab Nayak and Biplaba Kumar Nayak is one and Same person. Henceforth I shall be known as BIPLAB NAYAK for all purposes.

**AFFIDAVIT**

I, Rama Narayan Nandi, S/O-Krushna Chandra Nandi, Resident of At/ Po-Bhuban, Ward No-1, Latabila, Pin-759017, Dist-Dhenkanal,Odisha. In my HSCE Certificate my father's name is wrongly mentioned as Krishna Chandra Nandi. Krishna Chandra Nandi and Krushna Chandra Nandi is same and one person. By this Affidavit No-1833,Dated 22.01.2025,that now onwards my father shall be known as Krushna Chandra Nandi for all future purposes.

# କେନ୍ଦ୍ରାପଡ଼ାରେ ସାଧାରଣତନ୍ତ୍ର ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୭।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ମହା ସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ବି. ପରମେଶ୍ୱରନ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବାହ୍ନ ୮.୩୦ ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଆମର ସାମ୍ବିଧାନିକ ପିତାମହ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରଣୀତ ସମ୍ବିଧାନ ଆମକୁ ଶିକ୍ଷା, ନ୍ୟାୟ, ଧର୍ମନିରପେକ୍ଷତା ଏବଂ ଲୋକତନ୍ତ୍ର ଯୋଗାଇଛି ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ସ୍ୱାଧୀନତାର ସ୍ୱାଦ ଚଖାଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ଚିରଦିନ ପାଇଁ ଆମକୁ ପ୍ରେରଣା ଯୋଗାଇ ଦେଇଆସିଛି ଓ ଯୋଗାଉଥିବ ମଧ୍ୟ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ ।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ରିଜର୍ଭ ଇନିସ୍‌ପେକ୍ଟର୍ ଶ୍ରୀ ପି. କେ. ରଣସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ୍ ୨୬ ଗୋଟି ଦଳ ସମ୍ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି କେନ୍ଦ୍ରାପଡ଼ା ସବ୍‌ଜେଲ୍ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ପରେ ଇଚ୍ଛାପୁର ଶ୍ୟାମଗୁଡ଼ିଆଠାରେ ଥିବା ନୂତନ ମେଡିକାଲ୍‌ରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।




କେନ୍ଦ୍ରାପଡ଼ା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କେନ୍ଦ୍ରାପଡାକୁ ଗୌରବାନ୍ୱିତ କରିଥିବା ଆଶା କର୍ମୀ ଶିବାନୀ ମଣ୍ଡଳ, ସେବା ନିବୃତ୍ତ ଶିକ୍ଷକ ବନ ବିହାରୀ ଦାସ, ଆମ୍ବୁଲାନ୍ସ ଡ୍ରାଇଭର ମାନସ କୁମାର ମଲିକ ଓ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ୬ ଜଣ କ୍ରୀଡାବିତଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବିଭିନ୍ନ ସରକାରୀ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ କରାଯାଇଥିଲା । ଏଥିରେ ଜିଲ୍ଲା କୃଷି ବିଭାଗ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବ ଶିକ୍ଷା ଅଭିଯାନ ଦ୍ୱିତୀୟ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

# ରାଜ୍ୟପାଳଙ୍କୁ ଭେଟିଲେ ୭ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଛାତ୍ର ପ୍ରତିନିଧି



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଉତ୍ତର-ପୂର୍ବାଞ୍ଚଳର ୭ଟି ରାଜ୍ୟର ଛାତ୍ର ପ୍ରତିନିଧି ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଛନ୍ତି। ଆନ୍ତଃରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମରେ ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ମଣିପୁର ଓ ତ୍ରିପୁରାର ଛାତ୍ରଛାତ୍ରୀମାନେ ଓଡ଼ିଶା ପରିଭ୍ରମଣରେ ଆସିବା ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ଅଭିଷେକ ହଲ୍‌ଠାରେ ରାଜ୍ୟପାଳଙ୍କ ସହ ବାର୍ତ୍ତାଳାପ ସମୟରେ ଓଡ଼ିଶା କେମିତି ଲାଗୁଛି ବୋଲି ରାଜ୍ୟପାଳ ଛାତ୍ର ପ୍ରତିନିଧିମାନଙ୍କୁ ପଚାରିଥିଲେ। ଉପରୋକ୍ତ ୭ଟି ରାଜ୍ୟର ଛାତ୍ର ପ୍ରତିନିଧିମାନେ ନିଜ ନିଜ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ବୈଶିଷ୍ଟ୍ୟ ସମ୍ପର୍କରେ ଅବତାରଣା କରିବା ସହ ଓଡ଼ିଶାର ସାଂସ୍କୃତିକ ପରମ୍ପରା, ଭାସ୍କର୍ଯ୍ୟ, ଆତିଥେୟତା, ମହିମା ମଣ୍ଡିତ ଦେବଦେବୀ ପୀଠ, ସୌନ୍ଦର୍ଯ୍ୟ ଓ ମହାନତାର ପ୍ରଶଂସା କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ରାଜ୍ୟପାଳଙ୍କ ସୌଜନ୍ୟରେ ଆୟୋଜିତ ନୈଶ୍ୟ ଭୋଜିରେ ଅତିଥି ଛାତ୍ର ପ୍ରତିନିଧି ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ ଜାତୀୟ ଏକତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉତ୍ତର-ପୂର୍ବାଞ୍ଚଳର ଛାତ୍ରଛାତ୍ରୀମାନେ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରୁଛନ୍ତି।

# ଧାନ ବିକିଲେଣି ୯ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ଧାନକିଣା ଲକ୍ଷ୍ୟ ହାସଲ ନେଇ ସରକାର ନେଇଥିବା ପଦକ୍ଷେପ ସଫଳ ହେବାରେ ଲାଗିଛି।

- **ଏମଏସପି ବାବଦକୁ ୯୦୬୯ ଓ ଇନପୁଟ ବାବଦରେ ୩୧୫୪ କୋଟି ପ୍ରଦାନ**

ସରକାରୀ ବ୍ୟବସ୍ଥାରେ ସାମିଲ ହୋଇ ପଞ୍ଜିକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ନେଇ କରାଯାଇଥିବା ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ ଚାଷୀମାନେ ଅଧିକ ଉତ୍ସାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଶାଇ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ମଧ୍ୟ ଚାଷୀମାନଙ୍କ ମନରେ ଖୁସି ଭରି ଦେଉଛି। ଏହି ମର୍ମରେ ରାଜ୍ୟର ୩୦ଟିଯାକ ଜିଲ୍ଲାରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକିସାରିଲେଣି। ଧାନକ୍ରୟ ପରେ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୯୦୬୯ କୋଟି ଓ ଇନ୍‌ପୁଟ ସହାୟତା ଭାବେ ୩୧୫୪ କୋଟି ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୦ ପ୍ରତିଶତ ହାସଲ କରାଯାଇଥିବାବେଳେ ଆଉ ଅଳ୍ପ ଦିନ ମଧ୍ୟରେ ଏହି ଜିଲ୍ଲା ଗୁଡିକରେ ଧାନକିଣା ପ୍ରକ୍ରିୟା ଶେଷ ହେବ। ସେହିଭଳି ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଧାନକିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ସମ୍ପୃକ୍ତ ଅଂଶୀଦାର ଏବଂ ଅନ୍ୟ ସମ୍ପୃକ୍ତ ହିତାଧିକାରୀଙ୍କ ସହଯୋଗ ଓ ସମନ୍ୱୟ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସେହିଭଳି ଧାନର ପ୍ରକ୍ରିୟାକରଣ ପାଇଁ ମିଲଗୁଡ଼ିକୁ ଧାନ ନେବା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଉଛି। ସାରା ରାଜ୍ୟରେ ଧାନକିଣା ଓ ଧାନ ଯୋଗାଣ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି।



# ବିଷାକ୍ତ ଫଳ ଖାଇ ୧୦ରୁ ଅଧିକ ଶିଶୁ ଆହତ



**ଯାଜପୁର,୨୭।୧(ସଂଚାର ବ୍ୟୁରୋ):** ବିଷାକ୍ତ ଫଳ ଖାଇ ୧୦ରୁ ଅଧିକ ଶିଶୁ ଆହତ । ସମସ୍ତଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣା ଘଟିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଆରୁହା ହାଟ ସାହିରେ। ଆହତ ଶିଶୁଙ୍କ ମଧ୍ୟରେ ୫ ବର୍ଷରୁ ୧୧ବର୍ଷ ପର୍ଯ୍ୟନ୍ତ ଶିଶୁ ରହିଥିବା ସୂଚନା ମିଳିଛି । ସୂଚନା ମୁତାବକ, ଆଜି ହାଟ ସାହିର ପିଲାମାନେ ଖେଳୁଥିବା ବେଳେ ଏହି ଜଡ଼ାଖାଇ ଫଳ ବା ବିଷାକ୍ତ ଫଳ ଖାଇଥିଲେ । ଫଳ ଖାଇବାର କିଛି ସମୟ ପରେ ପିଲାମାନେ ହଠାତ ବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ଏହା ଦେଖି ସ୍ଥାନୀୟ ଧର୍ମଶାଳା ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଶିଶୁ ମାନଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

## ବିଜେଡିର ସଂସଦୀୟ ଦଳ ବୈଠକ

# ଅଧ୍ୟକ୍ଷତା କରିବେ ବିଜେଡି ସଭାପତି



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ବିଜେଡିର ସଂସଦୀୟ ଦଳ ବୈଠକ। ସଂସଦର ବଜେଟ ଅଧିବେଶନ ପୂର୍ବରୁ ଏହି ବୈଠକରେ ବଜେଟ ଅଧିବେଶନ ପାଇଁ ଦଳ ରଣନୀତି ପ୍ରସ୍ତୁତ କରିବ। ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିବେ। ବୈଠକରେ ମୁଖ୍ୟତଃ ଏକକ ନିର୍ବାଚନ ବିଲ, ୱାକଫ ଆମେଣ୍ଡମେଣ୍ଟ ବିଲ, ରାଜ୍ୟକୁ ସ୍ପେଶାଲ କ୍ୟାଟାଗୋରୀ ଷ୍ଟାଟସ, ପୁରୀ ଗ୍ରୀନ ଫିଲଡ ଏୟାରପୋର୍ଟ, ଇଷ୍ଟକୋଷ୍ଟ ରେଲୱେରୁ ୱାଲଟିୟର ଡିଭିଜନ ଅଲଗା ହେବା, ରାଜ୍ୟରେ ଟେଲି ଡେନସିଟି ସହ ଅଧିକ ସଂଖ୍ୟାରେ ବ୍ୟାଙ୍କ ସ୍ଥାପନ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ପୂର୍ବରୁ ୱାନ ନେସନ, ୱାନ ଇଲେକ୍ସନ ବିଲ ଓ ୱାକଫ ଆମେଣ୍ଡମେଣ୍ଟ ବିଲକୁ ଓଡ଼ିଶା ବିରୋଧ କରିଛି। ସଂସଦରେ ଏହି ପ୍ରସଙ୍ଗ ବିଜେଡି ସାଂସଦମାନେ ଉତଥାପନ କରିବେ। ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଲକୁ ତର୍ଜମା ପାଇଁ ଯୁଗ୍ମ ସଂସଦୀୟ କମିଟି-ଜେପିସିକୁ ପଠାଯାଇଛି। ଏଥିରେ ଲୋକସଭାରୁ ୨୭ ସାଂସଦ ଅଛନ୍ତି। ଜେପିସିରେ ରାଜ୍ୟସଭାରୁ ୧୨ ଜଣ ସାଂସଦଙ୍କ ମଧ୍ୟରେ ଅଛନ୍ତି ବିଜେଡିର ମାନସ ମଙ୍ଗରାଜ। ପୂର୍ବରୁ ୱାନ୍ ନେସନ, ୱାନ ଇଲେକ୍ସନକୁ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିରୋଧ କରି ବିଧାନସଭାର ଶୀତ ଅଧିବେଶନରେ ଏକ ସଂକଳ୍ପ ଆଣିଥିଲେ।

# ବାରହା ଆତଙ୍କ

## ବୃଦ୍ଧା ମୃତ, ଯୁବକ ଗୁରୁତର

**ଯାଜପୁର,୨୭।୧(ସଂଚାର ବ୍ୟୁରୋ):** ଯାଜପୁର ଜେନାପୁରରେ ବାରହା ଆତଙ୍କ ଦେଖାଦେଇଛି। ବାରହା ଆକ୍ରମଣରେ ଜଣେ ବୃଦ୍ଧା ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ରେଖିଦେଇପୁର ଅଞ୍ଚଳର ଜଣେ ବୃଦ୍ଧା ହାଟରୁ ପରିବା କିଣି ଫେରୁଥିବା ସମୟରେ ଅଚାନକ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା। ବୃଦ୍ଧାଙ୍କୁ ରକ୍ଷା କରିବାକୁ ଯାଇ ଜଣେ ଯୁବକ ମଧ୍ୟ ବାରହା ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଯୁବକଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାରହା ବୁଲୁଥିବାର ନେଇ ବନ ବିଭାଗକୁ ଜଣାଇଛନ୍ତି ସ୍ଥାନୀୟ ଲୋକେ। ବାରହା ଆକ୍ରମଣ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

# ମା’ ମଝିଘରିଆଣୀଙ୍କ ହୁଣ୍ଡିରେ ବିଦେଶୀ ମୁଦ୍ରା



**ରାୟଗଡ଼ା,୨୭।୧(ସଂଚାର ବ୍ୟୁରୋ):** ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ଆଜି ଖୋଲାଯାଇଛି। ମନ୍ଦିରରେ ଥିବା ୯ଟି ଦାନହୁଣ୍ଡି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ନଗଦ ୯୪ ଲକ୍ଷ ୪୯ ହଜାର ୫୪ ଟଙ୍କା ସହିତ ୯୩ ଗ୍ରାମ ସୁନା ଓ ୨୧୭୦ ଗ୍ରାମ ରୂପା ବାହାରିଥିବା ଜଣାପଡ଼ିଛି। ଏଥିସହିତ ବିଭିନ୍ନ ପ୍ରକାର ୫ଟି ବିଦେଶୀ ନୋଟ ମଧ୍ୟ ବାହାରିଛି। ବିଦେଶରେ ରହୁଥିବା କୌଣସି ଭକ୍ତ ମା’ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ଆଜି ସକାଳ ୧୦ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୧୨ ଘଂଟା ଧରି ଗଣତି ଚାଲିଥିଲା। ଏହା ପୂର୍ବରୁ ୨୦୨୪ ଜୁଲାଇ ୨୪ ତାରିଖରେ ହୁଣ୍ଡିରୁ ନଗଦ ନଗଦ ୯୯ ଲକ୍ଷ ୧୫ ହଜାର ୪୨୨ ଟଙ୍କା ସହିତ ୫୩ ଗ୍ରାମ ସୁନା ଓ ୨୩୯୨ ଗ୍ରାମ ରୂପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ୩୩ଟି ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ସୂଚନା ଥାଉକି, ବର୍ଷକୁ ୩ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି ଓ ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତି ବେଳେ ପୋଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା।

# ଚିକିତ୍ସାଜନିତ ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ଭଦ୍ରକ,୨୭।୧(ସଂଚାର ବ୍ୟୁରୋ):** ଭଦ୍ରକ ସହର ଗାନ୍ଧୀପଡ଼ିଆରେ ଥିବା ଏକ ନର୍ସିଂହୋମରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ସମ୍ପର୍କୀୟ ନର୍ସିଂହୋମ ଭଙ୍ଗାରୁଜା କରିବା ସହ ଡାକ୍ତରଙ୍କ ଗାଡ଼ି ଭାଙ୍ଗି ଦେଇଛନ୍ତି। ଅନ୍ୟପକ୍ଷେ ମେଡିକାଲ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ନ ଆସିବା ଯୋଗୁ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ପୋଲିସ ଉପସ୍ଥିତିରେ ଏହି ଭଙ୍ଗାରୁଜା ହୋଇଥିଲା । ଭଦ୍ରକ ଜିଲା ଅସୁରାଳି ଅଞ୍ଚଳର ଦେବସ୍ମିତା ଜେନାଙ୍କ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ନର୍ସିଂହୋମରେ ରବିବାର ରାତିରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୩ଟାରେ ଅପରେଶନ କରାଯାଇଥିଲା। ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା । ହେଲେ ସକାଳୁ ପ୍ରସୂତିଙ୍କ ଯନ୍ତ୍ରଣା ଆରମ୍ଭ ହେବା ପରେ ୧୫ରୁ ଅଧିକ ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ଶେଷରେ ମଧ୍ୟାହ୍ନ ୧୨ଟା ୩୦ରେ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳାରୁ ଦେବସ୍ମିତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ଏକ ପାଲଟା ମାମଲା ରୁଜୁ ହୋଇଛି।

# ବିଡ଼ାନାସୀରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ

## ଲୋକଙ୍କ ମୌଳିକ ଅଧିକାର ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା



**କଟକ,୨୭।୧(ସଂଚାର ବ୍ୟୁରୋ):** ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଗତକାଲି ସ୍ଥାନୀୟ ବିଡ଼ାନାସୀ ମିନି ଷ୍ଟାଡିୟମ୍‌ରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରିଛନ୍ତି। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ରାଜ୍ୟର ଜନସାଧାରଣଙ୍କୁ ସେମାନଙ୍କ ମୌଳିକ ଅଧିକାର ପ୍ରଦାନ ନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମତ ଦେଇଛନ୍ତି। ଏହି ପବିତ୍ର ଦିନରେ ବିକଶିତ ଭାରତ, ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସମସ୍ତେ ଶପଥ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସହ ଗୌରବମୟ ଦିବସ ପାଳନ ଅବସରରେ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ଅଖଣ୍ଡତା ବଜାୟ ସହ ସୁଶାସନ ଯୋଗାଇବା ପରମ ଲକ୍ଷ୍ୟ। ଦେଶର ଗଣତନ୍ତ୍ର ବଜାୟ ରଖିବାରେ କୋଟି କୋଟି ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିରବଚ୍ଛିନ୍ନ ଭାବେ ଗଣତନ୍ତ୍ରକୁ ବଜାୟ ସହ ଦେଶର ଅଗ୍ରଗତି ହେଉଛି। ଖୁବ୍‌ଶୀଘ୍ର ଆମ ଦେଶ ତୃତୀୟ ଶ୍ରେଷ୍ଠ ଅର୍ଥନୀତି ହେବାକୁ ଯାଉଛି । ୧୪୦ କୋଟି ଭାରତୀୟଙ୍କ ଜୀବନଯାପନ ଶୈଳୀରେ ପରିବର୍ତ୍ତନ ଆସିଛି। ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଆ ଅସ୍ମିତା ସହ ରାଜ୍ୟ ଆଗକୁ ବଢି ଚାଲିଛି। ମହିଳାମାନେ ଆମ ସମାଜର ବଡ଼ ଅଙ୍ଗ ପାଲଟିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୮୦ ଲକ୍ଷରୁ ଅଧିକ ମହିଳା ସୁଭଦ୍ରା ଟଙ୍କା ପାଇ ସାରିଲେଣି। ସେହିପରି ଆୟୁଷ୍ମାନ କାର୍ଡରେ ଯୋଡ଼ିହେବେ ସାଢେ ୩ କୋଟି ଓଡ଼ିଆ। ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ଆଦିବାସୀମାନଙ୍କ ସ୍ୱାର୍ଥ ସ୍ୱାଭିମାନ ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସିଆଇଆଇ ୟଙ୍ଗ ଇଣ୍ଡିଆନ୍ସ ଭୁବନେଶ୍ୱର ଚାପ୍ଟର ଅଧିବେଶନରେ ରାଜ୍ୟପାଳ

# ଉତ୍କର୍ଷ ଓଡ଼ିଶା ବିକଶିତ ଭାରତ ଗଠନରେ ଉତ୍‌ପ୍ରେରକ ହେବ



**ଭୁବନେଶ୍ୱର, ୨୭।୧(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡ଼ିଶା ବିକଶିତ ଭାରତ ଗଠନ ଦିଗରେ ଉତ୍‌ପ୍ରେରକ ହେବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ)ର ୟଙ୍ଗ୍ ଇଣ୍ଡିଆନ୍ସ ଭୁବନେଶ୍ୱର ଚାପ୍ଟର ଆନୁକୂଲ୍ୟରେ ଆୟୋଜିତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ମତ ବ୍ୟକ୍ତ କରିଛନ୍ତି। ଉକ୍ତ ଅଧିବେଶନରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା ବେଳେ ରାଜ୍ୟପାଳ କହିଥିଲେ ଯେ ବିକଶିତ ଓଡ଼ିଶା ଗଠନ ପାଇଁ ଉତ୍କର୍ଷ ଓଡ଼ିଶା ଏକ ସୁଯୋଗ ସୃଷ୍ଟି କରିବ। ଓଡ଼ିଶାରେ ଅପାର ସମ୍ଭାବନା ରହିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦ, ପର୍ଯ୍ୟଟନ ବିଭବ, ସୁବିସ୍ତୃତ ବେଳାଭୂମି ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆସୁଥିବା ନିବେଶକମାନଙ୍କୁ ଆକର୍ଷିତ କରିବାର ମାଧ୍ୟମ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ପରିକଳ୍ପନା ଦିଗରେ ପ୍ରୟାସ ଆରମ୍ଭ କରିଛନ୍ତି। ବିକଶିତ ଭାରତର ପ୍ରୟାସକୁ ବିକଶିତ ଗାଁ, ବିକଶିତ ଜିଲ୍ଲା ଏବଂ ବିକଶିତ ରାଜ୍ୟ ସାକାର କରିବ। ରାଷ୍ଟ୍ର ନିର୍ମାଣ ଓ ଭାରତର ଭବିଷ୍ୟତ ଗଠନରେ ଯୁବ ପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଗତ ଦଶନ୍ଧି ମଧ୍ୟରେ ଭାରତରେ ଯୁବକମାନଙ୍କ ମାନସିକତାରେ ଅନେକ ପରିବର୍ତ୍ତନ ଆସିଛି। ପୂର୍ବରୁ ଯୁବକମାନେ କେବଳ ଚାକିରି ପଛରେ ଧାଉଁଥିଲେ। କିନ୍ତୁ ଏବେ ଅନେକ ଯୁବକ ଉଦ୍ୟୋଗୀ ହେବାକୁ ଆଗ୍ରହୀ ହେଉଛନ୍ତି। ସାମ୍ପ୍ରତିକ ସମୟରେ ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ବହୁସଂଖ୍ୟାରେ ବଢ଼ି ଚାଲିଛି। ସରକାର ମଧ୍ୟ ଏ ଦିଗରେ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଏହି ଅବସରରେ ରାଜ୍ୟପାଳ ନୂତନ ଶିକ୍ଷା ନୀତି ଉପରେ ଆଲୋକପାତ କରି ଏହା ଶିକ୍ଷା ଦୃଷ୍ଟିକୋଣକୁ ଅଧିକ ସମ୍ପ୍ରସାରିତ କରିଛି ବୋଲି କହିଥିଲେ। ନୂତନ ଶିକ୍ଷା ନୀତିରେ ଦକ୍ଷତା ବୃଦ୍ଧି, ଇଣ୍ଡଷ୍ଟ୍ରି-ଏକାଡେମିଆ ଆଲୋଚନା ଉପରେ ଗୁରୁତ୍ୱାରୋପ କରାଯାଇଛି ବୋଲି ରାଜ୍ୟପାଳ ଡ. କମ୍ଭମ୍ପାଟି କହିଥିଲେ। ଏହି ଅବସରରେ ୟଙ୍ଗ ଇଣ୍ଡିଆର ରାଷ୍ଟ୍ରୀୟ ଅଧ୍ୟକ୍ଷ ତରଙ୍ଗ ଖୁରାନା ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଆୟୁଷ ଯଶୋରିୟା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଡିଏଭିରେ ୭୬ତମ ସାଧାରଣତନ୍ତ୍ର ଦିବସ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଡିଏଭି ପୋଖରୀପୁଟରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଶ୍ୱ ଦରବାରରେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଚିତ ହେବା ପାଇଁ ସମସ୍ତଙ୍କର ଉଦ୍‌ଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ ନିଜର ଅଭିଭାଷଣରେ କହିଥିଲେ । ଜାତୀୟ ସ୍ତରରେ ଡିଏଭି ପୋଖରୀପୁଟର ମର୍ଯ୍ୟାଦା ବୃଦ୍ଧି ନିମନ୍ତେ ସମସ୍ତଙ୍କର ଏକନିଷ୍ଠ ସାଧନାର ଆବଶ୍ୟକତା ବୋଲି ସେ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଦେଶପ୍ରେମରେ ବ୍ରତୀ ହେଲେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସଫଳ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ନିଜର ଅଭିଭାଷଣରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଚାରୋଟି ସଦନ ଭକ୍ତି, ସ୍ତୁତି, ଶ୍ଳୋକ ଓ ମନ୍ତ୍ର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ପ୍ୟାରେଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା , ଯେଉଁଥିରେ ମନ୍ତ୍ର ସଦନର ବିଦ୍ୟାର୍ଥୀ ଚମ୍ପିୟାନ୍ ହୋଇଥିବା ବେଳେ ଶ୍ଳୋକ ସଦନର ବିଦ୍ୟାର୍ଥୀ ରନର୍ସ ଅପ୍ ହୋଇଥିଲେ । ମନ୍ତ୍ର ସଦନର ଶିକ୍ଷକ ଶିକ୍ଷୟିତ୍ରୀ ନରୋତ୍ତମ ଷଡ଼ଙ୍ଗୀ, ସୁକୁମାର ପାଣି ଓ ବିନ୍ଦୁରାଣୀ ଦତ୍ତ ବିଦ୍ୟାର୍ଥୀଙ୍କର ଏହି ସଫଳତା ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ମାଓବାଦୀଙ୍କ ବର୍ବରକାଣ୍ଡ: ଘରେ ପଶି ହାଣିଦେଲେ



**ମାଲକାନଗିରି,୨୭।୧(ସଂଚାର ବ୍ୟୁରୋ):** କିଛି ଦିନର ନୀରବତା ପରେ ପୁଣି ମାଓବାଦୀମାନେ ଛତିଶଗଡ଼ ବିଜାପୁର କେଶମୁଣ୍ଡି ଗାଁରେ ବର୍ବରକାଣ୍ଡ ଭିଆଇଛନ୍ତି। ମାଓବାଦୀମାନେ କେଶମୁଣ୍ଡି ଗାଁରେ ପଶି ଜଣଙ୍କୁ କୁରାଢ଼ିରେ ହାଣି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ କେଶମୁଣ୍ଡି ଗାଁର ୪୧ ବର୍ଷୀୟ ଯୁବକ ଭାଦୁ ସୋଧି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ଏନେଇ ଗାଁ ଭୟର ବାତାବରଣ ଖେଳି ଯାଇଛି। ଖବର ପାଇ ପୋଲିସ ଗାଁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏପରିକି ଏକ ପୋଲିସ ଟିମ୍ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୬ତାରିଖରେ ଛତିଶଗଡ଼ ବସ୍ତର ଡିଭିଜନ ବିଜାପୁର କୁଟ୍ରୁ-ବେଦ୍ରେ ରାସ୍ତାରେ ମାଓବାଦୀମାନେ ଏକ ଆଇଇଡି ବିସ୍ଫୋରଣ ଖଞ୍ଜି ଯବାନଙ୍କ ଏକ ଗାଡ଼ିକୁ ଉଡ଼ାଇ ଦେଇଥିଲେ। ବିସ୍ଫୋରଣରେ ୯ଜଣ ଯବାନ ଶହୀଦ ହୋଇଥିଲେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ୫୦ ଫୁଟ ଉପରକୁ ଯବାନଙ୍କ ଗାଡ଼ି ଉଡି ଯାଇଥିଲା।

# ଆରମ୍ଭ ହେଲା ଜିରୋ ୱେଷ୍ଟ ଅଭିଯାନ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଆରମ୍ଭ ହେଲା ଜିରୋ ୱେଷ୍ଟ ଅଭିଯାନ। ପରିମଳକୁ ଆଉ ଏକ ପାଦ ଆଗକୁ ନେଇ ଶିକ୍ଷାୟତନରୁ ଜିରୋ ୱେଷ୍ଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଭୁବନେଶ୍ୱର ମହାନଗର ନିଗମ(ବି ଏମ୍ ସି)। ବିଦ୍ୟାର୍ଥୀଙ୍କୁ ଏହି ଦିଗରେ ବ୍ରତୀ

- **ମଙ୍ଗ ଧରିଲେ ଚିହ୍ନିତ ବିଦ୍ୟାଳୟ ସମୂହ**
- **ସହିଦ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମ**

କରାଇବାକୁ ଯୋଜନାବଦ୍ଧ ଭାବେ ସେମାନଙ୍କୁ ଶିକ୍ଷା ଏବଂ ଅଭ୍ୟାସଗତ ପରିବର୍ତ୍ତନରେ ସାମିଲ୍ କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମକୁ ଆଜି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି ବି ଏମ୍ ସିର ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ। ସ୍ଥାନୀୟ ସହିଦନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷାର୍ଥୀମାନଙ୍କର ଜିରୋ ୱେଷ୍ଟ ବାବଦରେ ଜ୍ଞାନ ଏବଂ ଆଚରଣ ବାବଦରେ ପଚାରି ବୁଝିଥିଲେ ମାନନୀୟା ମେୟର। ତେବେ ଏହା ଏକ ଆଚରଣ ଏବଂ ପ୍ରତିବଦ୍ଧତା, ଯାହାକି ଆମ ବିଦ୍ୟାଳୟରେ ପାଳନ ହେଉଛି ଏବଂ ଏହାକୁ କରିବାକୁ ଆମେ ଇଚ୍ଛୁକ ବୋଲି କହିଥିଲେ ଉପସ୍ଥିତ ଶିକ୍ଷାର୍ଥୀ। ଭୁବନେଶ୍ୱରରେ ପରିମଳ ଏକ ଗୋଷ୍ଠୀ ପରିଚାଳିତ ପ୍ରକ୍ରିୟା ହୋଇ ସାରା ଦେଶରେ ଖ୍ୟାତି ଲାଭ କରିଛି। ଘରକୁ ଘର ପୃଥକୀକରଣ ଏବଂ ସଂଗ୍ରହ, ଏହାର ପ୍ରକ୍ରିୟା କରଣ ସାଙ୍ଗକୁ ପୁନଃ ଚକ୍ରଣ, ପୁନଃ ଉପଯୋଗ, ପୁନଃ ବ୍ୟବହାର- ଥ୍ରୀ ଆର୍ ଏକ ଅଭ୍ୟାସଗତ ଅଭିଯାନ ହୋଇ ପାରିଲେ ଏବଂ ସମସ୍ତେ ଏହାକୁ ଆପଣେଇବାର ପ୍ରକ୍ରିୟା ଆରମ୍ଭହେଲେ ଏହା ଏକ ସାମଗ୍ରୀକ ବିକାଶର ରୂପ ନେବ। ବାହାରେ ବର୍ଜ୍ୟ ନପକାଇ ଏହାର ଥ୍ରୀ ଆର୍ ଜନିତ ଉପଯୋଗକୁ ଆଗେଇ ନେବାକୁ ସେ ଅନୁରୋଧ କରିଥିଲେ। ତେବେ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ୍‌ଙ୍କ ନିର୍ଦ୍ଦେଶ କ୍ରମେ ଇତି ମଧ୍ୟରେ ବି ଏମ୍ ସି ର ଏକ ସ୍ୱତନ୍ତ୍ର ପ୍ରୟାସ ଜି ରୋ ୱେଷ୍ଟ ଅଭିଯାନକୁ ଲୋକାଦୃତ କରିବାକୁ ପରୀକ୍ଷଣ ଭାବେ ଶିକ୍ଷା ବିଭାଗର ସହଯୋଗରେ ଭୁବନେଶ୍ୱରର ଦଶଗୋଟି ବିଦ୍ୟାଳୟକୁ ସାମିଲ୍ କରାଯାଇଛି। ଏହି ସମସ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କୁ ପୃଥକୀକରଣ, ସ୍ୱଚ୍ଛତା ଆଚରଣ ଯାହାକି ବାହାରେ କୌଣସି ପଦାର୍ଥକୁ ନ ଫିଙ୍ଗିବା, ଥ୍ରୀ ଆର୍ ର ଉପଯୋଗ କରିବା ବାବଦରେ ବିବିଧ ଅଭ୍ୟାସ ଏବଂ ପ୍ରଶିକ୍ଷଣ ଦିଆଯିବ।

## ଉଠାଦୋକାନୀଙ୍କ ଉପରେ ଚଢ଼ିଗଲା ବୋଲେରୋ, ୨ ଆହତ

**ପାରାଦୀପ,୨୭।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲା ପାରାଦୀପ ସମୁଦ୍ର କୂଳରେ ସୋମବାର ଏକ ସିରିଜ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଭାରସାମ୍ୟ ହରାଇ ୧୦ଉଠା ଦୋକାନୀଙ୍କୁ ଧକ୍କା ଦେବା ସହ ଏକ କାଠ ପୋଲରେ ପିଟିହୋଇ ଯାଇଥିଲା। ଦୁର୍ଘଟଣାରେ ୨ଜଣ ଦୋକାନୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ବୋଲେରୋରେ ଥିବା ୪ଜଣଙ୍କୁ ସ୍ଥାନୀୟ ଲୋକେ ଧରି ନିସୁକ ମାଡ଼ ମାରିଛନ୍ତି। ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ ଉଦ୍ଧାର କରି ଥାନରେ ଅଟକ ରଖି ଅଧିକ ପଚରାଉଚରା କରୁଛି।



# ଖୋଲା ମେଲାରେ ବୁହାହେଉଛନ୍ତି ପିଲା



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ପିକଅପ୍ ଭ୍ୟାନରେ ଆସିଲା ବେଳେ ଗତକାଲି ସ୍କୁଲ ଛାତ୍ରଙ୍କ ମୃତ୍ୟୁ ପରେ ସାମ୍ନାକୁ ଆସିଲା, ଭ୍ୟାନ୍‌ରେ ସ୍କୁଲ ପିଲାଙ୍କୁ ନେବା ଆଣିବା ନିୟମ ପାଳନ ହୋଇନାହିଁ। ସ୍କୁଲ ପିଲାଙ୍କ ଯିବା ଆସିବା ନେଇ ରାଜ୍ୟ ପରିବହନ ବିଭାଗ ନିୟମ ଜାରି କରିଛି । ପ୍ରତିଦିନ କୁନି କୁନି ପିଲା ଟାଟା ଏସି, ଅଟୋ ରିକ୍ସାରେ ଏମିତି ବିପଦପୂର୍ଣ୍ଣ ଭାବେ ସ୍କୁଲକୁ ଯିବାଆସିବା କରୁଛନ୍ତି। ହେଲେ ସରକାରୀ ନିୟମ କିଛି ଅଲଗା କହୁଛି । ୨୦୧୬ ରାଜ୍ୟ ପରିବହନ ବିଭାଗର ନିର୍ଦ୍ଦେଶନାମା ଅନୁସାରେ ତେବେ ସରକାରୀ ନିର୍ଦ୍ଦେଶନାମା ସଂପର୍କରେ ଡ୍ରାଇଭର ଜାଣିନଥିବା କହିଛନ୍ତି । କିନ୍ତୁ ଆଗକୁ ନିୟମ ମାନିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କହିବା କଥା ଯେ, ସ୍କୁଲ ତରଫରୁ ସବୁ ଅଭିଭାବକଙ୍କୁ ଅବଗତ କରାଯାଇଛି। ପିଲାଙ୍କୁ ସ୍କୁଲ ନେବା ଆଣିବା କଲାବେଳେ ନିରାପତ୍ତାକୁ ଗୁରୁତ୍ୱକୁ ଦେବାପାଇଁ କୁହାଯାଇଛି। ସେପଟେ ଅଭିଭାବକ ସ୍ୱୀକାର କରିଛନ୍ତି, କିଛି ସ୍କୁଲରେ ବସ୍ ସୁବିଧା ନଥିବାରୁ ଖୋଲାମେଲା ଅଟୋ କିମ୍ବା ଟାଟା ଏସି ଭଳି ଗାଡ଼ିରେ ପିଲାଙ୍କୁ ବିପଦପୂର୍ଣ୍ଣ ଭାବେ ସ୍କୁଲ ଚାଡୁଛନ୍ତି। ଏବେ ଦେଖିବାର କଥା ନିୟମ ଜାଣିବା ପରେ ଗାଡ଼ି ଡ୍ରାଇଭର ଏସବୁକୁ ପାଳନ କରୁଛନ୍ତି ନା ନାହିଁ।

SANCHAR
ସଂଚାର

୪ ମଙ୍ଗଳବାର ୨୮ ଜାନୁଆରୀ ୨୦୨୫, ଭୁବନେଶ୍ୱର
Tuesday 28 January 2025 Bhubaneswar


# ରାଷ୍ଟ୍ରପତିଙ୍କ ଆହ୍ୱାନ

୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତି ଉଦ୍ଦେଶ୍ୟରେ ଦେଇଥିବା ଅଭିଭାଷଣରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଏହି ଅବସରରେ ସେ ଏକ ଦେଶ ଏକ ନିର୍ବାଚନ ପ୍ରସଙ୍ଗ ଉଠାଇ ଏହାକୁ କାର୍ଯ୍ୟକାରୀ କରିବା ସପକ୍ଷରେ ମତ ରଖିଛନ୍ତି। ଏହା ଗେମ ଚେଞ୍ଜର ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହାଦ୍ୱାରା ଦେଶରେ ଗଣତନ୍ତ୍ର କେବଳ ସୁଦୃଢ଼ ହେବ ନାହିଁ, ରାଜକୋଷରୁ ବିପୁଳ ଅର୍ଥ ବଞ୍ଚାଯାଇପାରିବ। ଏଥିଲାଗି ବ୍ୟାପକ ବ୍ୟାପକ ସହମତି ପାଇଁ ରାଷ୍ଟ୍ରପତି ଆହ୍ୱାନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ସାରା ଦେଶରେ ଏକ ସମୟରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଅନେକ ଦିନ ହେବ ଏଥିଲାଗି କେନ୍ଦ୍ର ସରକାର ଚିନ୍ତା କରୁଥିଲେ। ଏ ସମ୍ପର୍କରେ ସମୀକ୍ଷା କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଗଠିତ କମିଟି ପୂର୍ବରୁ ରାଷ୍ଟ୍ରପତିଙ୍କୁ ତାଙ୍କ ସୁପାରିସ ପୁସ୍ତିକା ହସ୍ତାନ୍ତର କରି ଆସାରିଛନ୍ତି। କେନ୍ଦ୍ର କ୍ୟାବିନେଟ ମଧ ଏହାକୁ ଅନୁମୋଦନ କରିଛନ୍ତି। ଏବେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଚାର ବିମର୍ଶ ଏବଂ ଉଦ୍ୟମ ଆରମ୍ଭ କରିଛନ୍ତି। ସଂସଦରେ ଉପସ୍ଥାପିତ ବିଲ ଉପରେ ଅଧିକ ତର୍ଜମା ପାଇଁ ଏହାକୁ ଜେପିସିକୁ ପଠାଯାଇଛି। ରାମନାଥ କୋବିନ୍ଦ କମିଟି ସୁପାରିସ ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକକାଳିନ ହେବ। ସେହିପରି ଲୋକସଭା ଏବଂ ବିଧାନସଭା ନିର୍ବାଚନର ୩ ମାସ ଭିତରେ ସାରା ଦେଶରେ ସ୍ଥାନୀୟ ପୌର ସଂସ୍ଥା ଏବଂ ପଞ୍ଚାୟତ ନିର୍ବାଚନ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏ ସମସ୍ତ ନିର୍ବାଚନ ହେବ। ଏହାର ଉଦ୍ଦେଶ୍ୟ ହେଲା ନିର୍ବାଚନ ବାବଦରେ ହେଉଥିବା ଖର୍ଚ୍ଚ କମାଇବା ଏବଂ ବାରମ୍ବାର ନିର୍ବାଚନ ଆଚରଣବିଧି ଲାଗୁ ହେବା ଦ୍ୱାରା ବିକାଶ ମୂଳକ କାର୍ଯ୍ୟରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହାକୁ ଦୂର କରିବା। ଏହା ଏକ ଉତ୍ତମ ଚିନ୍ତାଧାରା। ୨୦୦୪ରେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକ ଏହି ଚିନ୍ତାଧାରା ନେଇ ବିଧାନସଭାକୁ ଆଗୁଆ ଭାଙ୍ଗି ଲୋକସଭା ନିର୍ବାଚନ ସହିତ ଏକାଠି କଲେ। ଆଜି ପର୍ଯ୍ୟନ୍ତ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି କେତେକ ରାଜ୍ୟରେ ଲୋକସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି ହେଉଛି। ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ନିର୍ବାଚନ ସହିତ ଏକତ୍ରିତ କରିବାକୁ ଯେଉଁ ;ଯୋଜନା କରାଯାଉଛି ତାହା କିଛି ଖରାପ ଚିନ୍ତାରା ନୁହେଁ। ଏମିତି ଲୋକସଭା ନିର୍ବାଚନର ୭/୮ମାସ ପୂର୍ବରୁ କେତେକ ରାଜ୍ୟର ନିର୍ବାଚନ ହେଉଛି। ଲୋକସଭା ନିର୍ବାଚନ ପରେ ପରେ ହରିୟାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଏହାର ୨ ମାସ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେଉଛି। ଏସବୁ ରାଜ୍ୟ ବିଧାନସଭା ନିର୍ବାଚନ ଲୋକସଭା ସହିତ ଏକାଠି କଲେ ଭଲ ହେବ। ତେଣୁ ସାରା ଦେଶରେ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ପରିବର୍ତ୍ତେ ପ୍ରଥମେ ୧୦/୧୨ଯି ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି କରାଯାଇପାରେ। ପର୍ଯ୍ୟାୟକ୍ରମେ ସାରା ଦେଶରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। କିନ୍ତୁ ଏଥିପାଇଁ ସହମତିର ଆବଶ୍ୟକତା ରହିଛି। ଦୀର୍ଘ ଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସ୍ତାବ ଦେଇ ଆସୁଥିଲେ। ଏ ସମ୍ପର୍କରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ ପାନେଲ ଗଠନ କରାଯାଇଥିଲା। ପାନେଲରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଆଇନମନ୍ତ୍ରୀ ÷ଅର୍ଜୁନ ରାମ ମେଘାୱାଲ ମଧ ସଦସ୍ୟ ଥିଲେ। କମିଟି ଗଠିତ ହେବାର ୧୯୧ ଦିନରେ ତାଙ୍କ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି। କେନ୍ଦ୍ର କ୍ୟାବିନେଟ ବୈଠକରେ ୱାନ ନେସନ-ୱାନ ଇଲେକ୍ସନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହା ୨୦୨୯ରେ କାର୍ଯ୍ୟକାରୀ କରିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଛି। ଯଦି ବାସ୍ତବରେ ଏହା କାର୍ଯ୍ୟକାରୀ ହେବ ତେବେ ଏହା ହେବ ସ୍ୱାଧୀନ ଭାରତରେ ସବୁଠାରୁ ବଡ଼ ନିର୍ବାଚନ ସଂସ୍କାର। କମିଟି ତାଙ୍କ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସବୁ ପକ୍ଷର ମତାମତ ଲୋଡ଼ିଥିଲେ। ସମ୍ବିଧାନ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ। ସବୁ କଥା ବିଚାର କରିବା ପରେ କମିଟି ତାଙ୍କ ରିପୋର୍ଟ ଦେଇଛନ୍ତି। ରିପୋର୍ଯରେ ଥିବା ବ୍ୟବସ୍ଥା ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଏକାଠି ହେବ। ଏହାର ଶହେ ଦିନ ମଧରେ ଦେଶବ୍ୟାପୀ ପୌର ଏବଂ ପଞ୍ଚାୟତ ନିର୍ବାଚନ ମଧ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏହିସବୁ ନିର୍ବାଚନ ହେବ। ଏଥିପାଇଁ ଦୁଇଟି ନୂଆ ବିଲ ଏବଂ ପ୍ରାୟ ୧୫ଟି ସଂଶୋଧନ ପ୍ରସ୍ତାବ ସଂସଦର ଉଭୟ ଗୃହରେ ଅନୁମୋଦିତ ହେବା ଆବଶ୍ୟକ। ତାହା ପୁଣି ଦୁଇ ତୃତୀୟାଂଶ ସମର୍ଥନରେ। ଏହା ବାଦ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭାରେ ମଧ ଏହାକୁ ପାରିତ କରାଇବା ଜରୁରୀ। କିନ୍ତୁ କଂଗ୍ରେସ ସମେତ ୧୫ଟି ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସଂସଦରେ ଶାସକ ମେଣ୍ଟର ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନାହିଁ, ଅନେକ ରାଜ୍ୟରେ ବିରୋଧୀ ଦଳ କ୍ଷମତାରେ ରହିଛନ୍ତି। ତେଣୁ ୱାନ ନେସନ ୱାନ କିନ୍ତୁ ମୋଦି ସରକାରଙ୍କ ତୃତୀୟ ପାଳିରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆ ନିର୍ବାଚନ ବ୍ୟବସ୍ଥାର ଲକ୍ଷ୍ୟ ହେଲା ବାରମ୍ବାର ନିର୍ବାଚନ ଦ୍ୱାରା ଯେଉଁ ବିପୁଳ ଅର୍ଥ ବ୍ୟୟ ହେଉଛି ଏବଂ ଆଚରଣବିଧି ଲାଗୁ ହେବା ଦ୍ୱାରା ବିକାଶମୂଳକ କାମରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହାକୁ ହଟାଇବା। ଏହା ଏକ ଉତ୍ତମ ଚିନ୍ତାଧାରା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ସହଜ ନୁହେଁ। ଦୁଇତୃତୀୟାଂଶ ସମର୍ଥନରୁ ଏନଡିଏ ଲୋକସଭାରେ ୭୨ଟି ଏବଂ ରାଜ୍ୟସଭାରେ ୫୨ଟି ଆସନ ପଛରେ ରହିଛି। ତେଣୁ ସବୁ ରାଜନୈତିକ ଦଳର ସହମତି ବିନା ଏହା କାର୍ଯ୍ୟକାରୀ ହେବା ଅସମ୍ଭବ। ଏହା ବିଜେପି ମଧ ଭଲଭାବେ ଜାଣିଛି। ୨୦୨୯ରେ ଯେତେବେଳେ ବିଜେପି କ୍ରମାଗତ ଚତୁର୍ଥ ଥର ପାଇଁ ଜନମତ ଲୋଡ଼ିବେ ସେତେବେଳେ ଏହା ସହଜ ହେବନି। ତେଣୁ ୨୦୨୯ ନିର୍ବାଚନକୁ ଆଖି ଆଗରେ ରଖି ସେ ଏପରି ଏକ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟାଭିଡ଼ିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀଙ୍କୁ ବିଭାଜିତ କରିବା ହେଉଛି ତାଙ୍କର ଲକ୍ଷ୍ୟ। ହୁଏତ କଂଗ୍ରେସ ଏହି ପ୍ରସଙ୍ଗରେ ମତ ବିଭାଜନର ସମ୍ମୁଖୀନ ହୋଇପାରେ। ଏହା ବିଜେପିକୁ ସୁହାଇବ। ଗତ ମେ' ମାସରେ ଲୋକସଭା ସହ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ହିତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇଥିଲା। ଲୋକସଭା ନିର୍ବାଚନ ପୂର୍ବରୁ ଗୁଜରାଟ, ମଧପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ଆଦି ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଥିଲା। ଆସନ୍ତା ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଅର୍ଥାତ ବର୍ଷକ ଭିତରେ ୧୩ଟି ରାଜ୍ୟ ବିଧାନସଭା ନିର୍ବାଚନ କିଛି କିଛି ସମୟ ଅନ୍ତରାଳରେ ହେଉଛି। ଏସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ସହ ଏକତ୍ର କରିବା ସମ୍ଭବ ହୋଇଥାଆନ୍ତା। ଅବଶ୍ୟ ଯୋରଜବରଦସ୍ତ କୌଣସି ରାଜ୍ୟ ବିଧାନସଭାକୁ ଆଗୁଆ ଭାଙ୍ଗିବା ଉଚିତ ନୁହେଁ ବା ସାମ୍ବିଧାନିକ ଦୃଷ୍ଟିରୁ ସମ୍ଭବ ନୁହେଁ। କିନ୍ତୁ ସହମତି ଭିତ୍ତିରେ ଏସବୁ ରାଜ୍ୟରେ ଏକତ୍ର ନିର୍ବାଚନ କରାଯାଇପାରିଥାଆନ୍ତା। ଏହା ଦ୍ୱାରା ଖର୍ଚ୍ଚ କମ ଏବଂ ସମୟର ଅପଚୟକୁ ଅନେକାଂଶରେ ରୋକାଯାଇପାରିଥାଆନ୍ତା। ପ୍ରଧାନମନ୍ତ୍ରୀ ବାରମ୍ବାର ୱାନ ନେସନ ୱାନ ଇଲେକ୍ସନ କଥା କହୁଛନ୍ତି। ଏହା ବାସ୍ତବତାରେ ପରିଣତ ହେବା ସହଜ ନୁହେଁ। କିନ୍ତୁ ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ଅନ୍ତତଃପକ୍ଷେ ୧୦ଟି ରାଜ୍ୟ ବିଧାନସଭା ନିର୍ବାଚନ ହୋଇପାରିବ। ଲୋକସଭା ନିର୍ବାଚନ ସହିତ ନହେଉ ପଛେ ଏକକାଳୀନ ଏସବୁ ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୦ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ବିଜେଡି, ୱାଇଏସଆର କଂଗ୍ରେସ, ଅକାଳି, ବିଏସପି ଏହାକୁ ସମର୍ଥନ କରିପାରନ୍ତି। କାରଣ ଏହା ସେମାନଙ୍କ ପାଇଁ ଲାଭଜନକ ହେବ। ତଥାପି କଂଗ୍ରେସର ସମର୍ଥନ ବିନା ଏହାକୁ କାର୍ଯ୍ୟକାରୀ କରିବା ଅସମ୍ଭବ। ତେଣୁ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେଲା ଏହି ପ୍ରସଙ୍ଗରେ ବ୍ୟାପକ ସହମତି ଏବଂ ଜନମତ ସୃଷ୍ଟି କରିବା। କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ଏହାକୁ ସମର୍ଥନ କରୁ ନାହାଁନ୍ତି। ସବୁ ରାଜନୈତିକ ଦଳର ସମର୍ଥନ ଏବଂ ସହଯୋଗ ବିନା ଏହା ସମ୍ଭବ ହୋଇପାରିବ ନାହିଁ।

# ସନାତନ ଆସ୍ଥାର ମହାପର୍ବ: ପ୍ରୟାଗରାଜରେ ମହାକୁମ୍ଭ



**ବିପିନ ବିହାରୀ ରାଉତ**

ସନାତନ ଓ ମହାନ ଆର୍ଯ୍ୟ ସଂସ୍କୃତିର ଆସ୍ଥାର ମହାପର୍ବ ମହାକୁମ୍ଭ ମେଳା। ଆମ ହିନ୍ଦୁ ଆଧାତ୍ମିକ ଚେତନାରେ ଆସ୍ଥା ଯେଉଁଠି ବିଶ୍ୱାସ ସେଇଠି। ଏହି ଆସ୍ଥା ଓ ବିଶ୍ୱାସର ସଙ୍ଗମ ହେଉଛି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ ତଟ। ଫେବୃଆରୀ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମହାପର୍ବ ମହାକୁମ୍ଭମେଳାରେ ପାଖାପାଖି ୪୦ କୋଟି ସନ୍ଥ, ଶ୍ରଦ୍ଧାଳୁ, ସାଧୁ, ଯୋଗୀ ଓ ତପସ୍ୱୀଙ୍କ ଅପୂର୍ବ ସମାଗମ ହେବାର ସମ୍ଭାବନା ରହିଛି। ଶ୍ରଦ୍ଧାଳୁମାନେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିମେଣୀ ସଙ୍ଗମରେ ବୁଡ଼ ପକାଇବା ସହ ୧୦ଲକ୍ଷରୁ ଉର୍ଦ୍ଧ୍ୱ ସାଧୁସନ୍ଥ ସଙ୍ଗମ ତଟରେ ମହାକୁମ୍ଭର ପ୍ରାଚୀନ ପରମ୍ପରା କଳ୍ପବାସରେ ସାମିଲ ହେବେ। ପ୍ରୟାଗରାଜର ମହାକୁମ୍ଭର ଆଧାତ୍ମିକ ଚେତନା ଓ ବିକାଶର ଅପୂର୍ବ ଗାଥା ଅସୀମ ଓ ଅକଳ୍ପନୀୟ। ସମଗ୍ର ଭାରତ ବର୍ଷରେ ମହାକୁମ୍ଭ ମେଳା ଏକ ଭବ୍ୟ, ଆଧାତ୍ମିକ, ଧାର୍ମିକ ଆୟୋଜନର ପବିତ୍ର ଅବସର। ଏହାର ଐତିହାସିକ ଗୁରୁତ୍ୱ ସହିତ ଆଧାତ୍ମିକ ମହତ୍ୱ ମଧ ଅତୀବ ପ୍ରାଚୀନ ଯାହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଥିବାବେଳେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳାରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ସ୍ଥାନ ଅନେକଙ୍କ ପାଇଁ ସ୍ମରଣୀୟ ଓ ଆଧାତ୍ମିକ କ୍ଷେତ୍ରରେ ଜୀବନାଦର୍ଶର ପବିତ୍ର ଆଲୋକବର୍ତ୍ତିକା। ଜୀବନରେ କ୍ଲେଶ, ପାପ ଓ ଜୀବନ ଚକ୍ରରୁ ମୁକ୍ତି ସହ ଜୀବନରେ ସଫଳତା ପାଇଁ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରୁ ଆଧାତ୍ମିକ ଶ୍ରଦ୍ଧାଳୁମାନେ ଏହି ମହାକୁମ୍ଭରେ କିଛି କ୍ଷଣ ନିଜକୁ ହଜାଇ ଦେବା ପାଇଁ ନିଜ ଆସ୍ଥାକୁ ଦୃଢ଼ୀଭୂତ କରିବା ପାଇଁ ଛୁଟି ଆସୁଛନ୍ତି। ଏହା କେବଳ ଏକ ଧାର୍ମିକ ଆୟୋଜନ ନୁହଁ। ବିଶ୍ୱାସ, ସମର୍ପଣ, ଆସ୍ଥା, ପରମ୍ପରା, ସଂସ୍କୃତି ଓ ବିଜ୍ଞାନର ଅପୂର୍ବ ଅଦ୍ୱିତୀୟ ଓ ଉତ୍କର୍ଷର ବିରଳ ସଙ୍ଗମ। ଆଧାତ୍ମିକତା, ଭୂଗୋଳ ଓ ନକ୍ଷତ୍ର ବିଜ୍ଞାନର ଏହା ତ୍ରିଭୁଜ ମିଳନ କହିଲେ ଅତ୍ୟୁକ୍ତି ହେବନାହିଁ।

ପୁରାଣର କିମ୍ବଦନ୍ତୀର ଘଟଣାବଳୀ ଆମକୁ ଯୁଗ ଯୁଗ ପାଇଁ ମାର୍ଗ ଦେଖାଏ ଯେ ସମୁଦ୍ର ମନ୍ଥନରୁ ନିର୍ଗତ ଏହି ଅମୃତ କୁମ୍ଭମେଳାକୁ ଜନ୍ମ ଦେଇଥିଲା। ଆଉ ସେହି କୁମ୍ଭରୁ ଯେଉଁ ପବିତ୍ର ଓ ଦିବ୍ୟ ଅମୃତ ଉଚ୍ଛୁଳି ଯେଉଁ ସ୍ଥାନରେ ପଡ଼ିଥିଲା ସେହି ସମସ୍ତ ସ୍ଥାନରେ ହିଁ ଆୟୋଜିତ ହେଉଛି ଏହି ପବିତ୍ର ଓ ବିରଳ କୁମ୍ଭମେଳା। ଏହା ଆମ ଜୀବନ ଚେତନାକୁ ଶିକ୍ଷା ଦେବା ସହ ମାନବତାର ମାର୍ଗ ଦର୍ଶାଉଛି ଯେ ଆସ୍ଥା ଓ ବିଜ୍ଞାନ ଭିତରେ କୌଣସି ପାର୍ଥକ୍ୟ ନାହିଁ। ବରଂ ଉଭୟ ହେଉଛନ୍ତି ଜୀବନ ଆସ୍ଥାର ମିଳିତ ଯୁଗଳବନ୍ଦୀ। ଗତ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ପବିତ୍ର ମହାଶିବ ରାତ୍ରି ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ଭବ୍ୟ, ଦିବ୍ୟ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ କେବଳ ଏକ ଉତ୍ସବ ନୁହେଁ ମହାନ ସନାତନ ଭାରତୀୟ ଆଧାତ୍ମିକତା, ଏକତା ଓ ସଂସ୍କୃତିର ପ୍ରତୀକ। ଏହି ମହାକୁମ୍ଭର ଆଧାତ୍ମିକ ଚେତନା ଭିତରେ ଭାରତୀୟ ନକ୍ଷତ୍ର ବିଜ୍ଞାନର ଗୁଢ଼ ଚେତନାଦାୟୀ ଜ୍ଞାନ ସୂଚୀତ କରିଛି କି ଯେ ଏହି କୁମ୍ଭମେଳା ସଂସ୍ଥାପନ ବା ଆୟୋଜନ କ୍ଷେତ୍ରଟି ସ୍ଥଳ ଓ ସମୟର ପ୍ରଭାବକୁ ଦୃଷ୍ଟିରେ ରଖି ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଓ ଗ୍ରହଙ୍କ ସ୍ଥିତି ଆଧାରରେ ନିର୍ଦ୍ଧାରିତ। ଆମ ପୂର୍ବସୁରୀମାନେ ଜୈବିକ ପ୍ରଭାବ ଓ ନକ୍ଷତ୍ର ବିଜ୍ଞାନର ଯେ ସଫଳତମ ଗହନ ଜ୍ଞାନର ମହାଧିକାରୀ ଥିଲେ କୁମ୍ଭମେଳା ତାର ଏକ ଆଦର୍ଶଗତ ଓ ସମ୍ପୂର୍ଣ୍ଣ ଉଦାହରଣ। ଅନେକ ହୁଏତ ଜାଣିନଥିବେ ଭୂଚୁମ୍ବକୀୟ ଉର୍ଜ୍ଜା ତତ୍ତ୍ୱ ଆଧାରରେ କୁମ୍ଭମେଳାର ଆୟୋଜନ ସ୍ଥଳ ନିରୂପିତ ହୁଏ। ପବିତ୍ର ନଦୀ ସଙ୍ଗମ କ୍ଷେତ୍ର ଗୁଡ଼ିକ ଏହି ଆଧାତ୍ମିକ ବିକାଶର ଅନୁକୂଳ ଓ ଜୀବନ ତତ୍ତ୍ୱର ମୂଳମନ୍ତ୍ରର ମାର୍ଗଦର୍ଶକ। ପ୍ରାଚୀନ ସମୟର ଯୋଗୀ, ମୁନୀ, ଋଷି, ତପସ୍ୱୀ ଓ ସାଧକମାନେ ଏ ସମସ୍ତ ସ୍ଥାନରେ ଯୋଗ, ଧାନ ଓ ଆତ୍ମିକ ଉନ୍ନତି ସହ ବିଶ୍ୱର କଲ୍ୟାଣ ପାଇଁ ଉପଯୁକ୍ତ ଉର୍ଜ୍ଜା ପ୍ରବାହକୁ ଅନୁଭବ କରି ଏଗୁଡ଼ିକୁ ତାଙ୍କ ଦୂରଦୃଷ୍ଟିର ସଙ୍କଳ୍ପରେ ଘୋଷଣା କରିଥିଲେ। ସେହିପରି ଆଜିର ବୈଜ୍ଞାନିକ ତତ୍ତ୍ୱକୁ ମଧ ଏଠାରେ ଅବତରଣ କରାଯାଇପାରେ। କାରଣ ବୈଜ୍ଞାନିକ କାରଣ ଦୃଷ୍ଟିରୁ ଟିକିଏ ନିରିଖେଇ ଦେଖିଲେ ମାନବ ଶରୀର ଉପରେ କୁମ୍ଭମେଳା ଗ୍ରହ ଓ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବକୁ ବୁଝିବାର ପ୍ରକୃଷ୍ଟ ଓ ଉତ୍କୃଷ୍ଟ ସମୟ। ବାୟୋ ମାଗ୍ନେଟିଜିମ ତତ୍ତ୍ୱ ଅନୁସାରେ ଆମ ଶରୀର ଚୁମ୍ବକୀୟ କ୍ଷେତ୍ରର ଉତ୍ସର୍ଜନ କରେ ଓ ଏହା ବାହ୍ୟ ଉର୍ଜ୍ଜା କ୍ଷେତ୍ର ଦ୍ୱାରା ପ୍ରଭାବିତ। ପବିତ୍ର ସଙ୍ଗମ ସ୍ଥଳ କୁମ୍ଭରେ ଧାନ ଓ ସ୍ନାନ ସମୟରେ ଅନୁଭୂତ ଶାନ୍ତି ଓ ସକାରାତ୍ମକ ଉର୍ଜ୍ଜା ପ୍ରଭାବ ଆମ ଜୀବନ ଚେତନାକୁ ଆହୁରି ପବିତ୍ର ଓ ଜୀବନ ଆଗେଇ ନେବା ପାଇଁ ଦୃଢ଼ ସଞ୍ଜିବନୀର ଆଲୋକ ଦେଖାଏ। କେବଳ ଏତିକି ନୁହେଁ ଗ୍ରହଙ୍କ ସ୍ଥିତିଚକ୍ରକୁ ଦେଖିଲେ ଏ ସବୁରେ ଆଧାତ୍ମିକ ମହତ୍ୱ ମଧ ଯେ ରହିଛି ତାହା ନୁହଁ ବୈଜ୍ଞାନିକ ଚିନ୍ତା ଚେତନା ଦୃଷ୍ଟିରୁ ଏହା ମାନବ ଓ ପୃଥିବୀ ଉପରେ ପଡୁଥିବା ପ୍ରଭାବକୁ ମଧ ଦର୍ଶାଏ। ନ୍ୟାକ୍ଷତ୍ରିକ ତତ୍ତ୍ୱ ଚେତନା ସୂଚୀତ କରେ ଯେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିର ସ୍ୱତନ୍ତ୍ର ସଂଯୋଗ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଉଜ୍ଜୀବିତ ପୂର୍ବକ ପ୍ରଭାବିତ କରେ। ଏହି ନକ୍ଷତ୍ର ବିଜ୍ଞାନ ସଂଯୋଗ ସମୟରେ କୁମ୍ଭ ସ୍ଥାନରେ ଉଭୟ ବିଜ୍ଞାନ ଓ ଆଧାତ୍ମର ସମନ୍ୱୟ ହୋଇଥାଏ।

କୁମ୍ଭମେଳା ସମ୍ପର୍କରେ ଆଲୋଚନା କଲାବେଳେ ଭାରତୀୟ ପୌରାଣିକ କାହାଣୀ ମଧ ଆମ ମାନସ ପଟ୍ଟକୁ ଆସେ। ସମୁଦ୍ର ମନ୍ଥନରୁ ପ୍ରାପ୍ତ ହୋଇଥିବା ଅମୃତ କୁମ୍ଭ ସହିତ ଏହାର ସମ୍ବନ୍ଧ ରହିଛି। ଯେଉଁ କୁଣ୍ଡରୁ ଅମୃତ ପୃଥିବୀ ପୃଷ୍ଠର ଯେଉଁ ପବିତ୍ର ସ୍ଥାନରେ ଭୂପତିତ ହୋଇଥିଲା ସେହି ସ୍ଥାନରେ ପ୍ରତି ବାର ବର୍ଷରେ ପୂର୍ଣ୍ଣ କୁମ୍ଭମେଳା ଅନୁଷ୍ଠିତ ହୋଇ ଆସୁଛି। ଅଗ୍ନୀ ପୁରାଣ ଓ ମତ୍ସ୍ୟ ପୁରାଣରେ ସଙ୍ଗମର ପ୍ରୟାଗରାଜକୁ ସଙ୍ଗମର ତୀର୍ଥରାଜ ଭାବେ ବର୍ଣ୍ଣନା କରାଯାଇଛି।



ଚୀନର ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ପ୍ରୟାଗରାଜର ଏହି ଭବ୍ୟ ଆୟୋଜନ ସମ୍ପର୍କରେ ଉଲ୍ଲେଖ ରଖିଛନ୍ତି। ସେହିପରି ପ୍ରାଚୀନ ଶିଳାଲେଖାର ପ୍ରାମାଣିକ ତଥ୍ୟ ମଧ ସୂଚୀତ କରେ ଯେ ଗୁପ୍ତଯୁଗ ଓ ମୌର୍ଯ୍ୟଙ୍କ ସମୟରେ ମଧ ଏହି ପବିତ୍ର କୁମ୍ଭମେଳାର ଅସ୍ତିତ୍ୱ ରହିଥିଲା। ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର କୁମ୍ଭମେଳାର ପବିତ୍ରତାକୁ ସ୍ୱୀକୃତି ଓ ମାନ୍ୟତା ଦେଇଥିଲେ। ଏହାର ଐତିହାସିକ ତଥ୍ୟ ଅବୁଲ ଫଜଲଙ୍କ ପୁସ୍ତକ 'ଆଇନ-ଏ-ଆକବରୀ'ରେ ଉଲ୍ଲେଖ ରହିଛି। ୧୮୫୮ରେ ଇଂରେଜ ସରକାର ଏହାକୁ ସ୍ୱୀକୃତି ଦେଇଥିଲେ କିନ୍ତୁ ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ୧୯୫୪ ମସିହାର କୁମ୍ଭମେଳା ବିଶେଷ ଭାବେ ଆରମ୍ଭ ହୋଇଥିଲା। ୨୦୧୭ରେ ୟୁନେସ୍କୋ ଏହି କୁମ୍ଭମେଳାକୁ ମାନବତାର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ମାନ୍ୟତା ପ୍ରଦାନ କରିଥିଲା। ବିଶ୍ୱାସ, ଆସ୍ଥା, ପରମ୍ପରା ଓ ଅପୂର୍ବ ଭକ୍ତି ସମର୍ପଣର ଏହି ମହାକୁମ୍ଭ ମେଳା ଭିତରେ ଛଅଟି ସ୍ମରଣୀୟ ଓ ଅପୂର୍ବ ପବିତ୍ର ସ୍ନାନ ଦିବସ ରହିଛି। ପୌଷ ପୂର୍ଣ୍ଣିମା ଜାନୁଆରୀ ୧୩ରୁ ପ୍ରଥମ ସ୍ନାନ ଅନୁଷ୍ଠିତ ହେଉଥିବାବେଳେ ମକର ସଂକ୍ରାନ୍ତିରେ ପ୍ରଥମ ଶାହୀ ସ୍ନାନ, ଜାନୁଆରୀ ୨୯ରେ ମୌନ ଅମାବାସ୍ୟା, ଫେବୃଆରୀ ୩ ବସନ୍ତ ପଞ୍ଚମୀରେ ଶେଷ ଶାହୀ ସ୍ନାନ ଅନୁଷ୍ଠିତ ହେବାର ନିରୂପିତ ହୋଇଥିବାବେଳେ ଫେବୃଆରୀ ୧୨ରେ ମାଘ ପୂର୍ଣ୍ଣିମା ଓ ଫେବୃଆରୀ ୨୬ରେ ମହାଶିବରାତ୍ରି ଅବସରରେ ଶେଷ ସ୍ନାନ ଉତ୍ସବ ସହ ମହାକୁମ୍ଭ ମେଳା ଉଦ୍ଯାପିତ ହେବ। ସେହିପରି ଏହି ମହାକୁମ୍ଭ ମେଳାରେ ଆର୍ଥିକ ଦିଗକୁ ଦେଖିଲେ ୧୮୮୨ରେ ୨୦ ହଜାର ୨୨୮ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସେ ସମୟର ସରକାର ୪୯ ହଜାର ୮୪୦ ଟଙ୍କା ରାଜସ୍ୱ ପାଇଥିଲେ। ତେବେ ଆର୍ଥିକ ସର୍ବେକ୍ଷଣ ସଂସ୍ଥା ମନି କଣ୍ଟ୍ରୋଲର ତଥ୍ୟ ଅନୁଯାୟୀ ଚଳିତ ୨୦୨୫ ଅର୍ଥାତ ଚଳିତ ମହାକୁମ୍ଭ ମେଳାରେ ବଜେଟ ରହିଛି ୬୩୮୨ କୋଟି ଟଙ୍କା ଏବଂ ୪୦ କୋଟି ଶ୍ରଦ୍ଧାଳୁ ସଙ୍ଗମ ନଗରୀକୁ ଆଗମନ କରିବା ସହ ଉତ୍ତର ପ୍ରଦେଶ ସରକାର ପାଖାପାଖି ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ କାରବାର କରିବେ। ଅନ୍ୟୁନ ୪ହଜାର ହେକ୍ଟରରେ ପରିବ୍ୟାପ୍ତ ଏହି ମହାକୁମ୍ଭ ସ୍ଥଳରେ ସ୍ନାନ ଲାଗି ୧୭ କିଲୋମିଟର ବ୍ୟାପୀ ଘାଟ ନିର୍ମାଣର ବ୍ୟବସ୍ଥା ରହିଛି ଏବଂ ସୂଚନା ପ୍ରଯୁକ୍ତିର ସମସ୍ତ ଉପାଦେୟ ସୁରକ୍ଷା ଓ ସହାୟତା ବ୍ୟବସ୍ଥା ତଥା ନାଭିଗେସନ ମ୍ୟାପ ଡିଭାଇସ ବ୍ୟବସ୍ଥା ରହିଛି। ଉତ୍ତର ପ୍ରଦେଶ ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ସାତ ଥାକିଆ ସୁରକ୍ଷା ବ୍ୟବସ୍ଥା ମଧ କରିଛନ୍ତି।

ଆସ୍ଥା ବିଶ୍ୱାସର ଏହି କୁମ୍ଭମେଳାର ମହତ୍ୱ ଓ ଚେତନା ବିଭିନ୍ନ ରହିଥିଲେ ମଧ ଚାରି ପ୍ରକାର କୁମ୍ଭମେଳା ଅନୁଷ୍ଠିତ ହୋଇଥାଏ। ପ୍ରୟାଗରାଜରେ ସମ୍ପ୍ରତି ଆୟୋଜିତ ମହାକୁମ୍ଭମେଳା ପ୍ରତି ୧୪୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବାବେଳେ ପ୍ରତି ବାର ବର୍ଷରେ ଥରେ ପୂର୍ଣ୍ଣ କୁମ୍ଭମେଳା ଓ ପ୍ରତି ଛଅ ବର୍ଷରେ ଥରେ ଅର୍ଦ୍ଧ କୁମ୍ଭମେଳା ଓ ପ୍ରତି ବର୍ଷ ମାଘ ମେଳା ଅନୁଷ୍ଠିତ ହୋଇଥାଏ। ତେବେ ମହାକୁମ୍ଭ ମେଳାର ସ୍ୱତନ୍ତ୍ରତା ହେଉଛି ଏହା ଅତି ବିରଳ ଭାବେ ୧୪୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବାରୁ ପ୍ରାୟତଃ ଆମ ଜୀବନ ଧାରଣର ନିରୂପିତ ସମୟ ସତୁରୀରୁ ଅଶୀ ବର୍ଷ ଭିତରେ ରହୁଥିବାରୁ ଏହା ଜଣଙ୍କ ପାଇଁ ଆସନ୍ତା ମହାକୁମ୍ଭ ଏକ ପ୍ରକାର ଅସମ୍ଭବ ହୋଇପାରେ। ତେଣୁ ଚଳିତ ମହାକୁମ୍ଭରେ ଯୋଗଦାନ କରି ପବିତ୍ର ପାବନ ଧାମରେ ନିଜକୁ ଆଧାତ୍ମିକ ଚେତନାରେ ବିଚ୍ଛୁରିତ କରିବା ପାଇଁ ଭାରତର ସମସ୍ତ ରାଜ୍ୟ ଓ ପୃଥିବୀର କୋଣ ଅନୁକୋଣରୁ ଆଧାତ୍ମିକ ଶ୍ରଦ୍ଧାଳୁମାନେ ଏଠାକୁ ଆଗମନ କରୁଛନ୍ତି। ସେହିପରି ଏହି ମହାକୁମ୍ଭରେ ସ୍ୱତନ୍ତ୍ର ଓ ପ୍ରମୁଖ ଆକର୍ଷଣ ହେଉଛି ପ୍ରୟାଗରାଜର ସଙ୍ଗମ ତଟରେ ରହିଥିବା ପବିତ୍ର ଅକ୍ଷୟବଟ। ପାଖାପାଖି ପାଞ୍ଚ ହଜାର ବର୍ଷର ପୁରୁଣା ଏହି ଅକ୍ଷୟ ବଟ ରାମାୟଣ ସହ ଜଡ଼ିତ। ହିନ୍ଦୁ ଆସ୍ଥା ଓ ବିଶ୍ୱାସ ରହିଛି ଯେ ମହାକୁମ୍ଭ ସମୟରେ ଅକ୍ଷୟ ବଟର ଦର୍ଶନ ମାତ୍ରେ ମଣିଷର ସମସ୍ତ ପାପନାଶ ହୁଏ। ସେ ଜୀବନ ଚକ୍ରରର ଆବର୍ତ୍ତ ମୃତ୍ୟୁର ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯାଏ। ସେହିପରି ମହାଭାରତ ଓ ଅନ୍ୟ ପୁରାଣରେ ଉଲ୍ଲେଖ ରହିଛି ଯେ ଋଷି ମୁନୀଙ୍କ ପବିତ୍ର ତପସ୍ଥଳୀ ଏହି ଅକ୍ଷୟ ବଟ ତଳେ ମହାନ ଋଷି ମାର୍କଣ୍ଡେୟ ତାଙ୍କ ତପସ୍ୟା ସାଧନ କରିଥିଲେ। ସେହିପରି ଜୈନ ଧର୍ମାବଲମ୍ବୀ ବିଶ୍ୱାସ ରଖନ୍ତି ଯେ ତୀର୍ଥଙ୍କର ଋଷଭଦେବ ଅକ୍ଷୟ ବଟ ତଳେ ତପସ୍ୟା କରିଥିଲେ।

ସନାତନ ଧର୍ମର ଆସ୍ଥା, ବିଶ୍ୱାସ ଓ ହୃଦୟ ଚେତନାର ମହାକୁମ୍ଭ ମେଳା ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରେଡ଼ିଓ କାର୍ଯ୍ୟକ୍ରମ ମନକୀ ବାତରେ ଏ ସମ୍ପର୍କରେ ଆଲୋକପାତ କରିଛନ୍ତି ଯେ ଏହା ସାମାଜିକ ସଦଭାବର ଏଭଳି ପବିତ୍ର ସଙ୍ଗମ ଯେଉଁଠାରେ ଭେଦଭାବ କିମ୍ବା ଜାତିବାଦ ନାହିଁ। ଏହି ମେଳା ହେଉଛି ବିବିଧତାରେ ଏକତାର ପ୍ରତୀକ। ଭାରତର ସମୃଦ୍ଧ, ସାଂସ୍କୃତିକ ଐତିହ୍ୟ, ଗଭୀର ଆଧାତ୍ମବାଦ ଓ ସଙ୍ଗଠନାତ୍ମକ କ୍ଷମତାର ଏକ ଶାଶ୍ୱତ ପ୍ରତୀକ। ବହୁ ଆହ୍ୱାନ ଭିତରେ ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଭିତରେ ଭକ୍ତି, ଶ୍ରଦ୍ଧା, ସେବା, ଭଲପାଇବା, ଭାଇଚାରା ଓ ଏକତାର ଦୃଢ଼ୀଭୂତ ତଥା ଉଜ୍ଜୀବିତ ଭାବନାକୁ ଜାଗରିତ କରୁଛି। ମହାକୁମ୍ଭ ଭାରତର ଶତାବ୍ଦୀ ପ୍ରାଚୀନ ପରମ୍ପରାର ପ୍ରତୀକ ଯାହା ଆମକୁ ବିଶ୍ୱାସର ଶକ୍ତି ସଂସ୍କୃତିକ ସଂରକ୍ଷଣ ମାନବତାର ମନ୍ତ୍ର ଶିକ୍ଷା ଦେଇଛି ଏବଂ ବିଶ୍ୱାସର ଏହି ମହାକୁମ୍ଭ ମେଳା ଆମ ପ୍ରାଚୀନତମ ପ୍ରତିଟି ମଣିଷର ଜୀବନ ରେଖା କୁହାଯାଉଥିବା ନଦୀ ମାନଙ୍କ ସହ ଏକ ଭାବପୂର୍ଣ୍ଣ ସମ୍ପର୍କ ରଖିଛି। ଗଙ୍ଗାନଦୀ ହରିଦ୍ୱାରରୁ ଭୂଖଣ୍ଡକୁ ପ୍ରବାହିତ ହେଉଛି ଏଠାରେ ଗଙ୍ଗାକୁ ଅମୃତ ବୋଲି ବିଶ୍ୱାସ କରାଯାଏ। ଆଉ ପ୍ରୟାଗରାଜ ହେଉଛି ଗଙ୍ଗା, ଯମୁନା ଓ ସରସ୍ୱତୀର ଦିବ୍ୟ ସଙ୍ଗମ ସ୍ଥଳ ଯାହାପାଇଁ ଏହି ଜଳକୁ ମହା ଅମୃତ କୁହାଯାଇଥାଏ। ନାସିକରେ ଗୋଦାବରୀ ନଦୀ ଦକ୍ଷିଣର ଗଙ୍ଗା ଭାବେ ପରିଚିତ। ଉଭୟ ଅରୁଣା ଓ ବରୁଣା ସହ ଗୋଦାବରୀର ସଙ୍ଗମ ହୋଇଛି। ଉଜ୍ଜୟିନୀରେ ସିପ୍ରା ନଦୀ ଉତ୍ତର ଦିଗାଭିମୁଖୀ ହୋଇ ଆଗେଇ ଥିବାବେଳେ ବାରଣାସୀର ଗଙ୍ଗା ଉତ୍ତର ଦିଗକୁ ପ୍ରବାହିତ ହୋଇଛି। ଏହି ମହାକୁମ୍ଭ ବିକାଶର ଗାଥା ଓ ଜୀବନ ଚେତନାର ଯେଉଁ ଆଲୋକ ଦେଖାଏ ତାହା ଅକଳ୍ପନୀୟ। ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳାର ମର୍ଯ୍ୟାଦା ପାଇଥିବା ଏହି ଅପୂର୍ବ ମହାକୁମ୍ଭର ଚେତନା ଆମ ଆସ୍ଥା, ଆମ ଭକ୍ତି, ଆମ ବିଶ୍ୱାସକୁ ଦୃଢ଼ୀଭୂତ କରି ସନାତନାର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ କରି ଜୀବନକୁ ସତକର୍ମ ଓ ଦିବ୍ୟକର୍ମରେ ନିୟୋଜିତ ପାଇଁ ଆଲୋକ ଦେଖାଇବ ନିଶ୍ଚୟ।


ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ


# ଡିଜିଟାଲ ଅନ୍ୟମନସ୍କତା ଓ ସମ୍ପର୍କର ନିବିଡ଼ତା



**ବିକ୍ରମ ମହାପାତ୍ର**

ଆମ୍ଭେମାନେ ପ୍ରାୟତଃ ସମ୍ପ୍ରତି ଗୋଟିଏ ବିଚିତ୍ର କିନ୍ତୁ ଏହା ସ୍ୱାଭାବିକର କଥା। କଥାବାର୍ତ୍ତା ଭିତରେ ଲକ୍ଷ୍ୟ ରଖୁଥିବେ ଆପଣଙ୍କ ସାମ୍ନାରେ ବସିଥିବା ଯଦିଓ ସମସ୍ତେ ନୁହଁନ୍ତ କିଛି ବନ୍ଧୁ ନିଜ ଫୋନରେ ବ୍ୟସ୍ତ ରହିଥିବେ। ସଭାସ୍ଥଳ ହେଉ ବା ଛୋଟ ପିଲାଙ୍କ ସହ କଥାବାର୍ତ୍ତା। ଜଣେ ଜଣଙ୍କ ସହ ସମ୍ପର୍କ ବିତାଇବା ବେଳେ ଅପର ଜଣଙ୍କ କଥା ବାର୍ତ୍ତା ହେଉଥିଲେ ମଧ ସେମାନଙ୍କ ହାତ କିନ୍ତୁ ଫୋନ ଉପରେ ରହିଥାଏ। ସେହିପରି ଆଉ ଜଣେ ଜଣେ ଥାଆନ୍ତି ସେମାନେ କୌଣସି କାମରେ ବ୍ୟସ୍ତ ଥିବେ। ସାମାନ୍ୟତମ ଫୁରସତ ପାଇଲାମାନେ ମୋବାଇଲକୁ ଧରିଥାନ୍ତି। ଏହି ଅତ୍ୟାଧିକ ମୋବାଇଲ ଆସକ୍ତିକୁ ଇଂରାଜୀରେ ଫବିଂ କୁହାଯାଏ ଯାହାର ଅର୍ଥ ହେଉଛି ଅତ୍ୟଧିକ ଭାବେ ସ୍ମାର୍ଟ ଫୋନ ଉପରେ ଆସକ୍ତ ହୋଇ ନିଜ ଦୁର୍ବଳତା ପ୍ରକାଶ କରିବା। ଏହି ଆଲୋଚନାଟି ରଖିଲାବେଳକୁ ଗଣମାଧମର ଏକ ଖବରଟି ମୋ ନଜରକୁ ଆସିଥିଲା ତାହା ହେଉଛି ଦେଶରେ ଇଣ୍ଟରଟେ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୨୫ ମସିହାରେ ୯୦ କୋଟି ଟପିବ। ଇଣ୍ଟରନେଟ ଆଣ୍ଡ ମୋବାଇଲ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଗବେଷଣା ସଂସ୍ଥା କନ୍ତାରା ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ୨୦୨୪ରେ ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୮୮.୬ କୋଟିରେ ପହଞ୍ଚି ଯାଇଛି। ପ୍ରତି ବର୍ଷ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟାରେ ୮ ପ୍ରତିଶତ ବୃଦ୍ଧି ଘଟୁଛି। ଅଧିକ ବୃଦ୍ଧି ଗ୍ରାମାଞ୍ଚଳରେ ହେଉଛି। ୨୦୨୪ରେ ଦେଶରେ ମୋଟ ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧରୁ ଗ୍ରାମାଞ୍ଚଳର ସଂଖ୍ୟା ହେଲା ୪୮.୮ କୋଟି ହୋଇଥିବାବେଳେ ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ୩୯.୭ କୋଟି ରହିଛି। ଦେଶରେ ଇଣ୍ଟରନେଟ ବ୍ୟବହାରକାରୀମାନେ ପ୍ରତି ଦିନ ହାରାହାରି ୯୦ ମିନିଟ ବା ଦେଢ଼ ଘଣ୍ଟା ସମୟ ଏଥିରେ ବିତାଉଛନ୍ତି। ସହରାଞ୍ଚଳରେ ଇଣ୍ଟରନେଟ ବ୍ୟବହାରକାରୀମାନେ ହରାହାରି ୯୪ ମିନିଟ ଏବଂ ଗ୍ରାମାଞ୍ଚଳର ଇଣ୍ଟରନେଟ ବ୍ୟବହାରକାରୀମାନେ ୮୯ ମିନିଟ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ ବ୍ୟବହାର କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ମଧ କମୁଛି। ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧରେ ପୁରୁଷଙ୍କ ସଂଖ୍ୟା ୫୩ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ପ୍ରତିଶତ ୪୭ ପ୍ରତିଶତ ରହିଛି। ଇଣ୍ଟରନେଟ ସାନ୍ଦ୍ରତାରେ କେରଳ ସବୁଠୁ ଆଗରେ ରହିଛି। କେରଳରେ ଏହା ୭୨ ପ୍ରତିଶତ ଥିବାବେଳେ ଗୋଆରେ ୭୧ ପ୍ରତିଶତ ଏବଂ ମହାରାଷ୍ଟ୍ରରେ ୭୦ ପ୍ରତିଶତ ରହିଛି। ଏମାନେ ଦେଶରେ ଇଣ୍ଟରନେଟ ସାନ୍ଦ୍ରତା କ୍ଷେତ୍ରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ସବୁଠୁ ପଛରେ ପଡ଼ିଥିବା ରାଜ୍ୟ ଗୁଡ଼ିକ ହେଲେ ବିହାର ୪୩ ପ୍ରତିଶତ, ଉତ୍ତରପ୍ରଦେଶ ୪୬ ପ୍ରତିଶତ ଏବଂ ଝାଡ଼ଖଣ୍ଡ ୫୦ ପ୍ରତିଶତ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୪ରେ ୮୭ କୋଟି (୯୮ ପ୍ରତିଶତ) ଇଣ୍ଟରନେଟ ବ୍ୟବହାରକାରୀ ଭାରତୀୟ ଭାଷାରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସହରାଞ୍ଚଳରେ ୫୭ ପ୍ରତିଶତ ଇଣ୍ଟରନେଟ ବ୍ୟବହାରକାରୀ ଆଞ୍ଚଳିକ ଭାଷାର ବିଷୟବସ୍ତୁକୁ ଇଣ୍ଟରନେଟରେ ଦେଖିଛନ୍ତି। ସହରାଞ୍ଚଳରେ ହିନ୍ଦୀ, ମରାଠୀ, ତାମିଲ, ଗୁଜୁରାଟୀ, ତେଲୁଗୁ, ବଙ୍ଗଳା, କନ୍ନଡ, ମାଲାୟାଲମ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାକୁ ଇଣ୍ଟରନେଟ ବ୍ୟବହାରକାରୀ ଉପଯୋଗ କରିଛନ୍ତି। ଦେଶରେ ଭାରତୀୟ ଭାଷାରେ ହେଉଥିବା ଇଣ୍ଟରନେଟ ବ୍ୟବହାର ମଧରୁ ସର୍ବାଧିକ ବ୍ୟବହାର ଭିଡ଼ିଓ ଦେଖିବାରେ ହେଉଛି। ଏହା ପଛକୁ ଯଥାକ୍ରମେ ଗୀତ ଶୁଣିବା, ସୋସିଆଲ ନେଟୱାର୍କିଂ, ଅନଲାଇନ ସପିଂ ଏବଂ ଅନଲାଇନ ସର୍ଚ୍ଚ ରହିଛି। ପାଞ୍ଚ ଜଣରେ ଜଣେ ଭଏସ କମାଣ୍ଡ ଜରିଆରେ ଇଣ୍ଟରନେଟ ଆକ୍ସେସ କରୁଛନ୍ତି। ଇଣ୍ଟରନେଟ ବ୍ୟବହାରରେ ପ୍ରଗତି ସତ୍ତ୍ୱେ ଏବେ ବି ୪୧ ପ୍ରତିଶତ ଭାରତୀୟ ଏହାଠାରୁ ଦୂରରେ ଅଛନ୍ତି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମନୋବିଜ୍ଞାନ ପତ୍ରିକାର ତଥ୍ୟ ଅନୁଯାୟୀ ସୋସିଆଲ ମିଡ଼ିଆର ନିଶା କୌଣସି ଘଟଣାରୁ ବାଦ ପଡ଼ିଯିବାର ଭୟ, ବ୍ୟକ୍ତିତ୍ୱର ଗୁଣ ଓ ମାନସିକ ଦୁଃଖ ସହ ଫବିଂ ଆଚରଣ ସକରାତ୍ମକ ଭାବେ ଜଡ଼ିତ।




ସେହିପରି ବୋଷ୍ଟନ କନସଲଣ୍ଟିଂ ଗ୍ରୁପ ପରି ପ୍ରସିଦ୍ଧ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ ଆମ ଭାରତୀୟମାନେ ପ୍ରତିଦିନ ପାଖାପାଖି ପାଞ୍ଚଘଣ୍ଟା ଅର୍ଥାତ୍ ୨୯୪ ମିନିଟ ପର୍ଯ୍ୟନ୍ତ ନିଜ ସ୍ମାର୍ଟ ଫୋନରେ ସମୟ ଅତିବାହିତ କରନ୍ତି। ଏହି କ୍ରମକୁ ହିସାବ କଲେ ବର୍ଷକୁ ସେମାନେ ୭୦ ଦିନରୁ ଅଧିକର ସମୟ ଏହି କାର୍ଯ୍ୟପାଇଁ ବିନିଯୋଗ କରନ୍ତି। ସେହି ସର୍ବେକ୍ଷଣର ତଥ୍ୟ ମଧ ଏହା ସୂଚୀତ କରିଛି କି ଯେ ସ୍ମାର୍ଟଫୋନ ହାତରେ ଥିବା ଭାରତୀୟମାନେ ଦିନକୁ ପାଖାପାଖି ୮୦ ଥରରୁ ଉର୍ଦ୍ଧ୍ୱ ନିଜ ଫୋନ ଦେଖନ୍ତି। ଆମେ ଫୋନ ଦେଖିବା ବା ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ରହିଥିବା ମୋବାଇଲ ଯେ ଆମ ଜ୍ଞାନବିଜ୍ଞାନ ପାଇଁ ଅନୁପଯୋଗୀ ତାହା କହୁନାହୁଁ କିନ୍ତୁ ମାତ୍ରାଧିକ ଫୋନ ସହିତ ଆସକ୍ତି ଆପଣଙ୍କ ଜୀବନରେ ସମ୍ପର୍କର ଅନ୍ତରଙ୍ଗ, ବିଶ୍ୱାସର ଭିତ୍ତିଭୂମିକୁ ନଷ୍ଟ କରିବାକୁ ଯଥେଷ୍ଟ।

ଆଜିର ସମୟକୁ ଟିକିଏ ଦେଖନ୍ତୁ ସୋସିଆଲ ମିଡ଼ିଆ ଏକ ଶକ୍ତିଶାଳୀ ଓ ଅମୋଘ ବ୍ୟବସ୍ଥା ସମସ୍ତଙ୍କର ତଥ୍ୟ ଜାଣିବା ପାଇଁ ଓ ଜ୍ଞାନ ବିଜ୍ଞାନ କ୍ଷେତ୍ର ପାଇଁ। ଅର୍ଥ ଦେଣନେଣ ଠାରୁ ଯେକୌଣସି କଥା ବୁଝିବା ହେଉ, କୌଣସି ଟିକେଟ ସଂରକ୍ଷଣ ବ୍ୟବସ୍ଥା ହେଉ ବା ନିଜ ଗନ୍ତବ୍ୟ ସ୍ଥଳ। ସମସ୍ତ ସୂଚନା ଏଥିରେ ଭରି ରହିଥାଏ। ବର୍ତ୍ତମାନ ସମୟ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ମଧ। ସରକାରୀ ଭାବେ ଡିଜିଟାଲ ପେମେଣ୍ଟ ଦ୍ୱାରା ନଗଦ କାରବାର ବ୍ୟବସ୍ଥା ଆର୍ଥିକ ସୁରକ୍ଷା ଓ ନିରାପତ୍ତାର ଏକ ଭଲ ଦିଗ କିନ୍ତୁ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଓ ଏହି ତଥାକଥିତ ଫବିଂ ଦ୍ୱାରା ଜଣଙ୍କର ନିଜ କାର୍ଯ୍ୟଦକ୍ଷତା ଓ ସାମାଜିକ ଦକ୍ଷତା ମଧ ହ୍ରାସ ପାଉଛି। ପ୍ରସିଦ୍ଧ 'ହେଲଥ ଲାଇନ ୱେବସାଇଟର ତଥ୍ୟ ମଧ ଏହା ସୂଚୀତ କରୁଛି କି ଯେ ପାଖାପାଖି ୩୨% ଲୋକ ଦିନକୁ ଦୁଇରୁ ତିନିଥର ଫୋନ ଦେଖିବା ଦ୍ୱାରା ଅନ୍ୟ ମାନଙ୍କୁ ଅଣଦେଖା କରିଥାନ୍ତି। ଏହି ସାମାଜିକ ଆଚରଣଟି ଏକ ବିଲକ୍ଷଣ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ସାମାଜିକ ସମ୍ପର୍କ ଓ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇଥାଏ। ଏହା ଏକ ଭାବନା ଓ ଭାବନାତ୍ମକ ଅସୁସ୍ଥତାକୁ କେବଳ ବଢ଼ାଇ ନଥାଏ କିନ୍ତୁ ଏହା ସୂଚୀତ କରେ ଯେ ତଥାକଥିତ ଡିଜିଟାଲ ଯୁଗରେ ଆମ୍ଭେମାନେ ଯଥେଷ୍ଟ ଅଗ୍ରଣୀ କିନ୍ତୁ ସମ୍ପର୍କଗତ ମାନବିକ ଭାବନା କ୍ଷେତ୍ରରେ ପାଖ ଲୋକଟି ଠାରୁ ମଧ ଦୂରେଇ ଯାଉଛୁ। ବର୍ଷ ବର୍ଷର, ପରମ୍ପରାର ଓ ଅନେକ ପୁରୁଣା ସମ୍ପର୍କ ମଧ ପ୍ରଭାବିତ ହେଉଛି ଏବଂ ଏହାକୁ ନେଇ ଅନେକଙ୍କ ଭିତରେ ମଧ ଏକ ପ୍ରକାର ମନମାଳିନ୍ୟ ଓ ଭୁଲ ବୁଝାମଣା ସୃଷ୍ଟି ହୋଇଥାଏ।

ତେବେ ଏଥିରୁ ମୁକ୍ତି ପାଇବା ପାଇଁ ଉପାୟ କ'ଣ? ଆମ୍ଭେମାନେ ହେଉଛେ ଏ ସୃଷ୍ଟିରେ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ। ଭଗବାନ ଆମକୁ ବିଦ୍ୟା, ବୁଦ୍ଧି ଓ ମସ୍ତିଷ୍କ ଦେଇଛି। ତେଣୁ ନିର୍ଦ୍ଧାରିତ ସମୟ ପାଇଁ ଫୋନ ସହିତ ନିଜକୁ ଜଡ଼ିତ ରଖନ୍ତୁ। ଆମ୍ଭେମାନେ ଆମ ବ୍ୟକ୍ତିଗତ ଜୀବନରେ ଅନେକ ଲୋକଙ୍କୁ ଦେଖିଛୁ ଯେଉଁମାନେ ନିର୍ଦ୍ଦିଷ୍ଟ ସମୟ ବ୍ୟତୀତ ଅନ୍ୟ ସମୟରେ ଆଦୌ ଫୋନ ଦେଖନ୍ତି ନାହିଁ। ସେମାନଙ୍କର ଏହି ରୁଟିନ ବନ୍ଧା ଜୀବନ ବ୍ୟବସ୍ଥା ସମ୍ପର୍କରେ ତାଙ୍କ ପାଖଲୋକ ଓ ତାଙ୍କ ସହ ଯୋଗାଯୋଗରେ ରହୁଥିବା ଲୋକମାନେ ମଧ ଜାଣିଥିବାରୁ ଏହା ସେମାନଙ୍କ ପାଇଁ ଆଦୌ ଅସହଜ ହୁଏ ନାହିଁ। ନିଜ ଜୀବନକୁ ଆନନ୍ଦମୟ ଓ ସମ୍ପର୍କପ୍ରିୟ କରିବାକୁ ହେଲେ କେବଳ ମୋବାଇଲର ସମ୍ପର୍କ ଯେ ଅତ୍ୟନ୍ତ ଓ ଅହର୍ନିଷ ଜରୁରୀ ଆଦୌ ନୁହଁ। ଆମେ ଏପରି ଲୋକମାନଙ୍କୁ ବି ସାମ୍ନା କରିଛୁ ଯେଉଁମାନେ ସମାଜରେ ଢ଼େର ପ୍ରତିଷ୍ଠିତ ଏବଂ ଅନେକ ବିଜ୍ଞ, ଉଚ୍ଚ ପଦପଦବୀରେ ଆସୀନ ଏ ସବୁ ସତ୍ତ୍ୱେ ଏକ ଛୋଟିଆ ଫୋନ ବ୍ୟବସ୍ଥା ଭିତରେ ନିଜକୁ ରଖିଥାନ୍ତି। ତେଣୁ ଏହି ତଥାକଥିତ ଫୋନ ବିଳାସ, ଫବିଂ ମାୟା ଜାଲରୁ ନିଜକୁ ମୁକ୍ତ ହେବାର ଉପାୟ ଆପଣ ନିଜେ ମଧ କାଢ଼ନ୍ତୁ। ଉପସ୍ଥିତ ମୁହୂର୍ତ୍ତକୁ ଅନୁଭବ କରିବା ସହ ଗୁରୁତ୍ୱପୂର୍ଣ୍ଣ, ମୂଲ୍ୟବାନ ଓ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପରେ ନିଜକୁ ନିୟୋଜିତ ରଖିବା ସହ ଡିଜିଟାଲ ଅନ୍ୟମନସ୍କତାକୁ ପଛେଇ ବ୍ୟକ୍ତିନିଷ୍ଠ ସମ୍ପର୍କକୁ ପ୍ରାଥମିକତା ଦିଅନ୍ତୁ ଦେଖିବେ ଆପଣ ଏହି ମାୟାଜାଲରୁ କେବଳ ନିଜକୁ ମୁକ୍ତି କରିପାରିବେ ନାହିଁ ବରଂ ଆପଣ ଅନେକ ମୂଲ୍ୟବାନ ସମୟ ବାହାର କରି ଏହା ଆପଣଙ୍କ ନିଜ ଲୋକମାନଙ୍କ ପାଇଁ ସେହି ସମୟଟି ଦେଇପାରିବେ। ଜୀବନଟି ଅତ୍ୟନ୍ତ ଆନନ୍ଦମୟ, ସମ୍ପର୍କପୂର୍ଣ୍ଣ ଓ ମଧୁରପୂର୍ଣ୍ଣ ହୋଇପାରିବ।


'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

# ୱାକଫ ସଂଶୋଧନ ବିଲକୁ ଜେପିସିର ମଞ୍ଜୁରୀ



## ଖୁବଶୀଘ୍ର ସଂସଦରେ ଆଗତ ହେବ

**ନୂଆଦିଲ୍ଲୀ, ୨୭।୧:** ୱାକଫ୍ ସମ୍ବୋଧନ ବିଧେୟକକୁ ସଂଯୁକ୍ତ ସଂସଦୀୟ ସମିତି (ଜେପିସି)ର ମଞ୍ଜୁରି ମିଳିଛି। ଏଥିରେ ୧୪ ପରିବର୍ତ୍ତନ କରାଯାଇଛି। ଆଗାମୀ ବଜେଟ୍ ଅଧିବେଶନରେ ରିପୋର୍ଟକୁ ସଂସଦରେ ରଖାଯିବ। ବିଜେପି ସାଂସଦ ଜଗଦମ୍ବିକା ପାଲ୍ଙ୍କ ନେତୃତ୍ୱାଧୀନ କମିଟି ଆଗରେ ମୋଟ ୪୪ଟି ପରିବର୍ତ୍ତନ ପ୍ରସ୍ତାବିତ କରାଯାଇଥିଲା। ଏଥିରୁ ଅନେକ ପ୍ରସ୍ତାବ ବିରୋଧୀ ସାଂସଦଙ୍କ ଦ୍ୱାରା ଦିଆଯାଇଥିଲା, କିନ୍ତୁ ମତଦାନ ଜରିଆରେ ବିରୋଧୀଙ୍କ ଦ୍ୱାରା ପ୍ରସ୍ତାବିତ ପରିବର୍ତ୍ତନକୁ ଅସ୍ୱୀକାର କରାଯାଇଥିଲା।ୱାକଫ୍ ସଂଶୋଧନ ବିଧେୟକର ଯାଞ୍ଚ କରୁଥିବା ଜେପିସି ସୋମବାର ଏନଡିଏ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତାବିତ ସମସ୍ତ ସଂଶୋଧନକୁ ସ୍ୱୀକାର କରିଛି। ଅନ୍ୟପଟେ ବିରୋଧୀ ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ପ୍ରସ୍ତାବକୁ ଅସ୍ୱୀକାର କରିଛି। ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲ ସାମ୍ବାଦିକଙ୍କୁ କହିଛନ୍ତି ଯେ ସମିତି ଦ୍ୱାରା ଗ୍ରହଣ କରାଯାଇଥିବା ସଂଶୋଧନ ଆଇନକୁ ଅଧିକ ପ୍ରଭାବୀ କରାଇବ। ଜେପିସି ଅଧ୍ୟକ୍ଷ ପାଲ୍ କହିଛନ୍ତି, 'ଏହା ଆମର ଶେଷ ବୈଠକ ଥିଲା। ଜେପିସି ବୈଠକରେ ୪୪ ସଂଶୋଧନ ଉପରେ ଚର୍ଚ୍ଚା ହୋଇଛି। ଆମେ ସମସ୍ତ ସଦସ୍ୟଙ୍କୁ ପ୍ରସ୍ତାବିତ ଶଂସୋଧନ ମାଗିଥିଲୁ। ସମିତି ୧୪ ସଂଶୋଧନକୁ ବହୁମତ ଆଧାରରେ ସ୍ୱୀକାର କରିଛି। ବିରୋଧୀ ମଧ୍ୟ କିଛି ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ମତଦାନ ବେଳେ ବହୁମତ ଆଧାରରେ ସେହି ସବୁକୁ ଖାରଜ କରିଦିଆଯାଇଛି।; ଜେପିସି ସଦସ୍ୟ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ ଜେପିସି ବୈଠକ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ରୂପେ ଶେଷ ହୋଇଛି। ସମସ୍ତଙ୍କୁ ମତବ୍ୟକ୍ତ କରିବାର ସୁଯୋଗ ଦିଆଯାଇଛି। ବିଧେୟକ ଉପରେ ୧୦୮ ଘଣ୍ଟା ଚର୍ଚ୍ଚା ହୋଇଛି ଏବଂ ୨୮୪ ହିତଧାରକଙ୍କ ସହ ଆଲୋଚନା କରାଯାଇଛି। ଯେଉଁ ସଂଗଠନଗୁଡ଼ିକ ଦିଲ୍ଲୀ ଆସିପାରିଲେ ନାହିଁ, ସେମାନଙ୍କ ସଦସ୍ୟଙ୍କ ସହ ବିଭିନ୍ନ ରାଜ୍ୟକୁ ଯାଇ ବିଧେୟକ ଉପରେ ଚର୍ଚ୍ଚା କରାଯାଇଛି।

ଅନ୍ୟପଟେ ସମିତିର କାର୍ଯ୍ୟକୁ ବିରୋଧୀ ଦଳ ସମାଲୋଚନା କରିବା ସହ ଏହାର ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଦୁର୍ବଳ କରୁଥିବା ଅଭିଯୋଗ କରିଛନ୍ତି। ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ କହିଛନ୍ତି, 'ଏହା କେବଳ ଦେଖାଇବା ପାଇଁ ବୈଠକ ଥିଲା। ଆମ କଥାକୁ ଶୁଣାଗଲାନି। ପାଲ୍ ଏକଛତ୍ରବାଦୀ ପ୍ରକ୍ରିୟାରେ କାମ କଲେ।' ଅନ୍ୟପଟେ ଜେପିସି ଅଧ୍ୟକ୍ଷ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ ପୂରା ପ୍ରକ୍ରିୟା ଗଣତାନ୍ତ୍ରିକ ଥିଲା ଏବଂ ବହୁମତ ଜରିଆରେ ନିଷ୍ପତ୍ତି ନିଯାଇଛି ବୋଲି କହିଛନ୍ତି।

# ଚୀନ ବିଦେଶ ମନ୍ତ୍ରୀଙ୍କୁ ଭେଟିଲେ ବିକ୍ରମ ମିସ୍ରି



**ବେଜିଂ, ୨୭।୧:** ବୈଦେଶିକ ସଚିବ ବିକ୍ରମ ମିସ୍ରି ସୋମବାର ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟିଙ୍କୁ ଭେଟି ଦ୍ୱିପାକ୍ଷିକ ସ୍ୱାର୍ଥ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୈଦେଶିକ ମନ୍ତ୍ରୀ ହେବା ବ୍ୟତୀତ ୱାଙ୍ଗ ଶାସକ କମ୍ୟୁନିଷ୍ଟ ପାର୍ଟିର ଶକ୍ତିଶାଳୀ ରାଜନୈତିକ ବ୍ୟୁରୋର ସଦସ୍ୟ ଏବଂ ଭାରତ-ଚୀନ୍ ସୀମା ବ୍ୟବସ୍ଥା ପାଇଁ ଚୀନର ସ୍ୱତନ୍ତ୍ର ପ୍ରତିନିଧି। ଗତ ମାସରେ ସ୍ୱତନ୍ତ୍ର ପ୍ରତିନିଧି ବ୍ୟବସ୍ଥା ଅଧୀନରେ ୱାଙ୍ଗ୍ ଓ ଭାରତର ଏନଏସଏ ଅଜିତ ଡୋଭାଲଙ୍କ ମଧ୍ୟରେ ଆଲୋଚନା ପରେ ମିସ୍ରିଙ୍କ ଚୀନ୍ ଗସ୍ତ ହୋଇଛି। ମିସ୍ରିଙ୍କ ସହ ସାକ୍ଷାତରେ ୱାଙ୍ଗ ଦର୍ଶାଇଛନ୍ତି ଯେ ଗତବର୍ଷ ରୁଷିଆର କାଜାନରେ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ବୈଠକ ପରଠାରୁ ଉଭୟ ପକ୍ଷ ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତିକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରିଛନ୍ତି ଏବଂ ସବୁ ସ୍ତରରେ ସକ୍ରିୟ ଯୋଗାଯୋଗ ବଜାୟ ରଖିଛନ୍ତି। ଚୀନ-ଭାରତ ସମ୍ପର୍କରେ ଉନ୍ନତି ଆଣିବା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି ।

ଚୀନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କର ଉନ୍ନତି ଏବଂ ବିକାଶ ଉଭୟ ଦେଶ ଏବଂ ସେମାନଙ୍କ ନାଗରିକଙ୍କ ସ୍ୱାର୍ଥକୁ ପୂରଣ କରୁଛି। ଚୀନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କର ଉନ୍ନତି ଏବଂ ବିକାଶ ଉଭୟ ଦେଶ ଏବଂ ସେମାନଙ୍କ ନାଗରିକଙ୍କ ସ୍ୱାର୍ଥକୁ ପୂରଣ କରୁଛି। ଏହା ସହିତ ଏହା ବିଶ୍ୱର ଦକ୍ଷିଣ ଦେଶମାନଙ୍କର ବୈଧ ଅଧିକାର ଏବଂ ସ୍ୱାର୍ଥରକ୍ଷାରେ ସହାୟକ ହେବ । ଭାରତ ଏବଂ ଚୀନ୍ ମଧ୍ୟରେ ଉତ୍ତମ ସମ୍ପର୍କ ଏସିଆ ଏବଂ ବିଶ୍ୱର ଦୁଇଟି ପ୍ରାଚୀନ ସଭ୍ୟତାର ଶାନ୍ତି, ସ୍ଥିରତା, ବିକାଶ ଏବଂ ସମୃଦ୍ଧିରେ ସହାୟକ ହେବ ବୋଲି ସେ କହିଥିଲେ।

# ନବଜାତ ନାତିକୁ ନେଇ ମହାକୁମ୍ଭରେ ଶାହ



## ପବିତ୍ର ବୁଡ଼ ପକାଇଲେ

**ଲକ୍ଷ୍ନୌ, ୨୭।୧:** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ତାଙ୍କ ପୁଅ ତଥା ଆଇସିସି ଚେୟାରମ୍ୟାନ ଜୟ ଶାହା ସୋମବାର (ଜାନୁଆରି ୨୭) ଦିନ ମହାକୁମ୍ଭରେ ପହଞ୍ଚିଛନ୍ତି। ବାପା ଓ ପୁଅଙ୍କ ସମେତ ସମଗ୍ର ଶାହାଙ୍କ ପରିବାର ମହାକୁମ୍ଭରେ ପବିତ୍ର ବୁଡ଼ ପକାଇବାକୁ ଆସିଛନ୍ତି। ଅମିତ ଶାହା ତାଙ୍କ ନବଜାତ ନାତିକୁ ମଧ୍ୟ ମହାକୁମ୍ଭକୁ ସାଙ୍ଗରେ ଆଣିଛନ୍ତି। ଏକ ଭିଡିଓରେ ଶାହାଙ୍କ ନାତିକୁ ସନ୍ଥ ଆଶୀର୍ବାଦ କରୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓରେ, ଜୟ ଶାହା ତାଙ୍କ ପୁଅକୁ ସାଧୁସନ୍ଥଙ୍କ ପାଖକୁ ନେଇ ଯାଉଥିବାର ଦେଖାଯାଉଛି। ଏହି ସମୟରେ ଅମିତ ଶାହାଙ୍କୁ ମଧ ସାଧୁସନ୍ଥମାନଙ୍କ ସହିତ ଠିଆ ହୋଇଥିବାର ଦେଖିବାକୁ ମିଳୁଛି। ଏହା ପରେ, ଅମିତ ଶାହା ତାଙ୍କ ନାତିକୁ କୋଳରେ ଧରି ସନ୍ଥମାନଙ୍କଠାରୁ ଆଶୀର୍ବାଦ ନେଉଥିବାର ନଜର ଆସୁଛି। ଏହି ସ୍ୱତନ୍ତ୍ର ମୁହୂର୍ତ୍ତରେ ତିନିଜଣ ଜେଜେବାପା, ବାପା ଏବଂ ନାତି ଗେରୁଆ ରଙ୍ଗର ପୋଷାକ ପିନ୍ଧିଥିବା ଭିଡିଓରେ ଦେଖିବାକୁ ମିଳୁଛି। ମହାକୁମ୍ଭକୁ ଯିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ସମଗ୍ର ବିଶ୍ୱକୁ ସମାନତା ଏବଂ ସମନ୍ୱୟର ବାର୍ତ୍ତା ଦେଉଥିବା ସନାତନ ଧର୍ମର ମହାକୁମ୍ଭ କେବଳ ଏକ ତୀର୍ଥସ୍ଥଳ ନୁହେଁ ବରଂ ଦେଶର ବିବିଧତା, ବିଶ୍ୱାସ ଏବଂ ଜ୍ଞାନ ପରମ୍ପରାର ଏକ ସଙ୍ଗମସ୍ଥଳ।'

## ମହାକୁମ୍ଭ ପାଇଁ ବିମାନଭଡ଼ାରେ ନିଆଁ

# ଜରୁରୀ ବୈଠକ ଡାକିଲେ ବିଭାଗୀୟ ସଚିବ



**ନୂଆଦିଲ୍ଲୀ,୨୭।୧:** ଉତ୍ତରପ୍ରଦେଶ ପ୍ରୟାଗରାଜ ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଏପର୍ଯ୍ୟନ୍ତ ମହାକୁମ୍ଭରେ ୧୧ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇସାରିଛନ୍ତି। କେବଳ ଦେଶ ନୁହେଁ, ବିଦେଶରୁ ପବିତ୍ର ସ୍ନାନ କରିବା ପାଇଁ ମଧ୍ୟ ପହଞ୍ଚୁଛନ୍ତି । ମହାକୁମ୍ଭ ପାଇଁ ଲୋକଙ୍କ ଭିଡ଼ ଦେଖି ବିମାନ ଭଡ଼ାରେ ଏକରକମ ନିଆଁ ଲାଗିଛି। ଦିଲ୍ଲୀ କିମ୍ବା ମୁମ୍ବାଇରୁ ପ୍ରୟାଗରାଜ ପାଇଁ ଯିବାକୁ ଥିବା ବିମାନ ଭଡ଼ା ଏବେ ୫୦-୬୦ ହଜାର ହୋଇଛି। ଏହି ଦାମ କୌଣସି ବିଦେଶ ଭ୍ରମଣଠାରୁ କମ୍ ନୁହେଁ। ଭଡ଼ା ଆକାଶଛୁଆଁ ହେବା ପରେ ଏୟାରଲାଇନ୍ସମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇଛନ୍ତି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ। ଆସନ୍ତା ୨୯ରେ ଅମୃତ ସ୍ନାନ ଥିବା ବେଳେ ପ୍ରୟାଗରାଜ ଯିବା ପାଇଁ ବିମାନ ଯାତ୍ରୀଙ୍କ ସଂଖ୍ୟା ଅଧିକ ହେଉଥିବାରୁ ଅଚାନକ ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀ ଭଡା ବହୁ ଗୁଣା ବଢ଼ାଇ ଦିଆଯାଇଛି। ମହାକୁମ୍ଭ ମେଳାରେ ପବିତ୍ର ସ୍ନାନ କରିବା ଦିନ ବିମାନ ଟିକେଟ ଦାମ ସବୁଠାରୁ ଅଧିକ ବଢିଛି। ଚେନ୍ନାଇରୁ ପ୍ରୟାଗରାଜ ଟିକେଟ୍ ଦାମ ୫୩,୦୦୦ ହୋଇଥିବା ବେଳେ ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀରୁ ୪୭,୫୦୦ ଟଙ୍କା ଓ ବେଙ୍ଗାଲୁରୁରୁ ପ୍ରୟାଗରାଜକୁ ବିମାନ ଭଡ଼ା ୫୧ ହଜାର ଟଙ୍କା ରଖିଛନ୍ତି ବିଭିନ୍ନ ଏୟାରଲାଇନ୍ସ। ପ୍ରୟାଗରାଜକୁ ପ୍ରାୟ ସମସ୍ତ ଟିକେଟ ବୁକ ହୋଇଯାଇଥିବା ବେଳେ ବଳକା ଥିବା ଟିକେଟ ଦର ଆକାଶ ଛୁଆଁ ହୋଇଛି । ଭୁବନେଶ୍ୱରରୁ ପ୍ରୟାଗରାଜକୁ ବିମାନ ଭଡ଼ା ୪୧,୫୦୦ ଟଙ୍କା ରହିଛି। ବିମାନ ଯାତ୍ରୀଙ୍କ ଚାହିଦାକୁ ଦେଖି ଚଳିତ ମାସରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରୟାଗରାଜକୁ ୮୧ଟି ଅଧିକ ବିମାନ ଚଳାଚଳ ପାଇଁ ଅନୁମତି ଦେଇଥିଲେ ଡିଜିସିଏ। ଏବେ ଦିନକୁ ପ୍ରୟାଗରାଜକୁ ୧୩୨ଟି ବିମାନ ଚଳାଚଳ କରୁଛି। ତଥାପି ଯାତ୍ରୀଙ୍କ ଚାହିଦା ଅଧିକ ଥିବାକୁ ଏୟାରଲାଇନ୍ସ କମ୍ପାନୀମାନେ ଭଡ଼ା ଅହେତୁକ ଭାବେ ବଢ଼ାଇଛନ୍ତି। ଆସନ୍ତା ୨୯ରେ ଅମୃତ ସ୍ନାନ, ଫେବୃଆରୀ ୨ରେ ବସନ୍ତ ପଞ୍ଚମୀ, ଫେବୃଆରୀ ୧୨ରେ ମାଘ ପୂର୍ଣ୍ଣିମା ଓ ଫେବୃଆରୀ ୨୬ରେ ମହାଶିବରାତ୍ରୀ ପଡୁଥିବାରୁ ପ୍ରୟାଗରାଜରେ ଭକ୍ତଙ୍କ ଭିଡ଼ ଆହୁରି ବଢ଼ିବ। ୧୩ ଜାନୁଆରୀରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଆସନ୍ତା ୪୫ ଦିନ ଯାଏଁ ଚାଲିବ।

## ଆମେରିକାରେ ବେଆଇନ ଭାବେ ରହୁଥିବା ଭାରତୀୟଙ୍କୁ ଖୋଜୁଛି ପୁଲିସ

**ନ୍ୟୁୟର୍କ, ୨୭।୧:** ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ସମଗ୍ର ଆମେରିକାରେ ବେଆଇନ ପ୍ରବାସୀଙ୍କ ଖୋଜା ଆରମ୍ଭ ହୋଇଛି। ଏହି କ୍ରମରେ ଆମେରିକାରେ ବେଆଇନଭାବେ ରହୁଥିବା ଭାରତୀୟଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସୋମବାର ଦିନ ଆମେରିକାର ସୁରକ୍ଷା ଏଜେଣ୍ଟମାନେ ବେଆଇନ ପ୍ରବାସୀଙ୍କୁ ଖୋଜିବା ପାଇଁ ନ୍ୟୁୟର୍କ ଏବଂ ନ୍ୟୁଜର୍ସିର ଗୁରୁଦ୍ୱାରରେ ପହଞ୍ଚିଥିଲେ। ଉପାସନା ସ୍ଥଳ ସମେତ ସମ୍ବେଦନଶୀଳ ଅଂଚଳରେ କିମ୍ବା ଏହାର ଆଖପାଖ ଅଞ୍ଚଳରେ ଆଇନ ପ୍ରଣୟନ ଉପରେ ପ୍ରତିବନ୍ଧକ ଲଗାଇଥିବା ନୀତିକୁ ବାଇଡେନ ଉଚ୍ଛେଦ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ଅଧିକାରୀମାନେ ନ୍ୟୁୟର୍କ ଏବଂ ନ୍ୟୁଜର୍ସିରେ ଥିବା ଗୁରୁଦ୍ୱାରଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଶିଖ୍ ବିଚ୍ଛିନ୍ନତାବାଦୀ ଏବଂ ବେଆଇନ ପ୍ରବାସୀମାନେ ଏହି ଧାର୍ମିକ ସ୍ଥଳଗୁଡ଼ିକୁ ବ୍ୟବହାର କରୁଛନ୍ତି ବୋଲି ଦାବି କରାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ଅଧିକାରୀମାନେ ନ୍ୟୁୟର୍କ ଏବଂ ନ୍ୟୁଜର୍ସିରେ ଥିବା ଗୁରୁଦ୍ୱାରଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଶିଖ୍ ବିଚ୍ଛିନ୍ନତାବାଦୀ ଏବଂ ବେଆଇନ ପ୍ରବାସୀମାନେ ଏହି ଧାର୍ମିକ ସ୍ଥଳଗୁଡ଼ିକୁ ବ୍ୟବହାର କରୁଛନ୍ତି ବୋଲି ଦାବି କରାଯାଉଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବାର କିଛି ଘଣ୍ଟା ପରେ କାର୍ଯ୍ୟକାରୀ ଆଭ୍ୟନ୍ତରୀଣ ସଚିବ ବେଞ୍ଜାମିନ୍ ହଫ୍ ମ୍ୟାନ୍ ବାଇଡେନ୍ ପ୍ରଶାସନର ନିର୍ଦ୍ଦେଶାବଳୀକୁ ରଦ୍ଦ କରିଛନ୍ତି। ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ଜଣେ ମୁଖପାତ୍ର କହିଛନ୍ତି, ଗିରଫଦାରୀରୁ ବର୍ତ୍ତିବା ପାଇଁ ଅପରାଧୀମାନେ ଆଉ ଆମେରିକାର ସ୍କୁଲ ଓ ଚର୍ଚ୍ଚରେ ଲୁଚି ରହିପାରିବେ ନାହିଁ। ଟ୍ରମ୍ପ ପ୍ରଶାସନ ଆମର ସାହସୀ ଆଇନ ପ୍ରଣୟନକାରୀଙ୍କ ହାତ ବାନ୍ଧିବ ନାହିଁ।

## ପରସ୍ପରଙ୍କୁ ଆକ୍ରମଣ କରି ବିଧାୟକ ଓ ପୂର୍ବତନ ବିଧାୟକ ଗିରଫ

**ଡେରାଡୁନ୍, ୨୭।୧:** ଉତ୍ତରାଖଣ୍ଡର ରୁରକିରେ ଏକ ହିଂସାକାଣ୍ଡ ଦେଖିବାକୁ ମିଳିଛି। ପୂର୍ବତନ ବିଜେପି ବିଧାୟକ କୁନୱର ପ୍ରଣବ ସିଂହ ଚାମ୍ପିଅନ ଏବଂ ସ୍ୱାଧୀନ ବିଧାୟକ ଉମେଶ କୁମାରଙ୍କ ମଧ୍ୟରେ ଏହି ବିବାଦ ଦେଖିବାକୁ ମିଳିଛି। ସେହି ସମୟର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଜୋର୍ରେ ଭାଇରାଲ୍ ହେବାରେ ଲାଗିଛି। ଜାଣିବାକୁ ମିଳିଛି ଯେ ପୂର୍ବତନ ବିଧାୟକ ଓ ବିଧାୟକ ଉଭୟ ପରସ୍ପରଙ୍କୁ ପଥର ଫିଙ୍ଗିବା ସହ ଗୁଳି ଚାଳନା କରିଥିଲେ। ଏବେ ହିଂସାକାଣ୍ଡ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ଦୁଇ ରାଜନେତାଙ୍କ ମଧ୍ୟରେ ଅନେକ ଦିନ ହେବ ବିବାଦ ଲାଗି ରହିଛି। ପ୍ରାୟତଃ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପରସ୍ପର ବିରୋଧୀ ପୋଷ୍ଟ୍ କରୁଥିବାର ଦେଖିବାକୁ ମିଳିଥାଏ। ଭିଡିଓରେ ଦେଖାଯାଇଛି ଯେ ଚାମ୍ପିଅନ ତାଙ୍କ ସମର୍ଥକମାନଙ୍କ ସହିତ ସ୍ପଷ୍ଟ ଦିବାଲୋକରେ କୁମାରଙ୍କ କାର୍ଯ୍ୟାଳୟରେ ଅନେକ ଗୁଳି ଚଳାଇଛନ୍ତି। ସେମାନେ ପିସ୍ତଲ ବି ଉଠାଇଥିଲେ। ପଥର ଫିଙ୍ଗିବା ସହ ଗାଳିଗୁଲଜ କରୁଥିଲେ। କିଛି ସମୟ ପରେ କୁମାର ମଧ୍ୟ ତାଙ୍କ ସମର୍ଥକମାନଙ୍କ ସହିତ ଚାମ୍ପିଅନଙ୍କ କାର୍ଯ୍ୟାଳୟ ଉପରେ ଗୁଳି ଚଳାଇଥିଲେ। ଉଭୟ ପରସ୍ପର ବିରୋଧରେ ଅଭିଯୋଗ ଦାଖଲ କରିବା ପରେ ଉଭୟ ରାଜନେତାଙ୍କୁ ଗିରଫ କରାଯାଇଥିଲା। ଚାମ୍ପିଅନଙ୍କୁ ରାଣୀପୁର ପୁଲିସ ଷ୍ଟେସନକୁ ନିଆଯାଇଥିବା ବେଳେ, କୁମାର ରୁରକି ପୁଲିସ ଷ୍ଟେସନରେ ଅଛନ୍ତି।

# ଇସ୍ତାହାରରେ କେଜ୍ରିୱାଲ୍ଙ୍କ ୧୫ ଗ୍ୟାରେଣ୍ଟି




**ନୂଆଦିଲ୍ଲୀ, ୨୭।୧:** ଆଗକୁ ହେବାକୁ ଥିବା ଦିଲ୍ଲୀ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ଙ୍କ ନେତୃତ୍ୱାଧୀନ ଦଳ ଆମ ଆଦମୀ ପାର୍ଟି (ଆପ୍) ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି। ଏହି ଇସ୍ତାହାରରେ କେଜ୍ରିୱାଲ୍ ୧୫ଟି ଗ୍ୟାରେଣ୍ଟି ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରେ ଚାକିରି, ୨୪ ଘଣ୍ଟା ପାଣି ଯୋଗାଣ, ସ୍ୱଚ୍ଛ ଯମୁନା ଆଦି ରହିଛି। କେଜ୍ରିୱାଲ୍ ଦିଲ୍ଲୀରେ ଏକ ରାଲିରେ ବିଜେପିକୁ କଟାକ୍ଷ କରି ଆହୁରି ମଧ କହିଛନ୍ତି ଯେ "ଏହା କେଜରିୱାଲଙ୍କ ଗ୍ୟାରେଣ୍ଟି, ମୋଦୀଙ୍କ 'ନକଲି' ଗ୍ୟାରେଣ୍ଟି ନୁହେଁ।'' ଇସ୍ତାହାରରେ ସାମାଜିକ କଲ୍ୟାଣ ଯୋଜନା, ନିଯୁକ୍ତି ସୃଷ୍ଟି ଏବଂ ସାର୍ବଜନୀନ ସେବାରେ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି। କେଜ୍ରିୱାଲଙ୍କ ମତରେ ପ୍ରଥମ ଗ୍ୟାରେଣ୍ଟି ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ। କେଜ୍ରିୱାଲ୍ ଦର୍ଶାଇଛନ୍ତି ଯେ ରାଜଧାନୀ ଦିଲ୍ଲୀରେ ବେରୋଜଗାର ସଂଖ୍ୟା ମାତ୍ର ୨ ପ୍ରତିଶତ। ଯାହାକି କେନ୍ଦ୍ରର ୬ ପ୍ରତିଶତଠାରୁ ଯଥେଷ୍ଟ କମ୍।

"ମୁଁ ଚାହୁଁଛି ଦିଲ୍ଲୀରେ କେହି ବେକାର ନ ରୁହନ୍ତୁ। ଯେତେବେଳେ ଆମର ପିଲାମାନେ ପାଠପଢ଼ନ୍ତି ଏବଂ କାମ ପାଇପାରନ୍ତି ନାହିଁ, ତାହା ବହୁତ କଷ୍ଟକର'' ବୋଲି କେଜ୍ରିୱାଲ୍ କହିଛନ୍ତି। ଯମୁନାକୁ ସଫା କରିବାରେ ବିଫଳ ହୋଇଥିବା ସ୍ୱୀକାର କରିବା ସହିତ କେଜ୍ରିୱାଲ ପ୍ରତିଜ୍ଞା କରିଛନ୍ତି ଯେ ନିର୍ବାଚିତ ହେଲେ ସେ ଆଗାମୀ ବର୍ଷଗୁଡ଼ିକରେ ନଦୀକୁ ସଫା କରିବେ। ଆମ୍ବେଦକର ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରିବାର ପ୍ରତିଶ୍ରୁତି ଦେଇ, ଆପ ସୁପ୍ରିମୋ କହିଛନ୍ତି ଯେ " ଏହି ବୃତ୍ତି ଯେକୌଣସି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଚାହୁଁଥିବା ଦଳିତ ଛାତ୍ରଙ୍କ ଶିକ୍ଷା, ଯାତ୍ରା ଏବଂ ରହିବା ଖର୍ଚ୍ଚ ବହନ କରିବ।" ସେ ଛାତ୍ରଛାତ୍ରୀମାନଙ୍କ ପାଇଁ ବସ୍ ଯାତ୍ରା ମାଗଣା କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି। ଦଳ ମହିଳା ସମ୍ମାନ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛି। ଯେଉଁଥିରେ ଯୋଗ୍ୟ ମହିଳାଙ୍କୁ ୨,୧୦୦ ଟଙ୍କା ପ୍ରଦାନ କରାଯିବ। ୬୦ ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ବରିଷ୍ଠ ନାଗରିକଙ୍କ ପାଇଁ ଦଳ ସଞ୍ଜୀବନୀ ଯୋଜନା ପ୍ରଣୟନ କରିବ। ଯାହା ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧାର ସୁନିଶ୍ଚିତତା ପ୍ରଦାନ କରିବ।

## ପୁଣେରେ ମାରାତ୍ମକ 'ଗୁଲେନ ବୈରୀ ସିଣ୍ଡ୍ରୋମ୍' ଆତଙ୍କ

### ଜଣେ ମୃତ, ଭେଣ୍ଟିଲେଟରରେ ୧୬

**ପୁଣେ, ୨୭।୧:** ମହାରାଷ୍ଟ୍ର ପୁଣେରେ ଜିବିଏସ ରୋଗ ଆତଙ୍କ। ସପ୍ତାହେ ଭିତରେ 'ଗୁଲେନ ବୈରୀ ସିଂଡ୍ରୋମ'ରେ ଶତାଧିକ ସଂକ୍ରମିତ। ୧୬ଜଣଙ୍କୁ ଗୁରୁତର ଅବସ୍ଥା ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଛି। ମାରାତ୍ମକ ରୋଗରେ ଜଣେ ବ୍ୟକ୍ତିଙ୍କ ହୋଇଥିବା ସୂଚନା ରହିଛି। ମୃତକ ହେଉଛନ୍ତି ସୋଲାପୁର ଅଞ୍ଚଳର। ତେବେ ଏହି ରୋଗକୁ ନେଇ ସରକାରୀ ଭାବେ କୌଣସି ବୟାନ ସାମ୍ନାକୁ ଆସିନାହିଁ। ରିପୋର୍ଟ ଅନୁଯାୟୀ, ଜିବିଏସ ରୋଗରେ ମୃତ୍ୟୁ ହୋଇଥିବା ବ୍ୟକ୍ତି ପୁଣେରୁ ସଂକ୍ରମିତ ହେବା ପରେ ସେ ସୋଲାପୁର ଗସ୍ତ କରିଥିଲେ। 'ଗୁଲେନ ବୈରୀ ସିଂଡ୍ରୋମ' ଏକ ଅଟୋଇମ୍ୟୁନ ନ୍ୟୁରୋଲଜିକାଲ୍ ଡିଜ୍ଅର୍ଡର ଅଟେ। ଏହି ରୋଗ ମଣିଷ ଶରୀରର ଇମ୍ୟୁନ ସିଷ୍ଟମରେ ଥିବା ନର୍ଭକୁ ଆଟାକ୍ କରିଥାଏ। ଯାହାଫଳରେ ଆକ୍ରାନ୍ତ ବ୍ୟକ୍ତି ବସିବା ଓ ଉଠିବାରେ ସମସ୍ୟା ଏବଂ ଚଲାବୁଲା କରିବାରେ ସମସ୍ୟା ଅନୁଭବ କରିଥାନ୍ତି। ଏହି ରୋଗରେ ଆକ୍ରାନ୍ତ ହେଲେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାନ୍ତି। ପକ୍ଷାଘାତ ଏହି ରୋଗର ଏକ ଲକ୍ଷଣ ବୋଲି କୁହାଯାଉଛି। ମଣିଷ ଶରୀରରେ ଦୁଇ ପ୍ରକାର ନର୍ଭ ସିଷ୍ଟମ ରହିଛି।

## ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ବଡ଼ ବୟାନ

# ଆମ ପୂର୍ବପୁରୁଷ ଭାରତୀୟ !



**ନୂଆଦିଲ୍ଲୀ, ୨୭।୧:** ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଭୋ ସୁବିଆଣ୍ଟୋ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆୟୋଜିତ ରାତ୍ରୀ ଭୋଜନରେ ଭାରତ ସହ ତାଙ୍କର ନୂତନ ସମ୍ପର୍କ ବିଷୟରେ କହିଛନ୍ତି ଯେ ନିକଟରେ ହୋଇଥିବା ଡିଏନଏ ପରୀକ୍ଷାରୁ ଜଣାପଡିଛି ଯେ ତାଙ୍କ ପୂର୍ବପୁରୁଷମାନେ ଭାରତୀୟ। କିଛି ସପ୍ତାହ ତଳେ ମୋର ଜେନେଟିକ୍ ସିକ୍ୱେନ୍ସିଂ ଟେଷ୍ଟ ଓ ଡିଏନ୍ଏ ଟେଷ୍ଟ କରାଯାଇଥିଲା, ଯେଉଁଥିରେ ମୋର ଡିଏନ୍ଏ ଭାରତୀୟ ବୋଲି ଜଣାପଡ଼ିଥିଲା। ସମସ୍ତେ ଜାଣନ୍ତି ଯେ ଯେତେବେଳେ ମୁଁ ଭାରତୀୟ ସଙ୍ଗୀତ ଶୁଣେ, ମୁଁ ନୃତ୍ୟ ଆରମ୍ଭ କରେ। ଏହା ମୋର ଭାରତୀୟ ଜିନର ଏକ ଅଂଶ ହେବା ଉଚିତ୍। ଏହା ଶୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଜଗଦୀପ ଧନଖରଙ୍କ ସମେତ ସମସ୍ତ ଅତିଥି ହସିଥିଲେ।ଭାରତର ୭୬ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁବିଆଣ୍ଟୋ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସ୍ଥାୟୀ ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ଉପରେ ଆଲୋକପାତ କରିବାର ସୁଯୋଗ ନେଇଥିଲେ। ଦୁଇ ଦେଶ ମଧ୍ୟରେ ଥିବା ମିଳିତ ଐତିହ୍ୟ ଉପରେ ଗୁରୁତ୍ୱରୋପ କରି ସୁବିଆଣ୍ଟୋ କହିଥିଲେ, ଆମ ଭାଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସଂସ୍କୃତରୁ ଆସିଛି। ଅନେକ ଇଣ୍ଡୋନେସିଆ ନାମ ସଂସ୍କୃତ ନାମ ଅଟେ । ଆମ ଦୈନନ୍ଦିନ ଜୀବନରେ ପ୍ରାଚୀନ ଭାରତୀୟ ସଭ୍ୟତାର ପ୍ରଭାବ ବହୁତ ଦୃଢ଼। ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଏହାକୁ ପ୍ରେରଣାଦାୟକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଭାରତରେ ଆସି ମୁଁ ଗର୍ବ ଅନୁଭବ କରୁଛି। ମୁଁ ଜଣେ ବୃତ୍ତିଗତ ରାଜନେତା ନୁହେଁ, ମୁଁ ଜଣେ ଭଲ କୂଟନୀତିଜ୍ଞ ନୁହେଁ, ମୁଁ କେବଳ ମୋ ହୃଦୟରେ ଯାହା ଅଛି ତାହା କହୁଛି। ମୁଁ ଏଠାରେ କିଛି ଦିନ ରହିଥିଲି କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ଏବଂ ପ୍ରତିବଦ୍ଧତାରୁ ବହୁତ କିଛି ଶିଖିଛି।

# ମହାକୁମ୍ଭନଗରରେ ଆଇବିଏମ୍ର ଡିଜିଟାଲ ପ୍ରଦର୍ଶନୀ ବୁଲିଲେ ଦର୍ଶକ




**ପ୍ରୟାଗରାଜ, ୨୭।୧:** ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ପ୍ରୟାଗରାଜ ମହାକୁମ୍ଭନଗରରେ ପଡିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ (ଆଇବିଏମ୍ର ଡିଜିଟାଲ ପ୍ରଦର୍ଶନୀ ବୁଲି ଦେଖିଛନ୍ତି ଅନେକ ଦର୍ଶକ। ଏହି ପ୍ରଦର୍ଶନୀକୁ ଉଭୟ ଦର୍ଶକ ଓ ଶ୍ରଦ୍ଧାଳୁ ପ୍ରଶଂସା କରିବା ସହ ଏହା ଅଧିକ ଶିକ୍ଷଣୀୟ ହୋଇପାରିଥିବା ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପ୍ରଦର୍ଶନୀର ସେଲଫି ପଏଣ୍ଟ୍ରେ ମହିଳା ଓ ଶିଶୁମାନେ ବିଭିନ୍ନ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା। ସେହିପରି ପ୍ରଦର୍ଶନୀରେ ସ୍ଥାନିତ ହୋଇଥିବା ପ୍ରତୀକାତ୍ମକ ସମୁଦ୍ର ମନ୍ଥନ ପ୍ରତିକୃତିକୁ ପ୍ରଶଂସା କରି ଅନେକ ଦର୍ଶକ ଏହି ସ୍ଥାନରେ ସେଲଫି ଉଠାଇଥିବା ବି ସାମ୍ନାକୁ ଆସିଥିଲା। ତ୍ରିବେଣୀ ରାସ୍ତାର ପରେଡ ଗ୍ରାଉଣ୍ଡରେ ଉଭୟ ଶ୍ରଦ୍ଧାଳୁ ଓ ସାଧାରଣ ଦର୍ଶକଙ୍କ ପାଇଁ ଗତ ୧୩ରୁ ଆସନ୍ତା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହାକୁମ୍ଭ ମେଳାକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି । ଏହି ମେଳାରେ ଗତ ଦଶବର୍ଷ ଭିତରେ ସରକାର କରିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବତାରଣା କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପଡିଥିବା ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ ଯୋଜନା, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସମ୍ପର୍କିତ ଡିଜିଟାଲ ପ୍ରଦର୍ଶନୀରୁ ବହୁ ଉପାଦେୟ ତଥ୍ୟ ଦର୍ଶକ ଜାଣିପାଉଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଡ୍ରୋନ ଦିଦି, ଲକ୍ଷପତି ଦିଦି, ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଦ୍ୟାଞ୍ଜଳି, ଆତ୍ମନିର୍ଭର ଭାରତ, ସ୍କିଲ ଇଣ୍ଡିଆ, ଏକ ଭାରତ ଶ୍ରେଷ୍ଠ ଭାରତ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ହର ଘର ଜଲ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ମିଶନ, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ମହିଳା ସଶକ୍ତିକରଣ ଯୋଜନା ଉପରେ ସାଧାରଣ ଜନତା ଏହି ଡିଜିଟାଲ ପ୍ରଦର୍ଶନୀ ମାଧ୍ୟମରେ ଅନେକ କଥା ଜାଣିବାକୁ ପାଇଛନ୍ତି।

# ଡାଇରେକ୍ଟ-ଟୁ-ସେଲ୍ ଫୋନ୍ ସେବା ଆରମ୍ଭ

**ନୂଆଦିଲ୍ଲୀ, ୨୭।୧:** ସ୍ପେସ୍ ଏକ୍ସର ସିଇଓ ଏଲନ୍ ମସ୍କ ନିକଟରେ ଏକ ନିଶ୍ଚିତତା ପ୍ରଦାନ କରିଛନ୍ତି। ସେ କହିଛନ୍ତି କି ଏଣିକି ବିନା ଟାୱାର୍ରେ ବି ମିଳିବ ମୋବାଇଲ୍ ସେବା। ଏହାର ବିଟା ଟେଷ୍ଟିଂ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି। ଏକ୍ସ ପ୍ଲାଟ୍ଫର୍ମରେ ହୋଇଥିବା ଏକ ପୋଷ୍ଟିଂ ଅନୁସାରେ, ଆଜିଠାରୁ ଷ୍ଟାର୍ଲିଙ୍କ୍ର ଡାଇରେକ୍ଟ-ଟୁ-ସେଲ୍ ସାଟେଲାଇଟ୍ ସର୍ଭିସ୍ର ବିଟା ଟେଷ୍ଟିଂ ଆରମ୍ଭ ହୋଇପାରେ। ଡାଇରେକ୍ଟ-ଟୁ-ସେଲ୍ ସାଟେଲାଇଟ୍ ଅର୍ଥାତ ମୋବାଇଲ୍ ସିଧା ସାଟେଲାଇଟ୍ ଦ୍ୱାରା ଚାଳିତ ନେଟ୍ୱାର୍କ ସହ ଯୋଡ଼ି ହେବ। ଏହାପରେ ବିନା ଟାୱାରରେ ବି ଗ୍ରାହକ ଫୋନ୍ ସେବାର ଲାଭ ଉଠାଇ ପାରିବେ। ଏହି ନେଟ୍ୱାର୍କରେ ମାଟି ଖୋଳି ଆଉ ମୋବାଇଲ୍ ନେଟ୍ୱର୍କ ପୋତିବାକୁ ପଡ଼ିବନି। ଏହା ଦ୍ୱାରା ପାରମ୍ପରିକ ମୋବାଇଲ୍ ଟାୱାର ଉପରେ ଆଉ ବିଶେଷ ବୋଝପଡ଼ିବ ନାହିଁ। 'ଷ୍ଟାରଲିଙ୍କ୍'ର ଏହି ସେବା ଉପଭୋକ୍ତାଙ୍କୁ ସିଧାସଳଖ ମହାକାଶରୁ ଟେଲିକମ୍ ସେବା ଯୋଗାଇବ। ବର୍ତ୍ତମାନ, ଏହି ସେବାର ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି ସେବା ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ପାଇଁ ବହୁତ ଭଲ ସାହାଯ୍ୟ କରିବ। ଏଥିସହ ମୋବାଇଲ୍ ସଂଯୋଗ କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ହେବ। କାରଣ ଏହି ସେବା ଆରମ୍ଭ ହେବାପରେ ଭୂମିରେ ଅବସ୍ଥିତ ସେଲ୍ ଟାୱାର୍ ଉପରେ ନିର୍ଭର କରିବା କମିଯିବ ଏବଂ ଯୋଗାଯୋଗ କ୍ଷେତ୍ରରେ ଏକ ନୂତନ ବିପ୍ଲବ ଆଣିବ।

# ଅଷ୍ଟ୍ରେଲିଆନ୍ ଓପନ୍ ଜିତିଲେ ୟାନିକ ସିନ୍ନର



**ସିଡନି, ୨୭।୧:** ଅଷ୍ଟ୍ରେଲିଆନ୍ ଓପନ୍ ୨୦୨୫ର ପୁରୁଷ ଫାଇନାଲ୍ ମ୍ୟାଚ୍ ବିଶ୍ୱ ମାନ୍ୟତାର ଶୀର୍ଷରେ ଥିବା ୟାନିକ୍ ସିନ୍ନର୍ ଏବଂ ଜର୍ମାନୀର ଆଲେକଜାଣ୍ଡର ଜେଭେରେଭଙ୍କ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ୟାନିକ୍ ସିନ୍ନର ଜିତିବା ସହ ନିଜ ଟାଇଟଲକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି।

ଅଷ୍ଟ୍ରେଲିଆନ୍ ଓପନରେ ଗତ ଦୁଇ ସପ୍ତାହ ଧରି ୟାନିକ ସ୍ୱାସ୍ଥ୍ୟ ସମସ୍ୟା ସହ ସଂଘର୍ଷ କରୁଥିଲେ। କିନ୍ତୁ ଏହା ତାଙ୍କ ଖେଳକୁ ପ୍ରଭାବିତ କରିନଥିଲା। ଏହା ସହ ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି।

ଅଷ୍ଟ୍ରେଲିଆନ୍ ଓପନରେ ଗତ ଦୁଇ ସପ୍ତାହ ଧରି ୟାନିକ ସ୍ୱାସ୍ଥ୍ୟ ସମସ୍ୟା ସହ ସଂଘର୍ଷ କରୁଥିଲେ। କିନ୍ତୁ ଏହା ତାଙ୍କ ଖେଳକୁ ପ୍ରଭାବିତ କରିନଥିଲା। ଏହା ସହ ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି।

ଏହି ମ୍ୟାଚରେ ୟାନିକ୍ ସିନ୍ନର ଆଲେକଜାଣ୍ଡର ଜେଭେରେଭଙ୍କୁ ସିଧାସଳଖ ସେଟ୍ ରେ ପରାସ୍ତ କରିଥିଲେ। ୟାନିକ୍ ସିନ୍ନର୍ ୬-୩, ୭-୬(୪), ୬-୩ରେ ମ୍ୟାଚ୍ ଜିତିଥିଲେ। ଦୁଇ ଖେଳାଳିଙ୍କ ମଧ୍ୟରେ ଏହି ମ୍ୟାଚ୍ ୨ ଘଣ୍ଟା ୪୨ ମିନିଟ୍ ଧରି ଚାଲିଥିଲା। ଆପଣଙ୍କୁ କହିରଖୁଛୁ, ୟାନିକ୍ ସିନ୍ନର ଗତ ୧୩ ମାସ ମଧ୍ୟରେ ତୃତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି । ଏହା ପୂର୍ବରୁ ସେ ୟୁଏସ୍ ଓପନ୍ ୨୦୨୪ ଏବଂ ଶେଷ ଅଷ୍ଟ୍ରେଲିଆନ୍ ଓପନ୍ ୨୦୨୪ ମଧ ଜିତିଥିଲେ। ଅନ୍ୟପକ୍ଷରେ ବିଶ୍ୱର ୨ ନମ୍ବର ଖେଳାଳି ଆଲେକଜାଣ୍ଡର ଜେଭେରେଭ୍ ପୁଣି ଥରେ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରୁ ବଞ୍ଚିତ ହୋଇଛନ୍ତି।

# ଅଷ୍ଟ୍ରେଲିଆନ୍ ମହିଳା ଓପନ୍ ଗ୍ରାଣ୍ଡ ସ୍ଲାମ୍: କିଜ୍‌ଙ୍କୁ ପ୍ରଥମ ଟ୍ରଫି

**ମେଲବର୍ଣ୍ଣ, ୨୭।୧:** ପ୍ରଭାବଶାଳୀ ଟେନିସ୍‌ର ଜବରଦସ୍ତ ପରାକାଷ୍ଠା ଦେଖାଇ ଶନିବାରର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଗତଥର ବିଜୟିନୀ ଆରିନା ସାବାଲେଙ୍କାଙ୍କୁ ୬-୩, ୨-୬, ୭-୫ ସେଟ୍‌ରେ ପରାସ୍ତ କରି ଆମେରିକୀୟ ତାରକା ମାଡିସନ୍ କିଜ୍ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ମହିଳା ଏକକ ଟ୍ରଫି ଜିତି ନେଇଛନ୍ତି। ୨୯ବର୍ଷୀୟା କିଜ୍‌ଙ୍କର ଏହା ହେଉଛି ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ବିଜୟ। ପୁଣି ପେସାଦାର ଯୁଗ ଆରମ୍ଭ ହେବା ପରଠାରୁ କୌଣସି ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତା ଜିତିବାରେ ଚତୁର୍ଥ ବୟୋଜ୍ୟେଷ୍ଠା ଖେଳାଳି ହୋଇଛନ୍ତି ସେ। ତାଙ୍କର ଏହି ବିଜୟ ପରେ ଆମେରିକୀୟ କ୍ରୀଡ଼ା ଜଗତରେ ଖୁସିର ଲହରି ଖେଳି ଯାଇଛି। ଟେନିସ୍ ଦୁନିଆ ମଧ ଜଣେ ନୂଆ ଅଷ୍ଟ୍ରେଲିଆ ଓ ଗ୍ରାଣ୍ଡସ୍ଲାମ୍ ବିଜୟିନୀ ପାଇଛି। ବେଲାରୁଷ୍ ତାରକା ସାବାଲେଙ୍କାଙ୍କୁ କିନ୍ତୁ ଉପବିଜୟିନୀ ସିଲ୍ଡରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ବିଶ୍ୱମାନ୍ୟତାର ନଂ ୧ରେ ଥିବା ଟପ୍ ସିଡ୍ ସାବାଲେଙ୍କା ସମସ୍ତଙ୍କ ପସନ୍ଦର ଖେଳାଳିଭାବେ ଫାଇନାଲ୍‌ରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ପ୍ରଥମ ସେଟ୍‌କୁ ଜିତି ନେଇ କିଜ୍ ତାଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ଏକତରଫା ଭାବେ ଦ୍ୱିତୀୟ ସେଟ୍ ଜିତି ଲଗାତାର ତୃତୀୟ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ଲକ୍ଷ୍ୟରେ ଥିବା ସାବାଲେଙ୍କା ଅବଶ୍ୟ ସ୍ଥିତି ବରାବର କରି ନେଇଥିଲେ। ନିର୍ଣ୍ଣାୟକ ତୃତୀୟ ସେଟ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ତେବେ ଏହାକୁ ଦୁଇ ପଏଣ୍ଟ୍ ବ୍ୟବଧାନରେ



## ଅଧା ରହିଗଲା ହ୍ୟାଟ୍ରିକ୍ ସ୍ୱପ୍ନ: ସାବାଲେଙ୍କା

ଜିତି ନେବା ସହ ରଡ୍ ଲେଭର୍ ଏରିନାରେ କିଜ୍ ନୂଆ ଇତିହାସ ରଚିଥିଲେ। ନିଜ ପ୍ରଥମ ଫାଇନାଲ୍ ପଦାର୍ପଣରେ ହିଁ ଟ୍ରଫି ଜିତିବାର ଅନନ୍ୟ ସଫଳତା ହାସଲ କରିଥଲେ ସେ। ସାବାଲେଙ୍କାଙ୍କ ପାଇଁ ତୃତୀୟ ସେଟ୍‌ରେ ଯୁଗଳ ଡବଲ୍ ଫଲ୍ଟ କରିବା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏହି କାରଣରୁ ତାଙ୍କଠାରୁ ୧୮ ମାନ୍ୟତା କମ୍ ପାଇଥିବା ଊନବିଂଶ ସିଡ୍ କିଜ୍ ରୋମାଞ୍ଚକର ବିଜୟ ପାଇ ଟାଇଟଲ୍ ଜିତି ନେଇଥିଲେ। ମହିଳାଙ୍କ ଭଳି ପୁରୁଷ ଏକକରେ ମଧ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍ ଦେଖିବାକୁ ମିଳିବ ବୋଲି ଟେନିସ୍ ପ୍ରେମୀ ଆଶା ରଖିଛନ୍ତି। ରବିବାର ପୁରୁଷ ଏକକ ଫାଇନାଲ୍‌ରେ ଟପ୍ ସିଡ୍ ଜାନେକ ସିନ୍ନର ଓ ଦ୍ୱିତୀୟ ସିଡ୍ ଆଲେକଜାଣ୍ଡାର ଜେରେଭ୍ ମୁହାଁମୁହିଁ ହେବେ। ସର୍ବିୟାର କିଂବଦନ୍ତି ଖେଳାଳି ନୋଭାକ ଜୋକୋଭିକ୍ ସେମିଫାଇନାଲ୍ ମୁକାବିଲାରୁ ଓହରି ଯିବା ପରେ ପ୍ରଥମ ଥର ଅଷ୍ଟ୍ରେଲିଆ ଓପନ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିବା ଜେରେଭ୍ ଆସନ୍ତାକାଲି ଯଦି ବିଜୟୀ ହୁଅନ୍ତି, ତାହେଲେ ପୁରୁଷ ଏକକରେ ମଧ ନୂଆ ବିଜେତାଙ୍କୁ ଦେଖିବାକୁ ମିଳିବ।

## ମହିଳା ହକି ଇଣ୍ଡିଆ ଲିଗ୍

# ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଚାମ୍ପିଅନ୍




**ରାଞ୍ଚି, ୨୭।୧:** ମହିଳା ହକି ଇଣ୍ଡିଆ ଲିଗ୍ ପ୍ରଥମ ସଂସ୍କରଣରେ ବାଜି ମାରି ନେଇଛି ଓଡିଶା ୱାରିଅର୍ସ। ରାଞ୍ଚିରେ ଅନୁଷ୍ଠିତ ଏଚଆଇଏଲ ଫାଇନାଲରେ ଚମ୍ପିଅନ୍ ହୋଇଛନ୍ତି ଓଡିଶା ୱାରିଅର୍ସ। ସୁରମା ହକି କ୍ଲବକୁ ୨-୧ ଗୋଲରେ ପରାସ୍ତ କରି ପ୍ରଥମ ଟାଇଟଲ ହାତେଇଛି ଓଡିଶା। ରୁତୁଜା ପିସଲ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ରବିବାର ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ହକି ଷ୍ଟାଡିୟମରେ ସୁରମା କ୍ଲବ ଓ ଓଡିଶା ୱାରିଅର୍ସ ମଧ୍ୟରେ ଫାଇନାଲ ଫାଇଟ୍ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳ ମଧ୍ୟରେ ଜୋରଦାର ଫାଇଟ୍ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଗୋଲ ଶୂନ୍ୟ ରହିଥିଲା। ଦୁଇ ଦଳ ଗୋଲ କରିବାକୁ ଯଥେଷ୍ଟ ପ୍ରୟାସ କରିଥିଲେ ମାତ୍ର ସଫଳ ହୋଇନଥିଲେ। ଦ୍ୱିତୀୟ କ୍ୱାର୍ଟରରେ ରୁତୁଜା ପ୍ରଥମ ଗୋଲ କରିବାକୁ ଚେଷ୍ଟା କରିଥିଲେ ମାତ୍ର ସୁରମା କ୍ଲବର ଗୋଲ କିପର ସବିତା ସେଭ୍ କରି ଦେଇଥିଲେ। ସୁରମା ପ୍ରଥମ ପେନାଲ୍ଟି କର୍ଣ୍ଣରେ ଗୋଲ ହାସଲ କରିଥିଲା। ୨୦ ମିନିଟରେ ରୁତୁଜା ପ୍ରଥମ ଗୋଲ ସ୍କୋର କରି ଓଡିଶାକୁ ଆଗୁଆ କରିଥିଲେ। ଗୋଲ ପରିଶୋଧ କରିବାକୁ ସୁରମା ବଳ ଲଗାଇ ଦେଇଥିଲା। ହାଫ ଟାଇମ ସୁଦ୍ଧା ସ୍ଥିତି ୧-୧ରେ ରହିଥିଲା। କ୍ୱାର୍ଟର ୩ରେ ଗୋଲ କରିବାକୁ ଦୁଇ ଦଳ ଲାଗି ପଡିଥିଲେ। କଡା ଟକ୍କର ହୋଇଥିଲା।୫୬ ମିନିଟରେ ଆଉ ଏକ ଗୋଲ କରି ଓଡିଶା ୱାରିଅର୍ସକୁ ୨-୧ରେ ଆଗୁଆ କରିଥିଲେ ରୁତୁଜା। ସୁରମା ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲା ମାତ୍ର ସଫଳ ହୋଇନଥିଲା। ଫଳରେ ମହିଳା ହକି ଇଣ୍ଡିଆ ଲିଗ ପ୍ରଥମ ସଂସ୍କରଣରେ ବାଜି ମାରି ନେଇଥିଲା ଓଡିଶା। ରୁତୁଜା ପିସଲ ଦୁଇଟି ଗୋଲ ସ୍କୋର କରିଥିଲେ। ଦମଦାର ପ୍ରଦର୍ଶନ ପାଇଁ ସେ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମହିଳା ହକି ଇଣ୍ଡିଆ ଲିଗ୍ ପ୍ରଥମ ସଂସ୍କରଣ ଗତ ଜାନୁଆରୀ ୧୨ ତାରିଖରୁ ରାଞ୍ଚିରେ ଆରମ୍ଭ ହୋଇଥିଲା। ମୋଟ ୪ଟି ଦଳ ଭାଗ ନେଇଥିଲେ। ଦିଲ୍ଲୀ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ବିଜୟରୁ ଅଭିଯାନ ଆରମ୍ଭ କରିଥିବା ଓଡିଶା ୱାରିୟର୍ସ ବିଜୟରେ ଅଭିଯାନ ଶେଷ କରିଛି। ଅଧିନାୟିକା ନେୟା ଗୋଏଲଙ୍କ ନେତୃତ୍ୱାଧୀନ ମହିଳା ହକି ଇଣ୍ଡିଆ ପ୍ରଥମ ସଂସ୍କରଣର ଓଡିଶା ୱାରିୟର୍ସ ଚମ୍ପିଅନ ହୋଇଛି।



# ପ୍ରଥମ ରାଜ୍ୟ ବାଟୁଳି ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପ୍ରାଙ୍ଗଣରେ ପ୍ରଥମ ରାଜ୍ୟ ବାଟୁଳି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଓଡ଼ିଶା ସ୍ଲିଂସଟ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡିଶା ସ୍ଲିଂସଟ ସଂଘ ( ସ୍ଲିଂସଟ ଆସୋସିଏସନ ଅଫ ଇଣ୍ଡିଆର ଓଡ଼ିଶା ନିମନ୍ତେ ଅନୁବନ୍ଧିତ ସଂସ୍ଥା) ସଭାପତି ଡ. ଅବିନାଶ ପୁନ୍ଦିର ଓ ସମ୍ପାଦକ ସପନ କୁମାର ମିଶ୍ର ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ହିମାଂଶୁ ଶେଖର ଦାସ ଓ ମୀର ଅଜମତ ଅଲୀ କୃତୀ ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରିଥିଲେ। ଦୀପକ କୁମାର ସାମନ୍ତ, ସନ୍ତୋଷ କୁମାର ମହାରଣା, ଶୁଭେନ୍ଦୁ କୁମାର ଲେଙ୍କା, ସୁସ୍ମିନ ପାଲଟାସିଂ, ସଞ୍ଚୟତା ମହାନ୍ତି, ରାଜେଶ ମହାପାତ୍ର, ସନ୍ଦୀପ ଦାଶ, ରଜନୀ ବିଶି, ଦୀପ୍ତିମୟୀ ସ୍ୱାଇଁ, ରୀତେଶ ରାୟ, ଦେବେନ୍ଦ୍ର ରାଣା, ବ୍ରତତି ପତି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହାୟତା କରିଥିଲେ। ସେହିପରି ରାଜେଶ ମହାରଣା, ସୋମେଶ କୁମାର ବେହେରା, ଲୋମା ସ୍ୱାଇଁ, ବିଭିନ୍ନ ବିଏଆରଜିଏ ପାଇଁ ୧୦ ମିଟର ଦୂରତାରୁ ସ୍ୱର୍ଣ ପଦକ ଓ କ୍ରିଷ୍ଣା ଶିକାରୀ ୫ ମିଟର ଦୂରତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାଛଡ଼ା ଶେଖର ନାୟକ, ରାଜେନ୍ଦ୍ର ହାଁସଦା, ସିନ୍ଧୁତନୟା ବିଭିନ୍ନ ବର୍ଗ ପାଇଁ ୧୦ ମିଟର ଦୂରତା ଓ ଉମାକାନ୍ତ ଦାଶ ୫ ମିଟର ଦୂରତାରେ ରୋପ୍ୟ ପଦକ ହାସଲ କରିଛନ୍ତି। ତା'ଛଡ଼ା କୃଷ୍ଣଚନ୍ଦ୍ର ନାୟକ ଓ ଶାକମ୍ବରୀ ଶତପଥୀ ବିଭିନ୍ନ ବର୍ଗ ପାଇଁ ୧୦ ମିଟର ଓ ପ୍ରଫୁଲ୍ଲ ଦାସ ୫ ମିଟର ଦୂରତାରେ କାଂସ୍ୟ ପଦକ ହାସଲ କରିଥିବା ଜଣାପଡ଼ିଛି।

# ପୁନେରେ ୮ରୁ ୟୁପିଏଲ୍-୫

## ଓଡ଼ିଶାର ବିଭିନ୍ନ ସହର ନାଁରେ ଭାଗନେବେ ୧୨ ଦଳ

ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ): ମହାରାଷ୍ଟ୍ର ପୁନେର କ୍ରିକେଟପ୍ରେମୀ ଓଡ଼ିଆ ଯୁବକମାନଙ୍କୁ ନେଇ ଗଠିତ ଓଡ଼ିଶା ଜଗରନଟସ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆସନ୍ତା ୮ରୁ ଉତ୍କଳ ପ୍ରିମିୟର୍ ଲିଗ୍ (ୟୁପିଏଲ୍)ର ପଞ୍ଚମ ସଂସ୍କରଣଆରମ୍ଭ ହେବ। ଏହି ଟେନିସ୍ ବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଜଗରନଟ୍ସ କ୍ଲବ୍ ତରଫରୁ ଆଗାମୀ ସଂସ୍କରଣର ପ୍ରସ୍ତୁତି ପାଇଁ ଏକ ବୈଠକ ପୁନେରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଆସନ୍ତା ୮ରୁ 'ୟୁପିଏଲ୍-୫' ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ, ଓଡ଼ିଶାର ବିଭିନ୍ନ ପ୍ରମୁଖ ସହର ନାମରେ ନାମିତ ୧୨ଟି ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ବ୍ଲାଷ୍ଟର୍ସ, ବାଲେଶ୍ୱର ବୁଲ୍ସ, ଭୁବନେଶ୍ୱର ସୁପରଚାର୍ଜର୍ସ, ପୁରୀ ସ୍ଲଗର୍ସ, କେଉଁଝର ଆଇରନ୍ସ, ପାରାଦୀପ ଫାଇଟର୍ସ, ବାଙ୍କୀ ୱାରିୟର୍ସ, ଯାଜପୁର ଜାଗୁଆର୍ସ, ସମ୍ବଲପୁର ମାଭରିକ୍ସ, ବଲାଙ୍ଗୀର ଟାଇଟାନ୍ସ, ମୁମ୍ବାଇ ଓଡ଼ିଶା କ୍ରେଜି ବଏଜ୍ ଓ କେନ୍ଦ୍ରାପଡ଼ା ଷ୍ଟ୍ରାଇକର୍ସ। ଟୁର୍ଣ୍ଣାମେଣ୍ଟରେ ପୁନେ, ମୁମ୍ବାଇ, ବାଙ୍ଗାଲୋର ଓ ଅନ୍ୟ ରାଜ୍ୟଗୁଡ଼ିକରେ ରହୁଥିବା ପ୍ରବାସୀ ଓଡ଼ିଆ ଖେଳାଳିଙ୍କ ସହ ଓଡ଼ିଶାର ବହୁ ଦକ୍ଷ କ୍ରିକେଟର ଭାଗନେବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ପ୍ରତିଯୋଗିତା ମାଧମରେ ଓଡ଼ିଆ ଅସ୍ମିତା, ଭାଇଚାରା ଓ ସଂସ୍କୃତିକୁ ପୁନେ ଓ ସମଗ୍ର ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ବଜାୟ ରଖିବା ପାଇଁ ଏହା ଏକ ପ୍ରୟାସ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆଗାମୀ ଦିନରେ ଆହୁରି ବଡ଼ ଆକାରରେ ଆୟୋଜନ କରିବା ପାଇଁ ମଧ ଆୟୋଜନ କମିଟି ସଦସ୍ୟମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

### ଅଭିଯୋଗ ଆଣିଲେ ପାକିସ୍ତାନ କ୍ରିକେଟର୍ ମହମ୍ମଦ ଶେହଜାଦ

# ହ୍ୟାଣ୍ଡସମ୍ ହୋଇଥିବାରୁ କରାଯାଉଥିଲା ଟାର୍ଗେଟ୍

**ଇସଲାମାବାଦ୍, ୨୬।୧:** ପାକିସ୍ତାନ ପାଇଁ ଟି-୨୦ ଅନ୍ତର୍ଜାତୀୟରେ ଶତକ ହାସଲ କରିଥିବା ପ୍ରଥମ ବ୍ୟାଟସମ୍ୟାନ ଅହମ୍ମଦ ଶେହଜାଦ ଏକ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି। ସେ କହିଛନ୍ତି, ତାଙ୍କର ସୁନ୍ଦର ଲୁକ ଯୋଗୁ ବରିଷ୍ଠ ଖେଳାଳିମାନେ ତାଙ୍କୁ ଟାର୍ଗେଟ କରୁଥିଲେ। ତଥାପି ଶେହଜାଦ କୌଣସି ବରିଷ୍ଠ ଖେଳାଳିଙ୍କ ନାମ ନେଇ ନ ଥିଲେ। ଶେହଜାଦ ଏହା ମଧ କହିଛନ୍ତି, ତାଙ୍କ ବ୍ୟତୀତ ଅନ୍ୟ କ୍ରିକେଟରମାନେ ମଧ ଏହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅହମ୍ମଦ ଅଲି ବଟ୍ଟଙ୍କ ସହ ଏକ ପୋଡକାଷ୍ଟରେ କଥାବାର୍ତ୍ତା କରି ଶେହଜାଦ କହିଥିଲେ, ମୁଁ ସୁନ୍ଦର ଦେଖାଯିବା ଯୋଗୁ ମୁଁ ବହୁତ ସମସ୍ୟାର ସମ୍ମୁଖୀନ ହୋଇଥିଲି। ଆମ କ୍ଷେତ୍ରରେ, ଯଦି ତୁମେ ଭଲ ଦେଖାଯାଉଛ, ଭଲ ପୋଷାକ ପିନ୍ଧିବା ଏବଂ କଥା କହିବା ଜାଣ, ତେବେ କିଛି ଲୋକ ତୁମ ଉପରେ ରାଗିବା ଆରମ୍ଭ କରନ୍ତି। ଶେହଜାଦ ଆହୁରି କହିଛନ୍ତି, ମୁଁ ପାକିସ୍ତାନ ଦଳରେ ନିଜେ ଟାର୍ଗେଟ ହୋଇଆସିଛି। ମୁଁ ଏଠାରେ ନିଜକୁ ରକ୍ଷା କରୁନାହିଁ, କିନ୍ତୁ ଅନ୍ୟମାନେ ମଧ ଏହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଯଦି ଆପଣଙ୍କର ଫ୍ୟାନ ଫଲୋଇଂ ବୃଦ୍ଧି ପାଏ ଏବଂ ଲୋକମାନେ ଆପଣଙ୍କୁ ପ୍ରଶଂସା କରନ୍ତି, ତେବେ କିଛି ବରିଷ୍ଠ ଖେଳାଳିଙ୍କ ପାଇଁ ଗ୍ରହଣ କରିବା ଏହା କଷ୍ଟକର।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରେଭେନ୍ସା...

ଦେଇଥିଲେ। ଗତ ୩୧ ଅଗଷ୍ଟ ୨୦୨୪ରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ସହରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଅବସରରେ ମଧ୍ୟ ଶ୍ରୀ ପ୍ରଧାନ ରେଭେନ୍ସା ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ବିଦ୍ୟାଳୟର ବିଭିନ୍ନ ଅସୁବିଧା ସମ୍ପର୍କରେ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ରେଭେନ୍ସା ବାଳିକା ବିଦ୍ୟାଳୟର ଐତିହାସିକ ପୃଷ୍ଠଭୂମି ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଭବନ, ଶ୍ରେଣୀଗୃହ, ଛାତ୍ରୀ ନିବାସ ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ କେନ୍ଦ୍ର ମନ୍ତ୍ରୀ କଟକ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସ୍କୁଲର ଐତିହ୍ୟକୁ ଦୃଷ୍ଟିରେ ରଖି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର ହୋଇଥିବା ୮୬.୯୧ କୋଟିରୁ ନୂଆ ସ୍କୁଲ ଭବନ ପାଇଁ ୧୪ କୋଟି, ଇନଡୋର୍ ଷ୍ଟାଡିୟମ କିମ୍ବା ବହିଃମୁଖୀ ସଭାଗୃହ ପାଇଁ ୧୦ କୋଟି, ନୂଆ ହଷ୍ଟେଲ ପାଇଁ ୨୦.୭ କୋଟି, ସ୍କୁଲ ବିଲଡିଂ ପାଇଁ ୫.୧୨ କୋଟି ଖର୍ଚ୍ଚ କରାଯିବ। ସେହିପରି ସ୍କୁଲ ଭବନର ନବୀକରଣ ପାଇଁ ୩.୩୨ କୋଟି, ବିଦ୍ୟାଳୟ ଚତୁଃପାର୍ଶ୍ୱର ବିକାଶ ପାଇଁ ୬.୯୩ କୋଟି, ଷ୍ଟାଫ୍ କ୍ୱାର୍ଟର, ସାଇକେଲ ଷ୍ଟାଣ୍ଡ ଓ ଆନୁଷଙ୍ଗିକ ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ଏହି ସ୍କୁଲର ବିକାଶ ଓ ନବୀକରଣ ହେବ। ଉଲ୍ଲେଖନୀୟ ଯେ ଷ୍ଟାର୍ସ ପ୍ରକଳ୍ପକୁ କ୍ରିୟାନ୍ୱୟନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର ୨୦୨୦ରେ କ୍ୟାବନେଟରେ ଅନୁମୋଦନ ଦେଇଥିଲେ। ଏହି ପ୍ରକଳ୍ପ ଉନ୍ନତ ମାନବ ସମ୍ବଳ ପ୍ରସ୍ତୁତ କରିବା ପାଇଁ ଉତ୍ତମ ଉନ୍ନତ ଶିକ୍ଷା ପରିଣାମ ଓ ସ୍କୁଲ ଦ୍ୱାରା ପ୍ରସ୍ତୁତ ରଣନୀତି ସହ କାର୍ଯ୍ୟ କରିବା ପାଇଁ ବିଭିନ୍ନ ଉପକ୍ରମ ବିକଶିତ କରିବା ସହ ତାହାକୁ ଲାଗୁ କରିବା, ଆକଳନ କରିବା ଓ ସଂସ୍କାର ଆଣିବା ପାଇଁ ରାଜ୍ୟଗୁଡ଼ିକୁ ସହାୟତା କରିବ। ଗୁଣବତ୍ତା ଆଧାରିତ ଶିକ୍ଷା ପରିଣାମ ହାସଲ କରିବା ପାଇଁ ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନଇପି) ୨୦୨୦ରେ ଥିବା ଉଦ୍ଦେଶ୍ୟ ସହିତ ଷ୍ଟାର୍ସ ପ୍ରକଳ୍ପର ଯୋଜନାଗୁଡ଼ିକ ଯୋଡ଼ି ହୋଇଛି।

## ୨.୧୫ ଲକ୍ଷ...

ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। କନକ୍ଲେଭରେ ଦେଶବିଦେଶର ଜଣାଶୁଣା ନାମୀଦାମୀ ଶିଳ୍ପପତି ଯୋଗଦେବେ। ତେଣୁ ଅତିଥି ରହିବାକୁ ଥିବା ହୋଟେଲଗୁଡ଼ିକରେ ବି କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ମୋଦିଙ୍କ ଗସ୍ତ ପୂର୍ବରୁ ଆଜି କାରକେଡ ରିହର୍ସାଲ ହୋଇଛି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜନତା ମୈଦାନରେ କନକ୍ଲେଭ ପ୍ରସ୍ତୁତିର ତଦାରଖ କରିଛନ୍ତି। ଦୁଇଦିନିଆ କନକ୍ଲେଭରେ ଭିନ୍ନ ଭିନ୍ନ ଅଧିବେଶନରେ ପୃଥକ୍ ଭାବେ ଶିଳ୍ପ କ୍ଷେତ୍ର ପାଇଁ ଆଲୋଚନା ହେବ।

ଓଡ଼ିଶାକୁ କେତେ ଆସିବ ପୁଞ୍ଜି, କେତେ ପ୍ରତିଷ୍ଠା ହେବ ଶିଳ୍ପ, ତା' ଉପରେ ଫୋକସ ରହିଛି। ଉତ୍କର୍ଷ ଓଡ଼ିଶା କନକ୍ଲେଭ ଯୁଗାନ୍ତକାରୀ ଓ ଐତିହାସିକ ହେବ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି। ଓଡ଼ିଶାର ପ୍ରତି ଜିଲାକୁ କିପରି ଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ଆଗକୁ ନିଆଯାଇପାରିବ, ତାହା ଉପରେ ପ୍ରାଥମିକତା ଦିଆଯାଉଛି। ଓଡ଼ିଶାରୁ ଶିଳ୍ପ ବିପ୍ଳବ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରତିଦିନ ୪ଟି ସହ ମୋଟ ୧୬ଟି ରିଜିଓନାଲ ଅଧିବେଶନ ରହିଛି। ଗତ ୭ ମାସରେ ୨ ଲକ୍ଷ ୭୫ ହଜାର କୋଟିର ନିବେଶ ପାଇଁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ୧୫୯ଟି ଶିଳ୍ପ ସଂସ୍ଥାକୁ ଅନୁମୋଦନ ମିଳିଛି।

ଏହା ମାଧ୍ୟମରେ ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ରେ ଯୋଗଦେବାକୁ ୭୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ପଞ୍ଜୀକରଣ କରିଛନ୍ତି। ଦୁଇଦିନିଆ ଶିଳ୍ପ ମହାକୁମ୍ଭରେ ୧୬ଟି ଦେଶର କୁଟନୈତିଜ୍ଞ ଏବଂ ପ୍ରତିନିଧି ଯୋଗଦେବେ। ମିତ୍ତଲ ଗ୍ରୁପ ଅଧ୍ୟକ୍ଷ ଏଲଏନ ମିତ୍ତଲ, ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା, ବେଦାନ୍ତ ଗ୍ରୁପର ଅନୀଲ ଅଗ୍ରୱାଲ, ଜିନ୍ଦଲ ଗ୍ରୁପର ସଜ୍ଜନ ଓ ନବୀନ ଜିନ୍ଦଲ, ଟାଟା ଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନଙ୍କ ଭଳି ଜଣାଶୁଣା ଶିଳ୍ପପତି ଏଥିରେ ଯୋଗଦେବେ। ସିଙ୍ଗାପୁର, ମାଲେସିଆ, ଅଷ୍ଟ୍ରେଲିଆ, ଭିଏତନାମ, ଇଟାଲୀ, ବେଲାରୁଷ, ୟୁକେ ପରି ୧୬ଟି ରାଷ୍ଟ୍ରର ୧୦୦ରୁ ଅଧିକ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେବାକୁ ଥିବା ବେଳେ ଏଥିରୁ ଓଡ଼ିଶାକୁ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ବାଟ ଫିଟିବ ବୋଲି ଆଶା କରାଯାଉଛି।

## ହସ୍ପିଟାଲ୍‌ରେ...

ବିଦ୍ରୋହୀ ରାପିଡ୍ ସପୋର୍ଟ ଫୋର୍ସେସ (ଆର୍‌ଏସ୍‌ଏଫ୍)ର ଭୂମିକା ଥିବା ଅଲ୍ ଫାସିର୍‌ର ଗଭର୍ଣ୍ଣର୍ ମିନି ମିନାସ୍ୱି କହିଛନ୍ତି। ଆକ୍ରମଣ ପରେ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ମଧ୍ୟରୁ ୮୦ରୁ ଊର୍ଦ୍ଧ୍ୱଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ଆକ୍ରମଣ ଘଟଣା ଅନ୍ତର୍ଜାତୀୟ ଆଇନ ଉଲ୍ଲଙ୍ଘନଜନିତ ନୁହେଁ ବୋଲି ସାଉଦି ଆରବ ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୨୩ ଏପ୍ରିଲରୁ ସୁଦାନ ସେନା ଓ ଅର୍ଦ୍ଧସାମରିକ ଆର୍‌ଏସ୍‌ଏଫ୍ ମଧ୍ୟରେ ସଂଘର୍ଷ ଜାରି ରହିଛି। ଡାରଫର୍‌ର ଅନେକ ପଶ୍ଚିମାଞ୍ଚଳକୁ ଆର୍‌ଏସ୍‌ଏଫ୍ ନିଜ କବଜାକୁ ନେଇସାରିଲାଣି। ଉତ୍ତର ଡାରଫର୍‌ର ରାଜଧାନୀ ଏଲ-ଫାସେର ଉପରେ ମଧ୍ୟ ବିଦ୍ରୋହୀମାନେ ନିଜର ଆଧିପତ୍ୟ ଜାହିର୍ କରିସାରିଛନ୍ତି। ସୁଦାନରେ ଏବେ ଯୁଦ୍ଧ ଜାରି ରହିଥିବାରୁ ଅଦ୍ୟାବଧି ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇସାରିଛନ୍ତି। ଏହାଛଡ଼ା ୧.୨୦ କୋଟି ଲୋକ ବାସଚ୍ୟୁତ ହୋଇସାରିଛନ୍ତି। ଏହାଛଡ଼ା ଲକ୍ଷ ଲକ୍ଷ ଲୋକ ଅନାହାରରେ ସଢ଼ିଆସୁଥିଲେ ମଧ୍ୟ ଅଦ୍ୟାବଧି ଯୁଦ୍ଧ ସ୍ଥିତିରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ।

## ଓଡ଼ିଶା...

ରାଜ୍ୟକୁ ସମୃଦ୍ଧ କରିବା ମୋର ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିପାଇଁ ରାଜ୍ୟ ସରକାର ତିନୋଟି ଦିଗକୁ ଗୁରୁତ୍ୱ ଦେଉଛନ୍ତି- ବଳିଷ୍ଠ ଶିଳ୍ପ ଭିତ୍ତିଭୂମିର ବିକାଶ, ଇଜ ଅଫ ଡୁଇଙ୍ଗକୁ କ୍ରିୟାଶୀଳ କରିବା ଏବଂ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆମ ସରକାର ନୈତିକ ଦାୟିତ୍ୱ ହୋଇଥିବା ବେଳେ ସବୁ ନିବେଶକଙ୍କୁ ଆମେ ରାଜ୍ୟ ବିକାଶର ଅଂଶୀଦାର ବୋଲି ଭାବୁଛୁ। ରାଜ୍ୟରେ ନିବେଶ କରୁଥିବା ପ୍ରତ୍ୟେକ ନିବେଶକଙ୍କୁ ବିଶ୍ୱସ୍ତରୀୟ ଅନୁଭୂତି ଦେବାକୁ ଆମ ଟିମ୍ ଉଦ୍ୟମ କରୁଛି। ତେବେ ରାଜ୍ୟରେ ନିବେଶ କେବଳ ଶିଳ୍ପାନୁଷ୍ଠାନକୁ ବୁଝାଏ ନାହିଁ। ରାଜ୍ୟବାସୀଙ୍କ ପାଇଁ ନିବେଶକୁ ମଧ୍ୟ ଆମେ ଗୁରୁତ୍ୱ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବାବୁଙ୍କ...

ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି। ବିଭାଗର ବାବୁମାନେ ଏବେ ବି ପୂର୍ବ ସରକାରର ଆଦବକାଇଦା ଭିତରେ ଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଏଭଳି ବ୍ୟବହାର କରୁଥିବା କୁହାଯାଉଛି। ନୂଆ ସରକାର ଆସିବା ପରେ ସ୍ଥିତିରେ ସୁଧାର ପରିବର୍ତ୍ତେ ଅଧିକ ବିଗିଡିବାରେ ଲାଗିଛି। ଗଣତନ୍ତ୍ର ଦିବସ ପାଇଁ ଅଧିସ୍ୱୀକୃତ ସାମ୍ବାଦିକମାନେ ପ୍ରବେଶପତ୍ରଟିଏ ପାଉନାହାନ୍ତି କି ରାଜ୍ୟପାଳଙ୍କ ଆଟ୍‌ହୋମ୍ ପାଇଁ ଆଉ ସେମାନଙ୍କୁ ନିମନ୍ତ୍ରଣପତ୍ରଟିଏ ମିଳୁନାହିଁ। ଉତ୍କର୍ଷ ଓଡ଼ିଶା ଭଳି ଆନ୍ତର୍ଜାତୀୟ ସ୍ତରର ସମ୍ମିଳନୀ ପାଇଁ ଖୋଦ୍ ସରକାର ଗଣମାଧ୍ୟମ ସଂସ୍ଥା, ଏଡିଟର ଓ ସାମ୍ବାଦିକମାନଙ୍କ ନିକଟକୁ ପ୍ରବେଶପତ୍ର ପଠାଇବା ବଦଳରେ ସେମାନେ ଆସି ଗୋଡ଼ଭାଙ୍ଗି ଛିଡା ହୋଇ ଆବେଦନ କରିବାକୁ ରାଜଧାନୀର ଅନେକ ବରିଷ୍ଠ ସାମ୍ବାଦିକ ସହଜରେ ଗ୍ରହଣ କରିପାରୁନାହାନ୍ତି। ପୂର୍ବ ସରକାରଙ୍କ ଆଦବକାଇଦା ଖୋଳପାରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ବାବୁମାନେ କେବେ ବାହାରିବେ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ନିଜ...

ହୋଇଛି। ତେବେ କଲେଜ କର୍ତ୍ତୃପକ୍ଷ ନିଜର ଜମି ଖୋଜା ଆରମ୍ଭ କରିଥିବା ଖବର ପାଇବା ପରେ ଏବେ କଲେଜ ଜମିକୁ ଚଳୁ କରିଥିବା ଲୋକଙ୍କ ଭିତରେ ଛନକା ପଶିଛି। ସେମାନେ ଏବେ ଜମି ଉପରେ ରହିବା ପାଇଁ କ'ଣ କରିବେ, ସେଥିପାଇଁ ଯୋଜନା କରୁଥିବା ବେଳେ କଲେଜ ଛାତ୍ରଛାତ୍ରୀମାନେ ଏଥିରେ ହସ୍ତକ୍ଷେପ କରିବା ସୂଚନା ମିଳିଲାଣି । ବିଶେଷକରି କଲେଜର ପୂର୍ବତନ ଛାତ୍ର ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ କଲେଜର ସମ୍ପତ୍ତି ସଂକ୍ରାନ୍ତରେ ଅବଗତ ପାଇଁ କଲେଜ କର୍ତ୍ତୃପକ୍ଷ ବିଚାରୁଥିବା ଜଣାଯାଇଛି। ତେବେ ବିଜେବି କଲେଜର ଅତ୍ୟନ୍ତ ମୂଲ୍ୟବାନ ଜମିକୁ କେବେଠାରୁ କିଏ ହଡ଼ପ କରିଛି ଓ କେତେ ଟଙ୍କାର ମୂଲ୍ୟବାନ ଜମି କାହା ହାତକୁ ଯାଇଛି, ସେଥିନେଇ ବର୍ତ୍ତମାନ ସୁଦ୍ଧା କେହି ବି ନିଶ୍ଚିତ ନୁହଁନ୍ତି।

## ପ୍ରକାଶ ମିଶ୍ର...

ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିବା ପରେ ଶକ୍ତି ବିଭାଗର ପରାମର୍ଶଦାତା ଭାବେ ବରିଷ୍ଠ ଓକିଲ ସଞ୍ଜୟ ସେନଙ୍କୁ ନିଯୁକ୍ତି ଦେଇଥିଲା। ଆଗାମୀ ଦିନରେ ଅଧିକ ସଂଖ୍ୟକ ରାଜନୀତିକ ଓ ଅଣରାଜନୀତିକ ବ୍ୟକ୍ତିଙ୍କୁ ସରକାରର ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରାଯିବ ବୋଲି ଜଣାପଡ଼ିଛି।

## ଆଜିଠୁ...

ହଜାରରୁ ଅଧିକ ଚାରା ରୋପଣ କରାଯିବ। କ୍ରୀଡ଼ାବିତମାନଙ୍କ ପାଇଁ ପଦକ ଓ ପ୍ରମାଣପତ୍ର ପରିବେଶ ଅନୁକୂଳ ଓ ଜୈବ ବିଘଟନଶୀଳ ସାମଗ୍ରୀରୁ ପ୍ରସ୍ତୁତ କରାଯିବ।

## ବିଶ୍ୱଙ୍କ...

ହାରିଥିବାବେଳେ ଜିଲ୍ଲାରେ ତାଙ୍କର ପତିଆରା ହ୍ରାସ ପାଇବାରେ ଲାଗିଛି।

ଅନ୍ୟ ପକ୍ଷରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବଗୋଷ୍ଠୀଙ୍କୁ ନିଜ ପଟକୁ ଆଣିବା ପାଇଁ ଦଳର କିଛି ବରିଷ୍ଠ ନେତା ବିଶ୍ୱରଞ୍ଜନଙ୍କ ସପକ୍ଷରେ ରହିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ସର୍ବାଧିକ ଭୋଟରେ ବିଜୟୀ ବିଶ୍ୱଙ୍କ ହାତରେ ଯୁବ ବିଜେଡି ଦାୟିତ୍ୱ ଦେଲେ ସିଏ ରାଜ୍ୟର ଯୁବଗୋଷ୍ଠୀଙ୍କୁ ସହଜରେ ପ୍ରଭାବିତ କରିପାରିବେ। ହେଲେ କ୍ରୀତଦାସ କଣ୍ଟା ସାଜିଥିବାରୁ ଅନେକ ଇଚ୍ଛା ଥିଲେ ବି ମୁହଁ ଖୋଲିପାରୁନାହାନ୍ତି। ତେବେ ଯୁବ ବିଜେଡି ସଭାପତି ନିଯୁକ୍ତିର ଚୂଡାନ୍ତ ନିଷ୍ପତ୍ତି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ନିର୍ଭର କରୁଥିବାରୁ ସେ ବିଶ୍ୱଙ୍କ ନାଁରେ ମୋହର ମାରୁଛନ୍ତି କି କ୍ରୀତଦାସ-ସନ୍ୟାସୀ ଯୋଡିଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି, ତାହା ଉପରେ ଏବେ ଦଳୀୟ କର୍ମୀଙ୍କ ନଜର ରହିଛି।

## ଅଫିସର...

ଆମେ କ'ଣ ପାଇବୁ। ମୋତେ ଆଶ୍ଚର୍ଯ୍ୟ ଲାଗିଲା ଶୁଣିଲି। ମୋତେ ଜଣେ ଆଇଏସ ଅଫିସର କହିଲେ ଏହି ବିବାଦ କୃଷକ ଓ ମିଲରଙ୍କ ମଧ୍ୟରେ ଛାଡ଼ି ଦିଅନ୍ତୁ, ଆପଣ ମୁଣ୍ଡ ପୂରାନ୍ତୁନି। ମୁଁ ଅଫିସରଙ୍କୁ କହିଲି ତେବେ ଆମ ପଲିସିର ଲାଭ କ'ଣ? ଆଶ୍ଚର୍ଯ୍ୟ ଅଫିସରଙ୍କ ଏଭଳିଆ ମାନସିକତା ରହିଛି। ସମସ୍ତଙ୍କୁ ପରିବର୍ତ୍ତନ କରିବାକୁ ସମୟ ଲାଗୁଛି। ଯେତେ ବଡ଼ ଅଫିସର ହେଉ କଟନୀ ଛଟନୀରେ ସହଯୋଗ କଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଏପରିକି ଯେଉଁ ମିଲରମାନେ ଏମିତି କରିବେ ତାଙ୍କ ମିଲକୁ କଳା ତାଲିକାଭୁକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଉତ୍ତରାଖଣ୍ଡରେ...

ବର୍ଷ ବୟସ ବାଧ୍ୟତାମୂଳକ। ଏହାଛଡ଼ା ସଂହିତା ଲାଗୁ ହେବା ଫଳରେ ରାଜ୍ୟରେ ଯେକୌଣସି ଧର୍ମରେ ଏକାଧିକ ବିବାହ, ବାଲ୍ୟ ବିବାହ, ତ୍ରିପଲ୍ ତଲାକ୍ ଆଦିରେ ରୋକ୍ ଲାଗିବ।
କିନ୍ତୁ ଏହି ସଂହିତା ରାଜ୍ୟର ତଫସିଲଭୁକ୍ତ ଉପଜାତି ପାଇଁ ଲାଗୁ ହେବ ନାହିଁ। ଏହାଦ୍ୱାରା ଲିଭ୍‌ଇନ୍ ରିଲେସନ୍‌ରୁ ଜାତ ସନ୍ତାନକୁ ସ୍ୱୀକୃତି ମିଳିବା ସହ ଉତ୍ତରାଧିକାରୀ ଭାବେ ସମ୍ପତ୍ତି ଦାବି କରିପାରିବେ।
ସେହିପରି ଏହି ସଂହିତା କେତେକ ନିର୍ଦ୍ଦିଷ୍ଟ ବର୍ଗର ଲିମ୍ ଧର୍ମାବଲମ୍ବୀ ମହିଳାଙ୍କୁ ନିକାହ ହଲାଲା ଓ ଇଦ୍ଦତ୍ ଆଦିରୁ ରକ୍ଷା କରିପାରିବ। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ କେବଳ କେନ୍ଦ୍ରଶାସିତ ଅଞ୍ଚଳ ଗୋଆରେ ଏହି ସଂହିତା ଲାଗୁ ହୋଇଛି।

# ୧୫ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

**ବ୍ରହ୍ମପୁର, ୨୭।୧ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ଗୋପାଳପୁର ବେଳାଭୂମି ମହୋତ୍ସବ ଫେବୃଆରୀ ୧୫ରୁ ୧୭ ତାରିଖ ତିନିଦିନ ଏବଂ ପଲ୍ଲିଶ୍ରୀ ମେଳା ପ୍ରତି ବର୍ଷ ଭଳି ଅତିରିକ୍ତ ଆଉ ଦୁଇଦିନ ଚାଲିବ। ପଲ୍ଲିଶ୍ରୀ ମେଳା ୧୫ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥି ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଚଳିତ ବର୍ଷ ଓରମାସ୍ ପକ୍ଷରୁ ୩୦୦ ଗୋଟି ଷ୍ଟଲର ବ୍ୟବସ୍ଥା ହେବ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାର ମିଶନ୍ ଶକ୍ତି ମାଆ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକ ପ୍ରଦର୍ଶନ ସହିତ ବିକ୍ରିବଟା ମଧ୍ୟ ହେବ । ତା ସହିତ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସରକାରୀ ଯୋଜନା ସମ୍ପର୍କିତ ପ୍ରଦର୍ଶନ କରାଯିବ । ପୂର୍ବ ବର୍ଷ ଭଳି ଚଳିତ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ କଳାକାର, ଲୋକ କଳାକାର, ଅନ୍ୟ ଜିଲ୍ଲାର କଳାକାର, ବାହାର ରାଜ୍ୟର କଳାକାର ଏବଂ ମେଗା ଇଭେଣ୍ଟ ମଧ୍ୟ ପ୍ରସ୍ତୁତ ହେବ । ଏଥି ସକାଶେ ପ୍ରସ୍ତୁତି କାର୍ଯ୍ୟ କରାଯାଇଛି । ଖାଦ୍ୟ ମେଳା, ବାଲୁକା କଳା ପ୍ରଭୃତି ଆୟୋଜନ ହେବ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ମରଣୀକା ଶାମୁକା ପ୍ରକାଶିତ ହେବ । ଏଥି ନିମନ୍ତେ ପ୍ରବନ୍ଧ ଲେଖା ଗୁଡିକ ଫେବୃୟାରୀ ୫ ତାରିଖ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଠାରେ ଦାଖଲ କରିବା ପାଇଁ ଲେଖକ ବୃନ୍ଦଙ୍କୁ ଅନୁରୋଧ କରାଯାଇଛି । ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଫେବୃୟାରୀ ମାସ ୩ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଅନୁଷ୍ଠାନର କଳାକାର ମାନଙ୍କ ସାଂସ୍କୃତିକ ନୃତ୍ୟ ଚୟନ ପ୍ରତିଯୋଗିତା ବ୍ରହ୍ମପୁର ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ଅପରାହ୍ନ ୩ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ମଧ୍ୟରେ ଅନୁଷ୍ଠିତ ହେବ । ଏଥିରେ ଅଂଶ ଗ୍ରହଣ କରିବା ସକାଶେ ଇଛୁକ ଥିବା ଅନୁଷ୍ଠାନ ଗୁଡିକ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଫେବୃୟାରୀ ୧ ତାରିଖ ସୁଦ୍ଧା ଲିଖିତ ଆବେଦନ କରି ଚୟନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ । ଏଥିରେ ଚୟନ ହୋଇଥିବା ଦଳଙ୍କୁ ଗୋପାଳପୁର ବେଳାଭୂମି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ନିମନ୍ତେ ସୁଯୋଗ ପ୍ରଦାନ କରାଯିବ।

# ବିକାଶଶୂନ୍ୟ ଆମ୍ବଦଣୀ ଗାଁରେ ଉଡ଼ିଲା ତ୍ରିରଙ୍ଗା



**ରାୟଗଡା, ୨୭।୧ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲାର ମୁନିଗୁଡା ବ୍ଲକ ଅଧୀନର ମୁନିଖିଲ ପଞ୍ଚାୟତର ଆମ୍ବଦଣୀ ଗ୍ରାମରେ ବିକାଶ ଅପହଞ୍ଚ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏହି ଗ୍ରାମର ମୂଳ ଅବସ୍ଥା ପରିବର୍ତ୍ତିତ ହୋଇନାହିଁ । ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦେବା ପାଇଁ ଏଠାରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି, କିନ୍ତୁ ଏହା ଚଳାଉଥିବା ବିଦ୍ୟାଳୟ ଗୃହ ଅଭାବରୁ ଛାତ୍ରଛାତ୍ରୀମାନେ ଗଛତଳେ କିମ୍ବା ପିଣ୍ଡାରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ୩୦ରୁ ୪୦ ଜଣ ଛାତ୍ରଛାତ୍ରୀ ଥିବା ଏହି ବିଦ୍ୟାଳୟରେ ପୂର୍ଣ୍ଣ ଶିକ୍ଷାର ବ୍ୟବସ୍ଥା ନାହିଁ । ଏକ ଅଙ୍ଗନବାଡି କେନ୍ଦ୍ର ରହିଥିଲେ ମଧ୍ୟ, ତାହାର ଭିତରେ ଆବଶ୍ୟକ ସୁବିଧା ସୁଯୋଗ ମଧ୍ୟ ଅପେକ୍ଷାକ୍ରମେ ହ୍ରାସ ପାଇଛି। ଗ୍ରାମର ଶିକ୍ଷା ବ୍ୟବସ୍ଥାରେ ସରକାରୀ ଅବହେଳା ସ୍ପଷ୍ଟ । ଗ୍ରାମରେ ଆବାସ ଯୋଜନା ମାଧ୍ୟମରେ ଘର ପ୍ରଦାନ କରିବାକୁ ଦାବି ହେଲେ ମଧ୍ୟ କୌଣସି ସଫଳ ପଦକ୍ଷେପ ନିଆଯାଇନାହିଁ। ପକାରାସ୍ତା ନଥିବାରୁ ଗ୍ରାମବାସୀ ଯାତାୟାତର ସୁବିଧାରୁ ବଞ୍ଚିତ । ଯେଉଁଭଳି ଆପତ୍ତକାଳୀନ ସ୍ଥିତି ମଧ୍ୟ କ୍ଷେତ୍ରରେ ଗଭୀର ଅସୁବିଧା ହୋଇଥାଏ ।

ବିଏସପି ନେତା ଜିତୁ ଜାକେସିକା କହିଛନ୍ତି ଯେ ଏହି ଅଞ୍ଚଳର ଅବିକଶିତ ଅବସ୍ଥା ସମ୍ବେଦନଶୀଳ। ପୂର୍ବ ସରକାର ସମୟରେ ବିଧାୟକ, ନେତା, ମନ୍ତ୍ରୀ ବିକାଶ ନାମରେ ଅଞ୍ଚଳବାସୀଙ୍କୁ ଠକିଲେ। ବର୍ତ୍ତମାନର ପ୍ରଶାସନ ବିକାଶ ରଥକୁ କେତେ ଆଗକୁ ବଢ଼ାଇ ନେବେ ତା ଦେଖିବାକୁ ବାକି ରହିଛି। ତଥାପି, ଗ୍ରାମବାସୀମାନଙ୍କର ଉତ୍ସାହ କମି ନାହିଁ । ସେମାନେ ୭୫ତମ ଗଣତନ୍ତ୍ର ଦିବସ ଉତ୍ସବକୁ ମିଳିତ ଭାବରେ ଗାଁର ଦାଣ୍ଡ ମଝିରେ ପାଳନ କରିଛନ୍ତି । ଏହା ଏକ ଉଦାହରଣ ଯେ ଗ୍ରାମବାସୀମାନଙ୍କର ଆଶା ଏବଂ ସଂଘର୍ଷ ନିରନ୍ତର ରହିଛି । ସରକାର ଏବଂ ସ୍ଥାନୀୟ ପ୍ରଶାସନ ଏହି ଅଞ୍ଚଳର ସମସ୍ୟା ଉପରେ ତ୍ୱରିତ ପଦକ୍ଷେପ ନେଇ ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରନ୍ତୁ ବୋଲି କହିଛନ୍ତି ବିଏସପି ଜିଲ୍ଲା ସଭାପତି ଜିତୁ ଜାକେଶିକା ।

# ଗଛ କଟାଳିଙ୍କ ମୃତ୍ୟୁ

**ନାଉଗାଁ, ୨୭।୧ (ସଂଚାର ବ୍ୟୁରୋ) :** ନାଉଗାଁ ଥାନା ଅନ୍ତର୍ଗତ ବଛାଳୋ ପଞ୍ଚାୟତର ଅଲଣା ଗ୍ରାମରେ ସଂଘଟିଲା ଘଟଣା। ଗ୍ରାମର ୪୫ ବର୍ଷୀୟ ପ୍ରଶାନ୍ତ ସେଠି ଗଛ କାଟୁଥିବା ସମୟରେ ଗଛରେ ବନ୍ଧା ଯାଇଥିବା ରଶି ତାଙ୍କୁ ଟାଣି ନେଇ ଗଛରେ ପିଟି ଦେଇଥିଲା, ଯାହା ଫଳରେ ପ୍ରଶାନ୍ତ ସଙ୍ଗେ ସଙ୍ଗେ ଗୁରୁତର ହୋଇ ପଡିଥିଲେ। ପାଖରେ ଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟପଟେ ଘଟଣା ସ୍ଥଳରେ ନାଉଗାଁ ପୋଲିସ ପହଞ୍ଚି ମୃତ ଦେହକୁ ପଂଚନାମା କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରିବା ନିମନ୍ତେ ଜିଲ୍ଲା ସଦରମହକୁମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି। ନାଉଗାଁ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ଗଛକଟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଏହି ଚୋରା କାଠ ବ୍ୟବସାୟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

# ନୟାଗଡ଼ ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀଙ୍କ ବଳିଦାନ ଅବିସ୍ମରଣୀୟ



**ନୟାଗଡ଼, ୨୭।୧ (ସଂଚାର ବ୍ୟୁରୋ):** ନୟାଗଡ଼ ପିଟିଏସ ପଡିଆଠାରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍ପି ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଏଏସପି ସନାତନ କଲୋ, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଦଳ ପ୍ୟାରେଡରେ ସାମିଲ ହୋଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ସଂଯୋଜନା କରିଥିଲେ ।

ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ନୟାଗଡ଼ ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି କହିଥିଲେ। ରଘୁ-ଦିବକରଙ୍କଠାରୁ ଆରମ୍ଭ କରି କସ୍ତୁରୀ ପରିଡ଼ାଙ୍କ ପର୍ଯ୍ୟନ୍ତ ଅନେକ ସ୍ୱାଧିନତା ସଂଗ୍ରାମୀଙ୍କ ନାଁ ନେଇ ମୁଖ୍ୟ ଅତିଥି ନୟାଗଡ଼ ମାଟି ନମସ୍ୟ ବୋଲି କହିଥିଲେ। ଅତିଥିଙ୍କ ଦ୍ୱାରା ସ୍ୱାଧିନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ରଥ ପ୍ୟାରେଡରେ ଅଂଶ ଗ୍ରହଣ କରି ସଚେତନତା ବାର୍ତ୍ତା ବହନ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା କାରାଗାର ପରିଦର୍ଶନ କରି ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ରୋଟାରୀ କ୍ଲବ ଦ୍ୱାରା ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଏହା ସହିତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

# ପ୍ରଫେସର ଅଶୋକ ମହାପାତ୍ରଙ୍କୁ ସୋଆ ପ୍ରତିଷ୍ଠାତାଙ୍କ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୭।୧ (ସଂଚାର ବ୍ୟୁରୋ) :** ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ କରାଯିବା ପରିପ୍ରେକ୍ଷୀରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସୋମବାର ଦିନ ସମ୍ବର୍ଦ୍ଧିତ କରିଛନ୍ତି।

ଏମ୍ସ ନୁଆଦିଲ୍ଲୀର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ସହ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ରହିଥିବା ପ୍ରଫେସର ମହାପାତ୍ର ସୋଆର କୁଳପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ସାରିଛନ୍ତି। ପ୍ରଫେସର ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇ ପ୍ରଫେସର ନାୟକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତାଙ୍କର ଦେଶ ପ୍ରତି ଅବଦାନ ଅତୁଳନନୀୟ ବୋଲି କହିଥିଲେ। ଏହି ସମ୍ମାନ ସୋଆ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି ବୋଲି ସେ କହିଥିଲେ। ଏହି ଅବସରରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଏବଂ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ଦୁଇବଖରା

**କୁଜଙ୍ଗ, ୨୭।୧ (ସଂଚାର ବ୍ୟୁରୋ) :** ଆଜି ଭୋର ପ୍ରାୟ ସାଢେ ଚାରିଟାରେ କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ ଘୋଡାମରା(ଜେନାସାହି)ରେ ଦୁଇବଖରା ଘର ସମ୍ପୂର୍ଣ୍ଣଭାବେ ଭସ୍ମୀଭୂତ ହୋଇ ଯାଇଥିବା ଜଣାପଡ଼ିଛି। ଫଳରେ ଘରେ ଥଇବା ସମସ୍ତ ଗୃହ ଉପକରଣ ସମ୍ପୂର୍ଣ୍ଣଭାବେ ପୋଡି ପାଉଁଶ ହୋଇ ଯାଇଛି। ମାତ୍ର ଘରେ ଥିବା ତିନିଜଣଙ୍କର



ଜୀବନ ଅଳ୍ପକେ ବଞ୍ଚି ଯାଇଛି। ଏହି ଅଗ୍ନିକାଣ୍ଡରେ କ୍ଷୀରୋଦ ପାତ୍ରଙ୍କ ପୁତ୍ର ଅଶୋକ ପାତ୍ର ଏବଂ ଆଲୋକ ପାତ୍ରଙ୍କ ଦୁଇବଖରା ଘର ସମ୍ପୂର୍ଣ୍ଣଭାବେ ଜଳିଯାଇଥିବା ଜଣାପଡ଼ିଛି। ଆଜି ସକାଳେ ସ୍ଥାନୀ ୟ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ତହସିଲଦାର ସ୍ୱରୂପନନ୍ଦନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନୀରିକ୍ଷକ ଶୁଭାଶୀଷ ଜେନା ଘଟଣାର ତଦନ୍ତ କରିବା ସହିତ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।

# ଜେଲ ଗଲେ ଚାଳକ ଓ ବାଲି ବେପାରୀ

**ବାଲିଅନ୍ତା, ୨୭।୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ପୁଲିସ ଆଜି ବର୍ଷ ବର୍ଷ ଧରି ଭୁବନପୁର ଚୋରା ବାଲିଘାଟ ଚଲାଇଥିବା ଅଜୟ ବେହେରା ଓରଫ ଅଜୁ (୫୩ ) ଏବଂ ବାଲି ନେଇ ଯାଉଥିବା ଟ୍ରାକ୍ଟର ଚାଳକ ସୁକୁରା ବିନ୍ଧାନି (୩୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉଭୟ ଅଜୁ ଏବଂ ସୁକୁରା ଜାମିନ ଖାରଜ ହୋଇଯିବାରୁ ତାଙ୍କୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଅଜୟ କୁମାର ବେହେରା ଏବଂ ତାଙ୍କ ଡ୍ରାଇଭର



ସୁକୁରା ବିନ୍ଧାନି ମିଳିତ ଭାବେ ଭାର୍ଗବି ନଦୀରୁ ବାଲି ଚୋରା ଚାଲାଣରେ ଲିପ୍ତ ରହିଛନ୍ତି। ଚଢଉ ସମୟରେ ପୁଲିସ ନିମ୍ନୋକ୍ତ ଅଭିଯୁକ୍ତ ଦୁହିଁଙ୍କୁ କାବୁ କରିଥିଲେ ଓ ସେମାନଙ୍କ ହେପାଜତରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତମାନେ ବେଆଇନ ଭାବରେ କୌଣସି ସରକାରୀ ସୀକୃତିପ୍ରାପ୍ତ ଅନୁମତି ନଥାଇ ନଦୀ ବାଲି ଚୋରା ଚାଲାଣରେ ଲିପ୍ତ ରହିଥିବା ଦର୍ଶାଇଥିଲେ । ଅଭିଯୁକ୍ତ ଦୁହେଁ ବେଆଇନ ଉପାୟ ଦ୍ୱାରା ଏହି କାର୍ଯ୍ୟ ଅନେକ ଦିନରୁ କରିଆସୁଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ମିନିଟ୍ରକ୍ ଧକ୍କାରେ ଯୁବକ ମୃତ

**ବାଲିଅନ୍ତା, ୨୭।୧ (ସଂଚାର ବ୍ୟୁରୋ) :** ଗତକାଲି ରାତି ୧୧ଟା ସମୟରେ ବାଲକାଟି ବଜାରରେ ଏକ ମିନିଟ୍ରକ ଧକ୍କାରେ ଜଣେ ଆଳୁଦମ ଦହିବରା ବେପାରୀଙ୍କ ମୃତ୍ୟୁ ଘଟିଛି। ମୃତ ବେପାରୀ ହେଲେ ବଇଁଚୁଆ ପଞ୍ଚାୟତ ଅଧୀନ ବିଲସାହିର ଛବିନ ସାହୁ (୪୧) । ଛବିନ ୬ ବର୍ଷ ହେବ ବାଲକାଟି ପୁରୁଣା ମକଦ୍ଦମ ସାହିରେ ରହି ଉତରା ଛକ ଦୁଲ୍ଲା ଦେବୀ ମନ୍ଦିର ନିକଟରେ ସେ ଆଳୁଦମ ଦହିବରା ବେପାର କରୁଥିଲେ। ଛବିନ ଗତକାଲି ରାତି ୧୧ଟା ସମୟରେ ଏକ ଟ୍ରଲି ନେଇ ନୂଆପାଟଣା ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଜା ନେଇ ଯାଉଥିବା ମିନିଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଇ ଥିଲେ। ସେଠାରେ ଛବିନଙ୍କୁ ମୃତ ଘୋଷଣା କରାଯାଇଥିଲା। ବାଲକାଟି ଫାଣ୍ଡି ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି ।

# ହାଇଟେକ ପ୍ଲାଜା ଆନେକ୍ସରେ ସାଧାରଣତନ୍ତ୍ର ଦିବସ




**ଭୁବନେଶ୍ୱର, ୨୭।୧ (ସଂଚାର ବ୍ୟୁରୋ):** ସୁନ୍ଦରପଦାସ୍ଥିତ ହାଇଟେକ ପ୍ଲାଜା ଆନେକ୍ସରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ଆନେକ୍ସ ପକ୍ଷରୁ ଆୟୋଜିତ ଉତ୍ସବରେ ବିଜେପି ନେତା ବିଶ୍ୱରଞ୍ଜନ ବଡ଼ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଆନେକ୍ସର ଆରକେମିଶ୍ର, ଜ୍ୟୋତ୍ସ୍ନା ଦାସ, ପ୍ରଭାତ ନାୟକ, ଦେବାଶିଷ ଦାଶ, ସବ୍ୟସାଚୀ ମିଶ୍ର, ଆରକେ ସୁବୁଦ୍ଧି, ଚନ୍ଦ୍ରକାନ୍ତ ଦାସ, ଉଲ୍ଲାସ କୁମାର ପାତ୍ର, ମନୋଜ ଜେନା, ରବିନ୍ଦ୍ର ମହାନ୍ତି, ଅରୁଣ କୁମାର ମହାନ୍ତି ଓ ହାଡ଼ିବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁନି କୁନି ପିଲାମାନେ ଜାତୀୟ ସଙ୍ଗୀତ ଗାନ କରିଥିବାବେଳେ ଶ୍ରୀ ବଡ଼ଜେନା ତାଙ୍କ ଭାଷଣରେ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# କିଟ୍ ଓ କିସ୍‌ରେ ୭୬ତମ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର, ୨୭।୧ (ସଂଚାର ବ୍ୟୁରୋ):** କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି)ର ସଭାପତି ଫାବିଓ ଆଜେଭେଦୋ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ଛାତ୍ରଛାତ୍ରୀଙ୍କ ପରେଡ ଅଭିବାଦନ ଗ୍ରହଣ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ପ୍ରତିବର୍ଷ କିଟ୍ ଓ କିସ୍‌ରେ ସାଧାରଣତନ୍ତ୍ର ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଥାଏ। ପ୍ରତିବର୍ଷ ବିଦେଶରୁ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥାନ୍ତି। ଚଳିତ ବର୍ଷ ଫାବିଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଗୁରୁତ୍ୱ ବୃଦ୍ଧି କରିଛନ୍ତି।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଫାବିଓ କହିଲେ, ଏକତା ହେଉଛି ରାଷ୍ଟ୍ରର ବଳ। ସମସ୍ତଙ୍କ ମଧ୍ୟରେ ଏକତା ରହିଲେ ଦେଶ ଆଗକୁ ବଢ଼ି ପାରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସୋସାଇଟିର ଉପସଭାପତି ଉମାପଦ ବୋଷ, ସଂପାଦକ ଆର ଏନ ଦାଶ, କିଟ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା ସିବିକେ ମହାନ୍ତି, ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ଦୀପକ ବେହେରା, କୁଳସଚିବ ଡ. ପି କେ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।



ଏହି ଅବସରରେ ପଦ୍ମଶ୍ରୀ ପାଇଁ ନାମ ଘୋଷଣା କରାଯାଇଥିବା କିଟ୍ ସ୍କୁଲ ଅଫ୍ ଫାଇନ ଆର୍ଟର ନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କିଟ୍, କିସ୍ ଓ କିମ୍‌ସର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୁଜଙ୍ଗରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

**କୁଜଙ୍ଗ, ୨୭।୧ (ସଂଚାର ବ୍ୟୁରୋ):** କୁଜଙ୍ଗର ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଜଙ୍ଗ କୋର୍ଟ ପରିସରରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦ୍ୱିତି ପ୍ରକାଶ ବ୍ରହ୍ମା ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ। ସେହିପରି କୁଜଙ୍ଗ ଥାନା ପରିସରରେ ଥାନା ଅଧିକାରୀ ତପନ କୁମାର ନାହାକ, ତହସିଲ କାର୍ଯାଳୟରେ ତହସିଲଦାର ସ୍ୱରୁପାନନ୍ଦନ ବେହେରା, ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, ବିଡିଓ ଦିପକ ପ୍ରସାଦ ସ୍ୱାଇଁ,




କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ବନ୍ଦିତା ଦାସ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ ଜାତୀୟ ପତାକା ଉତୋଳନ କରିଥିଲେ। ସେହିପରି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଷ୍ଣୁ ଚରଣ ସ୍ୱାଇଁ, କୁଜଙ୍ଗ ବଣିକ ସଂଘ-୨ର ସମ୍ପାଦକ କୈଳାସ ଚନ୍ଦ୍ର ବେହେରା, ବିବି ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ମଡେଲ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ନ୍ୟାସ୍‌ନାଲ ସ୍କୁଲ୍‌ର ଅଧ୍ୟକ୍ଷ ଡ. ରଘୁନାଥ ସାହୁଙ୍କ ସମେତ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ମୁଖ୍ୟମାନେ ଜାତିୟ ପତାକା ଉତୋଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରିତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। ବିଦ୍ୟାଧର ଷଣ୍ଢ ପାଇକା ଆଖଡ଼ା ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପତାକା ଉତୋଳନ ପରେ ପରେ ସେମାନଙ୍କର ପୁରାତନ ରଣ କୌଶଳ ପ୍ରଦର୍ଶନ କରିଥିଲେ।

# ଅଙ୍ଗନବାଡିରେ ହେଲାନି ପତାକା ଉତ୍ତୋଳନ




**ବିଞ୍ଝାରପୁର, ୨୭।୧ (ସଂଚାର ବ୍ୟୁରୋ):** ସାଧାରଣତନ୍ତ୍ର ଦିବସରେ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ସହିତ ଜାତୀୟ ପତାକା ଉତ୍ତୋଳନ କରାଯିବାର ନିର୍ଦ୍ଦେଶ ରହିଥିବା ବେଳେ ଏହାର ଅବମାନନା ଘଟିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ବାଛଳ ପଞ୍ଚାୟତର ଧରମ ଗ୍ରାମରେ। ଏହି ଗ୍ରାମର ୫ ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଏଥର ସାଧାରଣତନ୍ତ୍ର ଦିବସ ପାଳନ କରାଯାଇନାହିଁ। ସାଧାରଣତନ୍ତ୍ର ଦିବସରେ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ୍ ରହିଥିବା ବେଳେ ଜାତୀୟ ପତାକା ମଧ୍ୟ ଉତ୍ତୋଳନ କରାଯାଇ ନାହିଁ। ତେବେ ଏଭଳି କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର, ୨୭।୧ (ସଂଚାର ବ୍ୟୁରୋ):** ରବିବାର ଦିନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୋଆର କୁଳାଧିପତି ପ୍ରଫେସର (ଡଃ) ଅମିତ ବାନାର୍ଜୀ ଜାତୀୟ ପତାକା ଉତୋଳନ କରିବା ସହ ଫ୍ୟାକଲ୍ଟି ମେମ୍ବର୍ସ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକ ସଶକ୍ତ ଏବଂ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।

ଉଚ୍ଚ ଶିକ୍ଷା, ଗବେଷଣା ଏବଂ ସ୍ୱାସ୍ଥ୍ୟ ସେବାକୁ ନେଇ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଶିକ୍ଷା ଓ ଅନୁସନ୍ଧାନ ଅଗ୍ରଣୀ ଭୂମିକା ନେଉଛି। ତେଣୁ ଆପଣଙ୍କର କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବ ସୋଆ ପରିବାରକୁ ଆହୁରି ଉଚ୍ଚକୁ ନେବ ବୋଲି ପ୍ରଫେସର ବାନାର୍ଜି କହିଛନ୍ତି।



ବିଶ୍ୱବିଦ୍ୟାଳୟର ଷ୍ଟାଡିୟମ୍‌ରେ ଆୟୋଜିତ ସମାରୋହରେ ସୋଆର ଭାରାପ୍ରାପ୍ତ କୁଳପତି ତଥା ଡିନ୍ (ସ୍ପନ୍ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟାନ୍ସି) ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ବିଭିନ୍ନ ଅନୁଷ୍ଠାନର ଡିନ୍, ନିର୍ଦ୍ଦେଶକ, ଛାତ୍ର ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୋଆର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନ୍‌ସିସ କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ସୋଆ ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ କଲେଜ ଏବଂ ସିକ୍ୟୁରିଟି ୱିଙ୍ଗ ପରେଡରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟର ଫ୍ଲାଗ୍ ୟୁନିଟ୍ ପରେଡରେ ଭାଗ ନେଇଥିବା ବେଳେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ସୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ଛାତ୍ରଛାତ୍ରୀ ଦ୍ୱିତୀୟ ସ୍ଥାନ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସୋଆର ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ୟୁନିଭର୍ସିଟି ଆଉଟ୍‌ରିଚ୍ ପ୍ରୋଗ୍ରାମ୍‌ର ନିର୍ଦ୍ଦେଶକ ପ୍ରଫେସର ନଚିକେତା ଶର୍ମା, ଡିଷ୍ଟିଙ୍ଗୁଇସଡ୍ ଉମାଚରଣ ମହାନ୍ତି ଏବଂ ଜଏଂଟ ରେଜିଷ୍ଟ୍ରାର ଶ୍ରୀ ଭୀଷ୍ମ ଚରଣ ଦାସ ଓ ଶ୍ରୀ ଶଶାଙ୍କ ମିଶ୍ର ଉପସ୍ଥିତ ଥିଲେ।

# ୩୧ରୁ ପ୍ରଥମ ରଥିଜମା କପ୍



**ବାଲିଅନ୍ତା, ୨୭।୧ (ସଂଚାର ବ୍ୟୁରୋ):** ସରୋଜ ମୋମୋରିଆଲ ଟ୍ରଷ୍ଟ ତରଫରୁ ପ୍ରଥମ ରଥିଜମା କପ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହେଉଛି। ଏହା ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସର୍ବମୋଟ ୧୬ଟି ଦଳ ଭାଗ ନେଉଛନ୍ତି। ଦିଲ୍ଲୀ, ପଞ୍ଜାବ, ହରିଆଣା, ଗୋଆ, କେରଳ, ମୁମ୍ବାଇ, ବାଙ୍ଗାଲୋର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଜମ୍ମୁ କାଶ୍ମୀର ସହ ବହୁ ରାଜ୍ୟ ବାହାର ଖେଳାଳି ଏହି ପ୍ରତିଯୋଗିତାରେ ନଜର ଆସିବେ। ୫ ଦିନ ଭିତରେ ସର୍ବମୋଟ ୧୫ଟି ମ୍ୟାଚ ଖେଳାଯିବ। ପ୍ରତ୍ୟେକ ଦିନ ୧୦ ଓଭର ବିଶିଷ୍ଟ ୩ଟି ମ୍ୟାଚ ଖେଳାଯିବ। ମ୍ୟାଚ ଯଥାକ୍ରମେ ଜାନୁଆରୀ ୩୧, ଫେବୃଆରୀ ୧, ଫେବୃଆରୀ ୨, ଫେବୃଆରୀ ୮ ଓ ଫେବୃଆରୀ ୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଜେତା ଦଳକୁ ୧ ଲକ୍ଷ ଓ ରନର୍ସ ଅପ୍ ଦଳକୁ ନଗଦ ୫୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟର ବିଶେଷ ଆକର୍ଷଣ ହେଉଛି ଦର୍ଶକମାନଙ୍କୁ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଆୟୋଜନ କମିଟି ତରଫରୁ ଦର୍ଶକମାନଙ୍କ ପାଇଁ କାନ୍ଥ ଘଣ୍ଟା, ଆଇରନ୍, ପ୍ରେସର କୁକର୍, ଇଲେକ୍ଟ୍ରି କେଟଲି, ଗ୍ରାଇଣ୍ଡର, ଫ୍ୟାନ, ଇଣ୍ଡକସନ୍ ଚୁଲା, ସାଇକେଲ, ଟିଭି, ଫ୍ରିଜ, ୱାଶିଂମେସିନ୍ ଭଳି ଦାମୀ ଜିନିଷ ଲଟେରୀ ମାଧ୍ୟମରେ ପ୍ରଦାନ କରାଯିବ। ରଥିଜମା ଗ୍ରାଉଣ୍ଡରେ ଖେଳା ଯିବାକୁ ଥିବା ଏହି ମ୍ୟାଚ ଗୁଡ଼ିକର ସିଧା ପ୍ରସାରଣ ୟୁଟ୍ୟୁବ ଚ୍ୟାନେଲ ଆର୍‌ଓସି ଲାଇଭ୍‌ରେ କରାଯିବ।

# ଓଡ଼ିଶା ସାମ୍ବାଦିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ
# ରବି ନାୟକ ହେଲେ ଜିଲ୍ଲା ସଭାପତି



**ବୋରିଗୁମ୍ମା, ୨୭।୧ (ସଂଚାର ବ୍ୟୁରୋ):** ଜୟପୁର ସ୍ଥିତ ଦଶହରା ପଡିଆ ଠାରେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଶାଖାର କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସମସ୍ତ ସଭ୍ୟ/ସଭ୍ୟାଙ୍କ ଅନୁମୋଦନ କ୍ରମେ କୋରାପୁଟ ଜିଲ୍ଲା ସଭାପତି ଭାବେ ରବି ନାୟକଙ୍କୁ ଚୟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ରବି ଶଙ୍କର ମହାପାତ୍ର, ଉପ ସଭାପତି ଭାବେ ସୁଜିତ୍ କୁମାର ପଣ୍ଡା, ତ୍ରିନାଥ ନାୟକ, ସମ୍ପାଦକ ଭାବେ ହରିଶ୍ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଶୀଲ କୁମାର ଷଡ଼ଙ୍ଗୀ , ଯୁଗ୍ମ ସମ୍ପାଦକ ଅନିଲ ପାତ୍ର, ପଦ୍ମନ ବିଷୋୟୀ ମୋନୋନିତ ହୋଇଥିବା ବେଳେ ଦୟାନିଧି ପଟ୍ଟନାୟକଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ସେହିଭଳି କାର୍ଯକାରୀ ସଭ୍ୟ ଭାବେ ସୁଶାନ୍ତ ପଣ୍ଡା, ପ୍ରତାପ ହୋତା, ଦୀପକ ସିଂ, ସନ୍ତୋଷ ପଟ୍ଟନାୟକ, ସୁନିଲ କୁମାର ଷଡ଼ଙ୍ଗୀ ଙ୍କୁ ମନୋନୀତ କରାଯାଇଛି।

ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମୀକ୍ଷା

# ଯୋଜନାବଦ୍ଧ ଭାବେ ବିକଶିତ ସହର ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଉନ୍ନୟନ କର୍ତ୍ତୃପକ୍ଷଗୁଡିକର କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ସମୀକ୍ଷା କରିଛନ୍ତି। ବିକଶିତ ଓଡ଼ିଶା ବିକଶିତ ସହର। ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବିଡିଏ ଦ୍ୱାରା ଆରମ୍ଭ କରାଯାଇଥିବା ଟିପି ସ୍କିମ୍ ଅନ୍ୟ ସହରରେ କାର୍ଯ୍ୟକାରୀ ଲାଗି ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡ୍‌ରେ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିଗୁଡିକର ସଦୁପଯୋଗ କରି ନିଜ ଆୟ ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ଖାଲି ଥିବା ଟାଉନ ପ୍ଲାନର୍ ପଦବୀର ଆବଶ୍ୟକତା, ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟଗୁଡିକର କ୍ରିୟାଶୀଳ ଓ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରାଯିବା ଉପରେ ମଧ୍ୟ ଆଲୋଚନା କରାଯାଇଛି।

ବୈଠକ ପରେ ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୁଚନା ଦେଇ କହିଛନ୍ତି ଯେ ରାଜ୍ୟରେ ନିର୍ମାଣ ହେବ ନୂଆ ସହର। ପୁରୁଣା ସହରର ହେବ ନବକଳେବର। ଓଡ଼ିଶାରେ ୧୭ ପ୍ରତିଶତ ଟାଉନ୍‌ସିପ ରହିଛି, ଯାହା ୩୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ଆସନ୍ତା ୨୦୩୬ରେ ବିକଶିତ ଓଡ଼ିଶା ପାଇଁ ଚିନ୍ତା କରୁଛୁ। ତେଣୁ ସହରର ବିକାଶରେ ଓଡ଼ିଶାର ବିକାଶ ହେବା ଉପରେ ଗୁରୁତ୍ୱ ଦିଆଯାଉଛି। ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଏଜେଣ୍ଡା ଅନୁସାରେ ଟାଉନ୍‌ସିପ ବଢ଼ିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ। ଯେଉଁଠି ଟାଉନ ପ୍ଲାନର ଅଭାବ ଅଛି, ତାହା ପୂରଣ କରାଯିବ। ବିଭିନ୍ନ ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାର କରୁଛନ୍ତି। ଯେଉଁ ଅଞ୍ଚଳରେ ପୁରୁଣା ସହର ରହିଛି, ପୁରୁଣା ଘର ବା ଜାଗା ଅଛି, ହେଲେ ଲୋକ ରାସ୍ତା କଥା ଭାବି ଘର କରିପାରୁନାହାନ୍ତି, ସେଥିପାଇଁ ନୂଆ ଆଇନ ଆସିବ। ଟ୍ରାଇ ସିଟି ଡେଭଲପେମଣ୍ଟ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ଏଥିସହ ବ୍ରହ୍ମପୁରର ବିକାଶ ପାଇଁ ସ୍ୱେରେଜ ଓ ଡ୍ରେନେଜ ପାଇଁ ଆଲୋଚନା ହୋଇଛି। ନୂଆ ଟିପି ସ୍କିମରେ ବୃହତ ସମ୍ବଲପୁର ଓ ବୃହତ ରାଉରକେଲା ପାଇଁ ଆଲୋଚନା ହୋଇଛି। ବିଲ୍ଡର ହୁଅନ୍ତୁ କି ସାଧାରଣ ଲୋକ, ସରଳ ପ୍ରକ୍ରିୟାରେ ଲୋକମାନେ ନିର୍ଦ୍ଧାରିତ ସମୟରେ ଘର କରିବା କେମିତି ସମ୍ଭବ ହେବ, ସେନେଇ ଆଲୋଚନା ହୋଇଛି। ଯେଉଁ ଘରଗୁଡିକ ପାଇଁ ରେଜିଷ୍ଟ୍ରେସନରେ ବାଧା ଥିଲା ତାହାର ମଧ୍ୟ ସମାଧାନ କରାଯାଉଛି। ଲୋକଙ୍କ ସରକାର, ଲୋକଙ୍କ ପାଇଁ ଯାହା ଯାହା ଆବଶ୍ୟକ ସବୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇ ବିକଶିତ ଓଡ଼ିଶା ୨୦୩୬କୁ ଦୃଷ୍ଟିରେ ରଖି ରାଜ୍ୟରେ ଯେଉଁସବୁ ନୂଆ ସହର ଗଢିଉଠିବ, ସେଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବ। ତାକୁ ଦୃଷ୍ଟିରେ ରଖି ଉନ୍ନୟନ କର୍ତ୍ତୃପକ୍ଷଗୁଡିକ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ପରିସ୍ଥିତି ସହିତ ଖାପ ଖୁଆଇ କାମ କରିବାକୁ କହିଥିଲେ। ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ପୌର ପ୍ରଶାସକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହ, ସ୍ୱତନ୍ତ୍ର ସଚିବ ସୁଶାନ୍ତ ମିଶ୍ର, ବିଡିଏ, ସିଡିଏ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ-କୋଣାର୍କ, କଳିଙ୍ଗନଗର, ପାରାଦୀପ, ତାଳଚେର-ଅନୁଗୁଳ-ନରାଜ ବିକାଶ ସଂସ୍ଥାର ଉପାଧ୍ୟକ୍ଷ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଆହୁରି ୩ ଦିନ ଘନକୁହୁଡ଼ି



**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ):** ଜାନୁଆରୀ ଶେଷ ଯାଏଁ ଓଡ଼ିଶାରୁ ପିଛା ଛାଡିବନି ଘନକୁହୁଡି। ଉପକୂଳରୁ ଆଭ୍ୟନ୍ତରୀଣ, ସବୁଠି ଦୃଶ୍ୟମାନ ହେବ ପ୍ରବଳ କୁହୁଡ଼ି । କିଛିକିଛି ସ୍ଥାନରେ ଜିରୋ ଭିଜିବିଲିଟି ରହିବାର ସମ୍ଭାବନା ରହିଛି । ଘନକୁହୁଡ଼ିକୁ ନେଇ ୨୪ ଘଣ୍ଟା ପାଇଁ ୧୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଥିବା ବେଳେ ୨୮ ତାରିଖରେ ୧୪ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆଗାମୀ ୩ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବେଶେଷ ପରିବର୍ତ୍ତନ ହେବାର ନାହିଁ। ଏହାପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରାତି ୨ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ ସତର୍କତାର ସହ ଗାଡି ଚଳାଇବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସେପଟେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ୧୦ ଜିଲ୍ଲାରେ ଘନକୁହୁଡ଼ି ଅସ୍ତବ୍ୟସ୍ତ କରିବ । ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ଜମି ହଡ଼ପ ମାମଲାରେ ଭଣ୍ଡ ବାବା ଗିରଫ



**ବାଲେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ଭଣ୍ଡ ବାବା ଚନ୍ଦ୍ର ଶେଖର ଦାସଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଛି। ଯାଜପୁର ଛତିଆ ମଠର ଏହି ବାବାଙ୍କୁ ସ୍ଥାନୀୟ ଟାଉନ୍ ଥାନା ପୁଲିସ୍ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏହି ବାବା ଜଣଙ୍କ ବାସ୍ତୁ ଦୋଷ ଦୂର କରିବା ବାହାନାରେ ଭବାନୀ ସେନ୍ ନାମକ ବୃଦ୍ଧାଙ୍କ ପାଖାପାଖି ସାଢ଼େ ୨ ଏକର ଜମିକୁ ହଡ଼ପ କରିନେଇଥିଲେ। ତାଙ୍କ ବଡ଼ପୁଅ ଓ ସ୍ୱାମୀଙ୍କ ମୃତ୍ୟୁ ପରେ ଶ୍ରୀ ସେନ୍ ମାନସିକ ଦୁଶ୍ଚିନ୍ତାରେ ଥିବା ବେଳେ ବାବା ଚନ୍ଦ୍ରଶେଖର ଏହାର ଫାଇଦା ଉଠାଇ ତାଙ୍କୁ ବାସ୍ତୁଦୋଷର ସମାଧାନ ନ କେଲେ ସାନପୁଅର ମଧ୍ୟ ମୃତ୍ୟୁ ହୋଇଯିବ ବୋଲି ଭୟଭୀତ କରାଇଥିଲେ। ପରବର୍ତ୍ତୀ ସମୟରେ ଚନ୍ଦ୍ରଶେଖର କୌଶଳ କ୍ରମେ ଶ୍ରୀ ସେନ୍‌ଙ୍କଠାରୁ ଜମି ହଡ଼ପ କରିଥିବା ବାଲେଶ୍ୱର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଟାଉନ୍ ଥାନା ପୁଲିସ୍ ମାମଲା ରୁଜୁ କରିବା ସହ ଶେଷରେ ଗତକାଲି ଉକ୍ତ ଭଣ୍ଡ ବାବାଙ୍କୁ ଗିରଫ କରିଛି। ଏହି ଭଣ୍ଡ ବାବା ଜଣଙ୍କ କେବଳ ଶ୍ରୀ ସେନ୍‌ଙ୍କଠାରୁ ଜମି ହଡ଼ପ କରିଛନ୍ତି କି ତାଙ୍କ ନାଁରେ ଆଉ କିଛି ଅଭିଯୋଗ ରହିଛି, ସେନେଇ ପୁଲିସ୍ ଖୋଳତାଡ଼ କରୁଛି।

## ନନ୍ଦନକାନନରେ ସିଂହୀ ରେୱାର ମୃତ୍ୟୁ

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ନନ୍ଦନକାନନରେ ଆଜି ଏକ ସିଂହୀର ମୃତ୍ୟୁ ଘଟିଛି। ୩ଟି ଛୁଆଙ୍କୁ ଜନ୍ମ ଦେଇ ରେୱା ନାମ୍ନୀ ଏହି ସିଂହୀଟି ଆଜି ପ୍ରାଣ ହରାଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମୃତ୍ୟୁବରଣ କରିଥିବା ଏହି ସିଂହୀର ବୟସ ୮ ବର୍ଷ ଥିଲା। ଗତ ୨୦୨୦ ଡିସେମ୍ବରରେ ଇନ୍ଦୋରର କମଳା ନେହରୁ ପ୍ରାଣୀ ସଂଗ୍ରହାଳୟରୁ ଉକ୍ତ ସିଂହୀଟିକୁ ନନ୍ଦନକାନନ ଅଣାଯାଇଥିଲା। ଗତବର୍ଷ ଅକ୍ଟୋବରରେ ରେୱା ପୁରୁଷ ସିଂହ ଜିତ୍ ସହ ମିଳନ ପରେ ଗର୍ଭବତୀ ହୋଇଥିଲା। ଗର୍ଭବତୀ ଥିବା ସମୟରେ ପ୍ରାଣୀ ଉଦ୍ୟାନର ଡାକ୍ତରୀ ଟିମ୍ ତା'ର ସ୍ୱାସ୍ଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ନିକଟରେ ଗତ ଶନିବାର ଏହି ସିଂହୀଟି ୩ଟି ଛୁଆ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ଗୋଟିଏ ଛୁଆର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଛୁଆକୁ ରେୱା ଗ୍ରହଣ ନ କରିବାରୁ ସେମାନଙ୍କୁ ହ୍ୟାଣ୍ଡ ରିଅରିଂ ସେଣ୍ଟରର ନବଜାତକ ଆଇସିୟୁରେ ରଖାଯାଇଛି। ନନ୍ଦନକାନନରେ  ରହିବା ଭିତରେ ଏହି ସିଂହୀଟି ମୋଟ ୮ଟି ଛୁଆଙ୍କୁ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ୬ଟି ଛୁଆ ବଞ୍ଚିଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ରେୱା ମୃତ୍ୟୁବରଣ କରିବା ପରେ ଏହି ନନ୍ଦନକାନନରେ ସିଂହଙ୍କ ସଂଖ୍ୟା ୨୩କୁ ହ୍ରାସ ପାଇଛି।

## ପୁଣି ମିଳିଲା ହାତୀ ମୃତଦେହ

**ସମ୍ବଲପୁର,୨୭।୧(ସଂଚାର ବ୍ୟୁରୋ):** ସମ୍ବଲପୁର ବନଖଣ୍ଡର ସଦର ରେଞ୍ଜ ଅନ୍ତର୍ଗତ ଖସୁଆପାଲି ଗାଁ ନିକଟସ୍ଥ ଲାବଡେରା ବୋଲବଙ୍ଗା ସଂରକ୍ଷିତ ଜଙ୍ଗଲରେ ଏବେ ଏକ ହାତୀର ମୃତଦେହ ଠାବ ହୋଇଛି। ତେବେ ଉକ୍ତ ଦନ୍ତା ହାତୀର ଦାନ୍ତ ସୁରକ୍ଷିତ ରହିଛି। ତେଣୁ ଏହା କୌଣସି ଶିକାରୀର କାମ ନୁହେଁ ବୋଲି ଅନୁମାନ କରାଯାଉଛି। ତେବେ ହାତୀଟି କେଉଁ କାରଣରୁ ମୃତ୍ୟୁବରଣ କରିଛି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ତା'ଛଡ଼ା ଉକ୍ତ ହାତୀର ଶରୀରରେ କୌଣସି କ୍ଷତଚିହ୍ନ ମଧ୍ୟ ନାହିଁ। ଅବଶ୍ୟ ହାତୀ ଯେଉଁ କଡ଼ ମାଡ଼ି ତଳେ ପଡ଼ିଛି, ସେପଟେ କ୍ଷତ ଅଛି କି ନାହିଁ, ତା' ଜଣାପଡ଼ିନାହିଁ। ଉକ୍ତ ମୃତ ଦନ୍ତାର ବୟସ ୨୦ ବର୍ଷ ବୋଲି ଅନୁମାନ କରାଯାଉଛି। କିନ୍ତୁ ହାତୀଟି ଏତେ କମ୍ ବୟସରେ କେଉଁ ପରିସ୍ଥିତିରେ ମୃତ୍ୟୁବରଣ କଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତ୍ୟୁ କାରଣ ଅସ୍ପଷ୍ଟ ରହିଥିବାବେଳେ ବ୍ୟବଚ୍ଛେଦ ପରେ ସବୁକିଛି ସ୍ପଷ୍ଟ ହୋଇପାରିବ ବୋଲି ଡିଏଫ୍‌ଓ କହିଛନ୍ତି। ତାଙ୍କ କହିବାନୁସାରେ, ହାତୀର ମୃତଦେହଟି ବେଶ୍ ସତେଜ ରହିଛି। ଜଏଣ୍ଟ ଟାସ୍କ ଫୋର୍ସ ଉପସ୍ଥିତିରେ ହାତୀର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଡିଏଫଓ କହିଛନ୍ତି। ଜଙ୍ଗଲରେ ସ୍ଥାନୀୟ ଲୋକେ ହାତୀର ମୃତଦେହ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଦେଖିବାକୁ ପାଇଥିଲେ। ପରେ ବନ ବିଭାଗ ସେଠାରେ ପହଞ୍ଚି ଛାନ୍‌ଭିନ୍ କରିଥିଲା।

## ପାଇଖାନା ଟାଙ୍କିରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବେଗୁନିଆ,୨୭।୧(ସଂଚାର ବ୍ୟୁରୋ):** ୪ ଦିନ ତଳେ ନିଖୋଜ ହୋଇଯାଇଥିବା ଜନୈକ ବୃଦ୍ଧଙ୍କ ମୃତଦେହ ପାଇଖାନା ଟାଙ୍କିରୁ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଶିମୋର ଗାଁର ଶତ୍ରୁଘନ ବେହେରା। ସେ ୪ ଦିନ ହେବ ନିଖୋଜ ହୋଇଯିବା ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇପାରି ନଥିଲେ। ତେଣୁ ଶେଷରେ ସେମାନେ ସ୍ଥାନୀୟ ବାଘମାରୀ ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ୍ ତଦନ୍ତ ଜାରି ରଖିଥିବା ସମୟରେ ଆଜି ଗାଁର ଜଣେ ବ୍ୟକ୍ତିଙ୍କ ବାଡ଼ିତଳେ ଦୁର୍ଗନ୍ଧ ହେବାରୁ ଲୋକେ ପାଇଖାନା ଟାଙ୍କିରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ତେବେ ନିଖୋଜ ହୋଇଯାଇଥିବା ଶତ୍ରୁଘନଙ୍କ ଶବ ପାଇଖାନା ଟାଙ୍କିକୁ କେମିତି ଆସିଲା, ତାହା ଜାଣିବା ସକାଶେ ପୁଲିସ୍ ଛାନ୍‌ଭିନ୍ ଚଳାଇଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ କୌଣସି ସଫଳତା ପାଇପାରି ନଥିବା ଜଣାପଡ଼ିଛି।



ଓଲଟିଲା ପିକ୍‌ଅପ୍: ଡ୍ରାଇଭର ସମେତ ୨୫ରୁ ଉର୍ଦ୍ଧ୍ୱ ଆହତ

## ପ୍ରଧାନଶିକ୍ଷକ ନିଲମ୍ବିତ, ମୃତ ଛାତ୍ର ପରିବାରକୁ ୫ ଲକ୍ଷ

**ବାଙ୍କୀ,୨୭।୧(ସଂଚାର ବ୍ୟୁରୋ):** କଟକ ବାଙ୍କୀ ମାଳବିହାରୀପୁରରେ ଗତକାଲି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣେ ଦଶମ ଶ୍ରେଣୀ ଛାତ୍ର ମୃତ୍ୟୁବରଣ କରିଛନ୍ତି। ଏଥିସହ ୨୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିନାନୁମତିରେ ମାଳବିହାରୀପୁର ହାଇସ୍କୁଲ ପିଲାଙ୍କୁ ଏକ ପିକଅପ୍‌ରେ ପରେଡ୍ ଗ୍ରାଉଣ୍ଡକୁ ନିଆଯାଉଥିବା ବେଳେ ତା' ରାସ୍ତାରେ ଓଲଟିପଡ଼ିଥିଲା। ଏହି ଘଟଣାରେ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ କିଭଳି ଦୁର୍ଘଟଣା ଘଟିଲା, ତା'ର ମଧ୍ୟ ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣଶିକ୍ଷା ସଚିବ କହିଛନ୍ତି। ଅନ୍ୟପକ୍ଷରେ ମୃତ ଛାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଓ ଶିକ୍ଷା ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କା ଏହିପରି ମୋଟ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବା ସକାଶେ ଘୋଷଣା ହୋଇଛି। ମିଳିଥିବା ସୂଚନାନୁସାରେ, ଗତକାଲି ସକାଳେ ସାଧାରଣତନ୍ତ୍ର ଦିବସ ପାଇଁ ସ୍କୁଲରୁ ପରେଡ୍ ଗ୍ରାଉଣ୍ଡକୁ ଯିବା ସମୟରେ ବାଙ୍କୀ ଅଂଶୁପା ନିକଟରେ ଭାରସାମ୍ୟ ହରାଇ ପିକ୍‌ଅପ୍‌ଟି ଓଲଟିପଡ଼ିଥିଲା। ଏଥିରେ ଦଶମ ଛାତ୍ର ସୌମ୍ୟରଞ୍ଜନ ବେହେରାର ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭର ସମେତ ୨୫ରୁ ଅଧିକ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଘଟଣାରେ ମୃତ ଛାତ୍ରଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପରିବାର ସକାଶେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଓ ଶିକ୍ଷା ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ଏଥିସହ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ମନୋଜ ଆହୁଜା ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ଅଧକ୍ଷ



**ଭୁବନେଶ୍ୱର,୨୭।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପୂର୍ବ ଚିଠିକୁ ସଂଶୋଧନ ପରେ ମନୋଜ ଆହୁଜା ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ହୋଇଛନ୍ତି।ପୂର୍ବ ଚିଠିରେ ଜି.ଏ କମିଟି ମନୋଜ ଆହୁଜାଙ୍କୁ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଥିଲା। ହେଲେ ଏ ନେଇ ଖବର ପ୍ରସାରଣ ପରେ ସେବାୟତ ପ୍ରତିକ୍ରିୟାଶୀଳ ହୋଇଥିଲେ। ନିୟମ ଅନୁସାରେ, ଗଜପତି ମହାରାଜ ପରିଚାଳନା କମିଟି ଅଧ୍ୟକ୍ଷ ରହିପାରିବେ। ତେବେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଯାହା ପରେ ଚିଠି ବଦଳାଯାଇଥିଲା। ସୂଚନାଯୋଗ୍ୟ, ରଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ।

ମଣପ୍ପୁରମ୍ ସୁନା-ଟଙ୍କା ଚୋରି ଘଟଣା

## ଜେଲ୍ ଭିତରୁ ହୋଇଥିଲା ମାଷ୍ଟର୍ ପ୍ଲାନ୍

**ସମ୍ବଲପୁର,୨୭।୧(ସଂଚାର ବ୍ୟୁରୋ):** ସମ୍ବଲପୁରର ବହୁଚର୍ଚ୍ଚିତ ମଣପ୍ପୁରମ୍ କାର୍ଯ୍ୟାଳୟରୁ ସୁନା ଓ ଟଙ୍କା ଡକାୟତି ହୋଇଥିବା ବେଳେ ଏହି ମାମଲାର ମାଷ୍ଟରମାଇଣ୍ଡ ପଲ୍ଲୁ ସିଂ ଜେଲ ଭିତରେ ଥାଇ ବି ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବା ସହ ଗ୍ୟାଙ୍ଗ ସଦସ୍ୟଙ୍କ ଦ୍ୱାରା ଡକାୟତି କରାଇଥିବା ଜଣାପଡ଼ିଛି। ତାକୁ ରିମାଣ୍ଡରେ ଆଣିବା ପାଇଁ ସମ୍ବଲପୁର ପୁଲିସର ଏକ ଟିମ ବିହାର ଯାଇଛି। ପଲ୍ଲୁ ସିଂ ଏବେ ପାଟନାର ବେଉର ସେଣ୍ଟ୍ରାଲ ଜେଲରେ ଅଛି। ସେ ହିଁ ସମ୍ବଲପୁର ମଣ୍ଣୁପ୍ପୁରମ୍ କାର୍ଯ୍ୟାଳୟରେ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତା'ର ଅନ୍ୟ ଜଣେ ମୁଖ୍ୟ ସହଯୋଗୀ ସୁବୋଧ ସିଂ କୋଲକତାର ପ୍ରେସିଡେନ୍ସି ଜେଲରେ କଏଦୀ ଭାବେ ଦିନ କାଟୁଛି। ଜେଲ ଭିତରୁ ଥାଇ ବି ଉଭୟେ ନିଜର କ୍ରାଇମ ନେଟୱର୍କ ଜରିଆରେ ଦେଶର ବିଭିନ୍ନ ସ୍ଥାନରୁ ସୁନା ଓ ଟଙ୍କା ଲୁଟ କରୁଥିବା ପୁଲିସ୍ କହିଛି।

ସମ୍ବଲପୁର ପୁଲିସର ତଦନ୍ତକାରୀ ଅଧିକାରୀଙ୍କ ସମେତ ୮ ଜଣ ପାଟନା ଯାଇଛନ୍ତି। ପାଟନାର ଅତିରିକ୍ତ ସେସନ୍ସ କୋର୍ଟରୁ ମିଳିଥିବା ରିମାଣ୍ଡ ଅନୁମତି ଆଧାରରେ ପୁଲିସ ପଲ୍ଲୁ ସିଂକୁ ୧୦ଦିନିଆ ରିମାଣ୍ଡରେ ଆଣିବ। ପ୍ରଥମେ ଅଭିଯୁକ୍ତ ପଲ୍ଲୁକୁ ସେହି କୋର୍ଟରେ ହାଜର କରାଯାଇ ଅନ୍ୟାନ୍ୟ ଆଇନଗତ ଔପଚାରିକତା ପରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ବଲପୁର ଅଣାଯିବ। ରିମାଣ୍ଡ ସମୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଲୁଟ କରିଥିବା ୨୮ କିଲୋ ଓଜନର ସୁନା କେଉଁଠି ଅଛି, ତା' ଠାବ କରିବା ସକାଶେ ପୁଲିସ୍ ଉଦ୍ୟମ କରିବ। ଇତିମଧ୍ୟରେ ଉକ୍ତ ଡକାୟତି ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି।

ଅନ୍ୟପକ୍ଷରେ ଫାଇନାନ୍ସ ସଂସ୍ଥାରୁ କଷ୍ଟ ଉପାର୍ଜିତ ସୁନା ଅଳଙ୍କାର ଚୋରି ପରେ ଏବେ ଗ୍ରାହକମାନଙ୍କ ମଧ୍ୟରେ ଚିନ୍ତା ବହୁଗୁଣିତ ହୋଇଛି। ସେମାନଙ୍କ। ବନ୍ଧକ ସୁନା ମିଳିବ ? ଯଦି ନମିଳେ ତା'ହେଲେ ସେମାନେ କ'ଣ କରିବେ? ଏହାକୁ ନେଇ ଗ୍ରାହକମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ବିଶେଷକରି ବର୍ତ୍ତମାନ ସୁନା ଦର ଆକାଶଛୁଆଁ ହୋଇଥିବା ବେଳେ ବାହାଘର ଋତୁରେ ନିଜ ନିଜ ସଞ୍ଚିତ ସୁନା ନେଇ ଅନେକ ବାହାଘର କରିବା ପାଇଁ ଆଶା ବାନ୍ଧିଥିଲେ ମଧ୍ୟ ଏହି ଚୋରମାନେ ସେମାନଙ୍କ ଆଶାରେ ପାଣି ଭରିଦେଇଛନ୍ତି। ବନ୍ଧକ ସୁନା ନ ପାଇ ଅନେକ ଝିଅ ବାହାଘର କରାଇପାରୁ ନଥିବା ମଧ୍ୟ ଜାଣିବାକୁ ମିଳିଛି। ଏପରି ସ୍ଥିତିରେ ପୁଲିସ୍ ତୁରନ୍ତ ଚୋରି ହୋଇଥିବା ସୁନାକୁ ଠାବ କରି ତୁରନ୍ତ ଗ୍ରାହକମାନଙ୍କୁ ଫେରାଇ ଦେବା ସକାଶେ ବନ୍ଧକ ରଖିଥିବା ଗ୍ରାହକମାନେ ଦାବି କରିଛନ୍ତି।

## ୨ କୋଟି ମୁଣ୍ଡଜାମିନ୍ ଦାବି କରୁଥିଲେ ଅପହର୍ତ୍ତା

ଅନ୍ଧାର କୁଡ଼ିଆରୁ ୪ ଅପହୃତ ଯୁବକ ଉଦ୍ଧାର



**ବ୍ରହ୍ମପୁର,୨୭।୧(ସଂଚାର ବ୍ୟୁରୋ):** ୪ ଜଣ ଯୁବକଙ୍କୁ ଅପହରଣ କରିନେଇ ଜନୈକ ଯୁବକ ତା'ର ତିନି ସହଯୋଗୀଙ୍କ ସହଯୋଗରେ ଜଙ୍ଗଲର ଏକ ଅନ୍ଧାର ଘରେ ରଖିବା ସହ ସେମାନଙ୍କୁ ବିଭିନ୍ନ ସମୟରେ ସାପ ଭୟ ଦେଖାଇ ମାରିଦେବା ସକାଶେ ଧମକ ଦେଇଆସୁଥିଲା। ତେବେ କୌଶଳ କ୍ରମେ ଜଣେ ଅପହୃତ ସେଠାରୁ ଖସିଆସିବା ଫଳରେ ଏହି ଗ୍ୟାଙ୍ଗ୍‌ର ପର୍ଦାଫାସ୍ ହୋଇଛି। ସ୍ଥାନୀୟ ପୁଲିସ୍ ୪ ଜଣଯାକ ଅପହୃତଙ୍କୁ ଉଦ୍ଧାର କରିବା ସହ ଏହି ମାମଲାରେ ପୃଥ୍ୱୀରାଜ ସାହୁ (୨୪) ନାମକ ଅପହର୍ତ୍ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଚିକିଟିଗଡ଼ ଗ୍ରାମର ନୂତନ ପାତ୍ରଙ୍କ ଘରେ ଉକ୍ତ ଯୁବକମାନେ ୪ ଜଣ ଅପହୃତଙ୍କୁ ଅଟକ ରଖିଥିବା ଗଞ୍ଜାମ ଜିଲା କେ. ନୂଆଗାଁ ପୁଲିସ ସୂଚନା ଦେଇଛି। ଉଦ୍ଧାର ହୋଇଥିବା ଯୁବକମାନେ ହେଲେ ପାତ୍ର (୪୫), ଅହମ୍ମଦ ଖାଁ (୫୬), ଅମରଜିତ ସାମନ୍ତସିଂହାର (୨୪) ଓ ରବୀନ୍ଦ୍ର କୁମାର (୪୯)। ଏମାନଙ୍କ ମଧ୍ୟରୁ ଜଣେ ନୂଆଦିଲ୍ଲୀର ଏକ ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀ ହୋଇଥିବା ବେଳେ ଅନ୍ୟ ୩ ଜଣ କଟକ ଅଞ୍ଚଳରେ ଏଜେଣ୍ଟ୍ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି। ଅଭିଯୋଗକାରୀଙ୍କ କହିବାନୁଯାୟୀ, ଏହି ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ଭୋଲାସିଙ୍ଗି ଗ୍ରାମର ପୃଥ୍ୱୀରାଜ ଏବଂ ଅନ୍ୟ କେତେକ ବ୍ୟକ୍ତି ଅପରାଧିକ ଷଡ଼ଯନ୍ତ୍ର ରଚି ଅଭିଯୋଗକାରୀ ଓ ତାଙ୍କର ୩ ବନ୍ଧୁଙ୍କୁ ଏକ ଆର୍ଥିକ କମ୍ପାନୀର ଏଜେଣ୍ଟ ଦ୍ୱାରା ଡକେଇ ସେମାନଙ୍କୁ ଋଣ କରାଇଦେବା ପ୍ରଲୋଭନ ଦେଇ ବ୍ରହ୍ମପୁରକୁ ଡକାଇଥିଲେ। ଏହାପରେ ଦିଲ୍ଲୀର ରବୀନ୍ଦ୍ର କୁମାର ନାମକ ଜଣେ ଫାଇନାନ୍ସ ଏଜେଣ୍ଟ କଟକର ଅନ୍ୟ ଦୁଇ ଜଣଙ୍କ ସହ ବ୍ରହ୍ମପୁରରେ ପହଞ୍ଚିଥିଲେ। ପରେ ଅଭିଯୁକ୍ତମାନେ ସେମାନଙ୍କୁ ୨ଟି ଗାଡ଼ିରେ ନେଇ ଏକ କୁଡ଼ିଆରେ ବନ୍ଦୀ କରି ରଖିବା ସହ ୨ କୋଟି ଟଙ୍କା ମୁଣ୍ଡଜାମିନ୍ ବାବଦରେ ଦାବି କରିଥିଲେ। ନଚେତ୍ ଅଭିଯୁକ୍ତମାନେ ବିଷଧର ସାପ ଦେଖାଇ ଅପହୃତମାନଙ୍କୁ ମାରିଦେବା ସକାଶେ ଧମକ ଦେଉଥିଲେ। ଅପହୃତମାନଙ୍କୁ ସେମାନେ ପୁଣି ଚିକିଟି ଅନ୍ତର୍ଗତ କେରାଣ୍ଡିମାଳ ଜଙ୍ଗଲ ନିକଟକୁ ସ୍ଥାନାନ୍ତର କରି ଅକଥନୀୟ ନିର୍ଯାତନା ମଧ୍ୟ ଦେଇଥିଲେ। ତେବେ ଗତକାଲି ବନ୍ଦ ଅନ୍ଧାର କୁଡ଼ିଆ ପରିସରରୁ ଜଣେ ଖସି ଆସି ଚିକିଟି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏ ସମ୍ପର୍କରେ ସୂଚନା ଦେଇଥିଲେ। ତହସିଲଦାର ତୁରନ୍ତ ଘଟଣା ବିଷୟରେ ସ୍ଥାନୀୟ ପୁଲିସ୍‌କୁ ଖବର ଦେବା ପରେ ଅଭିଯୋଗକାରୀ ଓ ତାଙ୍କ ୩ ସହଯୋଗୀଙ୍କୁ ଉକ୍ତ କୁଡ଼ିଆରୁ ଗିରଫ କରାଯାଇଛି। ସେହିପରି ପୁଲିସ୍ ମଧ୍ୟ ସେଠାରୁ ୩ଟି ସାପ ଉଦ୍ଧାର କରିଛି। ଏ ସମ୍ପର୍କରେ ବନ ବିଭାଗକୁ ମଧ୍ୟ ଅବଗତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ କୁହାଯାଇଛି। ସେହିପରି ଅଭିଯୋଗକାରୀଙ୍କ ରିପୋର୍ଟ ଆଧାରରେ ମାମଲା ପଞ୍ଜିକୃତ କରି ପୁଲିସ୍ ଅଧିକ ତଦନ୍ତ ଚଳାଇଛି। ଏଥିସହ ପୃଥ୍ୱୀରାଜଙ୍କଠାରୁ ଅଧିକ ତଥ୍ୟ ହାସଲ କରିବା ସକାଶେ ପୁଲିସ୍ ତାଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

## ନିରଞ୍ଜନଙ୍କ ଘରୁ ସମ୍ପତ୍ତି ଲୁଟ୍

**ଭୁବନେଶ୍ୱର,୨୭।୧(ସଂଚାର ବ୍ୟୁରୋ):** ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଗତକାଲି ଏକ ବଡ଼ ଧରଣର ଚୋରି ହୋଇଛି। ଗତ ଶନିବାର ବିଳମ୍ବିତ ରାତିରେ ନିରଞ୍ଜନଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ଏନ୍-୩ସ୍ଥିତ ଘରୁ ଚୋରି ହୋଇଛି। ତାଙ୍କ ପୁଅ ରହୁଥିବା ଘରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଛି। ହାଇ ସିକ୍ୟୁରିଟି ଜୋନ୍‌ରେ ଥାଇ ଭିଆଇପି ଏରିଆ ହୋଇ ରାତି ଅଧରେ ମୁଖା ପିନ୍ଧା ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇ ଦେଇଛନ୍ତି। ଘରୁ ୫୦ ଲକ୍ଷ ଟଙ୍କାର ଗହଣା ଏବଂ ନଗଦ ଅଢେଇ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଜଣେ ଲୁଟେରା ମାଷ୍ଟର ବେଡ୍‌ରୁମରେ ପଶି ଲୁଟ୍ କରିଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। କିନ୍ତୁ ଏହି ଚୋରି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ନିରଞ୍ଜନଙ୍କ ପୁଅ ବୋହୂ ସାତପଡ଼ା ବୁଲିବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଲୁଟେରାମାନେ ଏହି ଲୁଟ୍ କରିଛନ୍ତି। ସେତେବେଳେ ନିରଞ୍ଜନ ଫାଷ୍ଟ ଫ୍ଲୋର୍‌ରେ ଶୋଇଥିଲେ ମଧ୍ୟ ଏନେଇ କିଛି ବି ଜାଣିପାରିନଥିଲେ। ବିଭିନ୍ନ ଦିଗକୁ ନେଇ ପୁଲିସ କମିଶନର, ଉଭୟ କଟକ ଓ ଭୁବନେଶ୍ୱର ଡିସିପି ଛାନ୍‌ଭିନ୍ ଚଳାଇଛନ୍ତି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିବା ସହ ଫୋନ କରି ନିରଞ୍ଜନଙ୍କଠାରୁ ସବୁକିଛି ବୁଝିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ଲୁଟେରାର ପତ୍ତା ପାଇନଥିବାରୁ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଛନ୍ତି ନିରଞ୍ଜନ। ଏହାକୁ ନେଇ ନିରଞ୍ଜନ କ୍ଷୋଭ ପ୍ରକାଶ କରିଛନ୍ତି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଏଥିରେ 'ମୋ ଭୁବନେଶ୍ୱର ଘରେ ଚୋରି ହୋଇଛି। ଏହି ଘଟଣା କେବଳ ମୋ ପରିବାର ପାଇଁ ନୁହେଁ, ବରଂ ସମସ୍ତ ଭୁବନେଶ୍ୱରବାସୀଙ୍କ ସୁରକ୍ଷାକୁ ନେଇ ମୁଁ ଚିନ୍ତିତ ବୋଲି ଉଲ୍ଲେଖ କରିଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସରକାରଙ୍କ ଅବହେଳା ଯୋଗୁ ଆଜି ଆମ ଘର ଆମ ସାହି ଓ ଆମ ସମ୍ପଦ ବିପଦରେ। ଓଡ଼ିଶା ପୁଲିସ ଜନତାଙ୍କ ସୁରକ୍ଷା ନିଶ୍ଚିତ କରନ୍ତୁ। ଏହା ବିଜେପି ସରକାରଙ୍କ ସର୍ବପ୍ରଥମ ପ୍ରାଥମିକତା ହେବା ଉଚିତ। ଭୁବନେଶ୍ୱରକୁ ସୁରକ୍ଷିତ ରଖିବାକୁ ନିରଞ୍ଜନ ନିବେଦନ କରିଛନ୍ତି।

# ଜିଏ ପ୍ଲଟ୍‌ରେ ଆପାର୍ଟମେଣ୍ଟ, ୫୦ ବିଲ୍‌ଡରଙ୍କ ନାମରେ ମାମଲା



**ଭୁବନେଶ୍ୱର,୨୭।୧(ତଥ୍ୟ):** ବାସଗୃହ ନିର୍ମାଣ ପାଇଁ ସ୍ୱଳ୍ପ ମୂଲ୍ୟରେ ଲୋକଙ୍କୁ ସାଧାରଣ ପ୍ରଶାସନ (ଜିଏ) ବିଭାଗ ରାଜଧାନୀରେ ଯୋଗାଇଥିବା ପ୍ଲଟ ଉପରେ ମାଳ ମାଳ ଆପାର୍ଟମେଣ୍ଟ ଗଢି ଉଠୁଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏଭଳି ପ୍ଲଟ ଉପରେ ୨୫୩ଟି ଆପାର୍ଟମେଣ୍ଟ ପାଇଁ ଅନୁମତି ପ୍ରଦାନ କରିଥିବାବେଳେ ସେଥିମଧ୍ୟରୁ ନିୟମ ବର୍ହିଭୂତ କାର୍ଯ୍ୟ ପାଇଁ ପ୍ରାୟ ୫୦ ଜଣ ବିଲଡରଙ୍କ ବିରୋଧରେ ମାମଲା ରୁଜୁ ହେଲାଣି । ଏହା ପରେ ବି ଜିଏ ପ୍ଲଟରେ ଆପାର୍ଟମେଣ୍ଟ ନିର୍ମାଣ ବନ୍ଦ ହେବାର ନାଁ ଧରୁନାହିଁ।

ରାଜଧାନୀର ବିଭିନ୍ନ ୟୁନିଟ୍‌ରେ ଲୋକଙ୍କୁ ଘର ଖଣ୍ଡିଏ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପ୍ଲଟ ଯୋଗାଇ ଦେଇଥାନ୍ତି। ସ୍ୱଳ୍ପ ମୂଲ୍ୟରେ ଏହି ଜମି ଯୋଗାଇ ଦିଆଯାଇଥାଏ। ବର୍ତ୍ତମାନ ନୟାପଲ୍ଲୀଠାରୁ ଆରମ୍ଭ କରି ଶୈଳଶ୍ରୀବିହାର ପର୍ଯ୍ୟନ୍ତ ଲୋକଙ୍କୁ ବହୁ ପୂର୍ବରୁ ୨୦/୨୫ ହଜାର ଟଙ୍କାରେ ପ୍ଲଟ ଯୋଗାଇ ଦିଆଯାଇଛି। ଏହା ଯୋଗାଇବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିଜ ପରିବାର ସହ ଲୋକେ ସେଠାରେ ଘରଟିଏ କରି ରହିବେ।

ସରକାର ଜମି ଯୋଗାଇବା ସହ ସେଠାରେ ଗୋଟିଏ କିମ୍ବା ଅତି ବେଶୀରେ ଦୁଇଟି ପରିବାରଙ୍କ ବସବାସକୁ ଦୃଷ୍ଟିରେ ରଖି ସଡ଼କ, ପାନୀୟ ଜଳ, ସ୍ୱେରେଜ ଓ ବିଦ୍ୟୁତ୍ ସଂଯୋଗର ବ୍ୟବସ୍ଥା କରିଛନ୍ତି। ଏଥିସହ କେତେକ ଅଞ୍ଚଳରେ ପିଲାଙ୍କ ଲାଗି ବିଦ୍ୟାଳୟ, ଖେଳ ପଡ଼ିଆ, ଗୋଷ୍ଠୀ କେନ୍ଦ୍ର, କଲ୍ୟାଣ ମଣ୍ଡପ ଆଦି ତିଆରି କରିଛନ୍ତି।

ହେଲେ ମାତ୍ର ୨୦/୨୫ ହଜାର ଟଙ୍କାରେ ଜମି ପାଇଥିବା ବ୍ୟକ୍ତି କିମ୍ବା ସେମାନଙ୍କ ଉତ୍ତରାଧିକାରୀମାନେ ଉକ୍ତ ସରକାରୀ ପ୍ଲଟକୁ ଲିଜ୍‌ହୋଲ୍ଡ କରିବା ସହ ତାହାକୁ ବିଲଡରମାନଙ୍କୁ କୋଟି କୋଟି ଟଙ୍କାରେ ବିକ୍ରି କରୁଛନ୍ତି। ଯେଉଁମାନେ ସମ୍ପୂର୍ଣ୍ଣ ଜମି ବିକ୍ରି କରୁନାହାନ୍ତି, ସେମାନେ ବିଲଡରଙ୍କ ସହ ଚୁକ୍ତିନାମା କରି ଆପାର୍ଟମେଣ୍ଟ ନିର୍ମାଣ କରିବା ସହ ନିଜର ଅଂଶ ନେଇଯାଉଛନ୍ତି। ବିଲଡର ବି ମାଗଣାରେ ଜମି ପାଉଥିବାରୁ ଚୁକ୍ତି ମୁତାବକ ୩/୪ ଟି ଘର ଜମି ମାଲିକଙ୍କୁ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି।

ହେଲେ ଆପାର୍ଟମେଣ୍ଟ ନିର୍ମାଣ ହେଉଥିବା ପ୍ଲଟର ଆଖପାଖରେ ରହୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଦୁଇ ପଟେ ଆପାର୍ଟମେଣ୍ଟ ନିର୍ମାଣ ଯୋଗୁଁ ସେମାନଙ୍କ ଘରକୁ ସୂର୍ଯ୍ୟକିରଣ କିମ୍ବା ପବନ ଟିକେ ଆସିବା ମୁସ୍କିଲ ହୋଇଯାଉଛି। ସେହିଭଳି ଦୁଇ ପରିବାର ରହିବା ସ୍ଥାନରେ ୫୦/୬୦ ପରିବାର ରହିବା ଯୋଗୁଁ ସେହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଲୋକେ ନିଜ ନିଜ ଚାରିଚକିଆ ଏପରିକି ଦୁଇଚକିଆ ଯାନକୁ ବି ରାସ୍ତା ଉପରେ ରଖିବାକୁ ବାଧ୍ୟ ହେଉଛନ୍ତି। ରାସ୍ତା ସମ୍ପ୍ରସାରଣର ସୁଯୋଗ ନ ଥିବାରୁ ବିଭିନ୍ନ ଅଞ୍ଚଳରେ ବିଚିତ୍ର ସ୍ଥିତି ଉପୁଜୁଛି।

ବିଡିଏ ଓ ବିଏମ୍‌ସି କର୍ତ୍ତୃପକ୍ଷ ଜିଏ ପ୍ଲଟରେ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଆଖିବୁଜା ଅନୁମତି ଦେବା ପରେ ଏବେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସେହିସବୁ ଅଞ୍ଚଳରେ ସ୍ୱେରେଜ ଓ ପାନୀୟ ଜଳର କ୍ଷମତା ବୃଦ୍ଧି କରିବାରେ ଲାଗିଛନ୍ତି। ବିଦ୍ୟୁତ ବିଭାଗ ବି ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରୁଛି। ହେଲେ ସରକାରଙ୍କଠାରୁ ହାତଗଣତି ମାତ୍ର କେତେଟା ଟଙ୍କାରେ ପାଇଥିବା ମୂଲ୍ୟବାନ ଜମିକୁ ଯେଭଳି ଲୋକମାନେ ବିଲଡରଙ୍କ ହାତରେ କୋଟି କୋଟି ଟଙ୍କାରେ ଟେକି ଦେଉଛନ୍ତି, ତାହା ଉପରେ ରୋକ ଲଗାଯାଇପାରୁନାହିଁ। ଯେଉଁ ହାରରେ ଜିଏ ପ୍ଲଟ ଉପରେ ଆପାର୍ଟମେଣ୍ଟ ଛିଡା ହେଉଛି, ତାହା ଉପରେ ରୋକ ନ ଲାଗିଲେ ଅନେକ ଆବସିକ ଅଞ୍ଚଳ ବ୍ୟବସାୟିକ କେନ୍ଦ୍ରରେ ପରିଣତ ହୋଇଯିବ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ବିବାହ ଋତୁରେ ଅହେତୁକ ଭାବେ ସୁନା ଦର ବୃଦ୍ଧି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୪୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୨ ହଜାର ୪୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୫୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୨ ,୨୫୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୪୦୦ ଟଙ୍କା ଓ ୮୨,୨୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୫, ୫୫୦ ଟଙ୍କା ଓ ୮୨, ୪୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୨, ୨୫୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୪୦୦ ଟଙ୍କା ଓ ୮୨,୨୫୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୫୦୦ ହଜାର ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ସେୟାର ବଜାରରେ ପୁଣି ହ୍ରାସ

**ମୁମ୍ବାଇ ୨୭।୧:** ସେୟାର ମାର୍କେଟରେ ହ୍ରାସ ଏବେବି ଜାରି ରହିଛି। ସେନସେକ୍ସ ୭୫୩ ପଏଣ୍ଟ ଖସି ୭୫୪୩୫କୁ ଚାଲି ଆସିଛି। କେବେଳ ସେନସେକ୍ସ ନୁହେଁ ସେପଟେ ନିଫ୍ଟି ମଧ ୨୩୭ ପଏଣ୍ଟ ତଳକୁ ଖସି ୨୨୮୫୫ରେ ପହଞ୍ଚିଛି। ଫେବୃଆରୀ ୧ ତାରିଖରେ ଦେଶର ବଜେଟ ଉପସ୍ଥାନ ହେବା ପୂର୍ବରୁ ସେୟାର ମାର୍କେଟର ଚାଲ୍ ବିଗିଡି ଯାଇଛି। ପୂର୍ବାହ୍ନରେ ସେୟାର ମାର୍କେଟ ହ୍ରାସରେ ଖୋଲିଥିଲା। ନିଫ୍ଟି ପୂର୍ବାହ୍ନ ୯ଟା ୪୫ ମିନିଟରେ ଖୋଲିବା ବେଳେ ୨୨୯୪୦ରେ ଥିଲା। ଦେଖୁ ଦେଖୁ ୧୦୧ ପଏଣ୍ଟ ତଳକୁ ଖସିଥିଲା।

# ଫେବୃଆରୀ ୧୭ ଭାରତରେ ଲଞ୍ଚ ହେବ ଅଡି ଆରଏସ କ୍ୟୁ୮ ଫେସଲିଫ୍ଟ

**ନୂଆଦିଲ୍ଲୀ, ୨୭।୧:** ଭାରତରେ ଅଡି ଆରଏସ କ୍ୟୁ୮ ଫେସଲିଫ୍ଟ ର ଲଞ୍ଚ ଡେଟ୍ ଘୋଷଣା କରାଯାଇଛି। ଏହା ଫେବୃଆରୀ ୧୭, ୨୦୨୫ ଭାରତରେ ଲଞ୍ଚ ହେବ। ଏହା ପୂର୍ବ ମଡେଲ୍ ଅପେକ୍ଷା ଉନ୍ନତ ହେବାକୁ ଯାଉଛି। ଏହାର ନୂଆ ଭର୍ସନରେ ଏକ୍ସଟେରିୟର ଏବଂ ଇଣ୍ଟେରିୟର ଡିଜାଇନରେ ପରିବର୍ତ୍ତନ ଦେଖିବାକୁ ମିଳିବ। ଫେସେଲିଫ୍ଟ ଭର୍ସନରେ ଏକ ବଡ଼ ଇଞ୍ଜିନ୍ ଦେଖିବାକୁ ମିଳିବ, ଯାହା ଅଧିକ ପାୱାର ଦେବ। ଆସନ୍ତୁ ଜାଣିବା କେଉଁ ଫିଚର୍ସ ସହିତ ଅଡି ଆରଏସ କ୍ୟୁ୮ ପରଫର୍ମାନ୍ସ ଭାରତରେ ଲଞ୍ଚ ହୋଇପାରିବ। ବର୍ତ୍ତମାନ ଚାଲିଥିବା ମଡେଲ୍ ତୁଳନାରେ ଅଡି ଆରଏସ କ୍ୟୁ୮ ଫେସଲିଫ୍ଟ ଏକ ବୋଲ୍ଡ ଡିଜାଇନ୍ ଦେଖିବାକୁ ମିଳିବ। ଏଥିରେ ଅପଡେଟେଡ୍ ୩ଡି ହନିକମ୍ବ ପ୍ୟାଟର୍ନ ସହିତ ନୂଆ ବ୍ଲାମ୍ ଗ୍ରୀଲ୍, ଫ୍ରଣ୍ଟ ଲିପରେ କାର୍ବନ ଫାଇବର ଏଲିମେଣ୍ଟ ଏବଂ ଏୟାର ଭେଣ୍ଟସ୍ ଦେଖିବାକୁ ମିଳିବ। ଡ୍ରାଇଭିଂ ସମୟରେ ଉନ୍ନତ ଭିଜିବିଲିଟି ପାଇଁ ଏଲଇଡି ମାଟ୍ରିକ୍ସ ହେଡଲାଇଟ୍ସ ଏବଂ ଏଲଇଡି ଟେଲ୍ ଲାଇଟ୍ ମଧ୍ୟ ଦିଆଯାଇପାରିବ। ଏଥିରେ ୨୨-ଇଞ୍ଚର ଆଲଏ ହୁଇଲ୍ ସହିତ ୨୩-ଇଞ୍ଚର ହୁଇଲ୍ ଅପ୍ସନ ମଧ୍ୟ ମିଳିପାରିବ।ମଅଡି ଆରଏସ କ୍ୟୁ୮



ପରଫର୍ମାନ୍ସର କ୍ୟାବିନରେ ଏଖ ନୂଆ ଡିଜାଇନ୍ ଦେଖିବାକୁ ମିଳିପାରିବ। ଏହା ସ୍ପୋର୍ଟ ସିଟ୍ ପ୍ଲସ୍ ସହିତ ଆସିପାରେ, ଯାହା ରେସ୍-ଟେକ୍ସ ଅପହୋଲଷ୍ଟେରୀ ସହିତ ଏକ୍ସଟ୍ରା ସପୋର୍ଟ ଏବଂ ଆରାମଦାୟକ ହେବ। ଏଥିରେ ଡୁଆଲ୍-ସ୍କ୍ରିନ୍ ସେଣ୍ଟର କନସୋଲ୍ ସହିତ ଆରଏସ ଡ୍ରାଇଭ୍ ମୋଡ୍ ପର୍ଯ୍ୟନ୍ତ ଦେଖିବା ପାଇଁ ମିଳିପାରିବ। ଏଥିରେ ୪-ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ଏବଂ ଆରାମଦାୟକ କ୍ୟାବିନ୍ ଏନଭାୟରମେଣ୍ଟ ମଧ୍ୟ ଦେଖିବାକୁ ମିଳିପାରିବ। ଏହା ସହ ଏଥିରେ ଆକ୍ଟିଭ୍ ରୋଲ ଷ୍ଟାବ୍ଲାଇଜେସନ୍, ଅଲ ହୁଇଲ ଷ୍ଟିୟରିଂ, ଆଡପ୍ଟିଭ୍ ଏୟର ସସପେନ୍ସନ୍ ଏବଂ ନୂଆ କ୍ୱାଟ୍ରୋ ସ୍ପୋର୍ଟସ୍ ଡିଫେରିଏଲ୍ ବଡ଼ି ରୋଲ୍ ମଧ୍ୟ ଦେଖିବାକୁ ମିଳିବ। ଅଡି ଆରଏସ କ୍ୟୁ୮ ଫେସଲିଫ୍ଟରେ ୪.୦-ଲିଟର ଟ୍ୱିନ୍-ଟର୍ବୋ ଭି୮ ଇଞ୍ଜିନ୍ ଦେଖିବା ପାଇଁ ମିଳିପାରିବ, ଯାହା ୬୩୧ ବିଏଚପିର ପାୱାର ଏବଂ ୮୫୦ ଏନଏମ ର ଟର୍କ ଜେନେରେଟ୍ କରିବ। ବର୍ତ୍ତମାନର ମଡେଲ (୫୯୧ ବିଏଚପି ଏବଂ ୮୦୦ ଏନଏମ)ଠାରୁ ଅଧିକ ହେବ। ଏହା ବ୍ୟତୀତ ଅଡି ଆରଏସ କ୍ୟୁ୮ ପରଫର୍ମାନ୍ସରେ ୪୮ଭି ମାଇଲ୍ଡ-ହାଇବ୍ରିଡ୍ ସିଷ୍ଟ ମଧ୍ୟ ଦିଆଯାଇପାରିବ। ଏହା ମାତ୍ର ୩.୬ ସେକେଣ୍ଡରେ ୦-୧୦୦ କିଲୋମିଟର ସ୍ପିଡରେ ପହଞ୍ଚି ପାରିବ। ଏହାର ଟପ୍ ସ୍ପିଡ୍ ଘଣ୍ଟାପ୍ରତି ୩୦୫ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ। ଭାରତରେ ଅଡି ଆରଏସ କ୍ୟୁ୮ ଫେସଲିଫ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୨ କୋଟି ଟଙ୍କା ପାଖାପାଖି ହୋଇପାରେ।

# ଭାରତରେ ଲଞ୍ଚ ହେଲା ଏକ୍ସପଲ୍ସ ୨୧୦

**ନୂଆଦିଲ୍ଲୀ, ୨୭।୧:** ହିରୋ ମୋଟୋକର୍ପ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ଏକ୍ସପଲ୍ସ ୨୧୦ କୁ ଲଞ୍ଚ କରିଛି। ଏହାକୁ ଦୁଇଟି ଭ୍ୟାରିଆଣ୍ଟରେ ଅଣାଯାଇଛି, ଯାହା ବେସ୍ ଏବଂ ଟପ୍ ମଡେଲ୍ ହୋଇଛି। ଏହାର ବେସ୍ ଭ୍ୟାରିଆଣ୍ଟର ପ୍ରାଇସ୍ ୧,୭୫,୮୦୦ ଟଙ୍କା ଥିବାବେଳେ ଏହାର ଟପ୍ ଭ୍ୟାରିଆଣ୍ଟର ପ୍ରାଇସ୍ ୧,୮୫, ୮୦୦ ଟଙ୍କା ରହିଛି। ଏହି ଦୁଇଟି ଭ୍ୟାରିଆଣ୍ଟର ମୂଲ୍ୟରେ ୧୦ ହଜାରର ପାର୍ଥକ୍ୟ ରହିଛି। ତେବେ ଆସନ୍ତୁ ଜାଣିବା ଏକ୍ସପଲ୍ସ ୨୧୦ ର ବେସ୍ ଏବଂ ଟପ୍ ମଡେଲ ଭିତରେ କ'ଣ ରହିଛି ପାର୍ଥକ୍ୟ? ଏକ୍ସପଲ୍ସ ୨୧୦ ର ଦୁଇଟି ଭ୍ୟାରିଆଣ୍ଟକୁ ସମାନ ଡଜାଇନ୍ ଦିଆଯାଇଛି, ଏଥିରେ ଅଳ୍ପ ମାତ୍ରାରେ ପାର୍ଥକ୍ୟ ରହିଛି। ଏହାର ବେସ୍ ଭ୍ୟାରିଆଣ୍ଟକୁ ଦୁଇଟି କଲର ଅପ୍ସନରେ ଅଣାଯାଇଛି, ଯାହା ୱାଇଲ୍ଡ ରେଡ୍ ଏବଂ ଗ୍ଲାସିୟର ହ୍ୱାଇଟ୍ ରହିଛି। ଏହାର ଟପ୍ ଭ୍ୟାରିଆଣ୍ଟରେ ମଧ୍ୟ ଦୁଇଟି କଲର ସ୍କିମ୍ ଦିଆଯାଇଛି ଯାହା ରହିଛି- ଆଜ୍ୟୁର ବ୍ଲୁ ଏବଂ ଆଲପାଇନ ସିଲ୍ଭର। ଏହା ବ୍ୟତୀତ ଟପ୍ ଭ୍ୟାରିଆଣ୍ଟରେ ଉନ୍ନତ ଉଇଣ୍ଡ୍ ପ୍ରୋଟେକ୍ସନ ପାଇଁ ଲଙ୍ଗ୍ ଉଇଣ୍ଡ ସ୍କ୍ରିନ ଦିଆଯାଇଛି। ଏଥି ସହ ବେସ୍ ଭ୍ୟାରିଆଣ୍ଟରେ ଛୋଟ ଫ୍ଲାଏ ସ୍କ୍ରିନ ରହିଛି। ଏକ୍ସପଲ୍ସ ୨୧୦ର ଟପ୍ ଭ୍ୟାରିଆଣ୍ଟରେ ଟିଏଫଟି ଡିସପ୍ଲେ ଦିଆଯାଇଛି। ଏହା ସହ ବେସ୍ ଭ୍ୟାରିଆଣ୍ଟରେ ଏଲସିଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ସାମିଲ କରାଯାଇଛି। ଟପ୍ ଭ୍ୟାରିଆଣ୍ଟରେ ତିନୋଟି ରାଇଡିଂ ମୋଡ୍ ରହିଛି ଯାହା ରହିଛି-ରୋଡ, ଅଫରୋଡ ଏବଂ ର୍‍ୟାଲି। ଏଥି ସହ ବେସ୍ ଭ୍ୟାରିଆଣ୍ଟରେ କୌଣସି ଡ୍ରିଇଭିଂ ମୋଡ୍ ଦିଆଯାଇ ନାହିଁ। ଏଥିରେ କେବଳ ସିଙ୍ଗଲ-ଚ୍ୟାନେଲ୍ ଏବିଏସ ଅଛି। ଏହାର ଟପ୍ ଭ୍ୟାରିଆଣ୍ଟରେ ନକ୍ସଲ ଗାର୍ଡ ଏବଂ ରିୟରରେ ଲଗେଜ୍ ମାଉଣ୍ଟିଂ ପ୍ଲେଟ୍ ଦିଆଯାଇଥିବାବେଳେ ଏହାର ବେସ୍ ଭ୍ୟାରିଆଣ୍ଟରେ କିଛି ଦିଆଯାଇ ନାହିଁ। ଏକ୍ସପଲ୍ସ ୨୧୦ ର ବେସ୍ ଭ୍ୟାରିଆଣ୍ଟ ୧୬୮ କିଲୋଗ୍ରାମ୍ ହୋଇଥିବାବେଳେ ଏହାର ଟପ୍ ଭ୍ୟାରିଆଣ୍ଟର ଓଜନ ୧୭୦ କିଲୋଗ୍ରାମ ରହିଛି। ଏହାର ଦୁଇଟି ଭ୍ୟାରିଆଣ୍ଟରେ ୨୧୦ ଏମଏମ ଟ୍ରାଭେଲ ସହିତ ୧୦-ଷ୍ଟେପ୍ ପ୍ରି-ଲୋଡ୍ ଆଡଜେଷ୍ଟେବଲ୍ ମୋନୋଶକ୍ ରହିଛି ଏବଂ ଉଭୟରେ ଡିସ୍କ ବ୍ରେକ୍ ମଧ୍ୟ ରହିଛି। ଏହାର ସିଟର ଉଚ୍ଚତା ୮୩୦ ଏମଏମ ଏବଂ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୨୦ ଏମଏମ ରହିଛି। ହିରୋ ଏକ୍ସପଲ୍ସ ୨୧୦ରେ ଉଭୟ ଭ୍ୟାରିଆଣ୍ଟରେ ୨୧୦ ସିସି ସିଙ୍ଗଲ-ସିଲିଣ୍ଡର, ଲିକ୍ୟୁଡ୍-କୁଲ୍ଡ ଇଞ୍ଜିନର ବ୍ୟବହାର କରାଯାଇଛି। ଏହି ଇଞ୍ଜିନ୍ ୨୪.୬ ପିଏସର ପାୱାର ଏବଂ ୨୦.୭ ଏନଏମର ଟର୍କ ଜେନେରେଟ୍ କରିଥାଏ। ଏହାର ଇଞ୍ଜିନରେ ୬-ସ୍ପିଡ୍ ଗିୟରବକ୍ସ ଏବଂ ସ୍ଲିପର କ୍ଲଚ୍ ସହିତ ଆଡ୍ କରାଯାଇଛି। ଅଫ୍-ରୋଡ୍ ପାଇଁ ଏହି ବାଇକ୍ ରି-ଟ୍ୟୁନ୍ କରାଯାଇଛି।



# ଜାମନଗରରେ ରିଲାଏନ୍ସ କରିବ ବିଶ୍ୱର ସର୍ବବୃହତ୍ ଏଆଇ ଡାଟା ସେଣ୍ଟର

**ନୂଆଦିଲ୍ଲୀ, ୨୭।୧:** ଗୁଜରାଟର ଜାମନଗରରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବିଶ୍ୱର ସର୍ବବୃହତ୍ କୃତ୍ରିମ ବୁଦ୍ଧିମତା (ଏଆଇ) ଡାଟା ସେଣ୍ଟର ସ୍ଥାପନ କରିବ। ଏହାର କ୍ଷମତା ୩ ଗିଗାୱାଟ୍ ରହିବ। ବିଶ୍ୱରେ ଏଆଇର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି କମ୍ପାନି ଏଭଳି ଯୋଜନା କରିଛି। ଏନ୍‌ଭିଡିଆ କର୍ପୋରେସନର ଅତ୍ୟାଧୁନିକ ଏଆଇ ସେମିକଣ୍ଡକ୍ଟରରେ ଏହି ଡାଟା ସେଣ୍ଟର ସ୍ଥାପନ ହେବ। ଏହା କାର୍ଯ୍ୟକ୍ଷମ ହେଲେ ବିଶ୍ୱରେ ବର୍ତ୍ତମାନ ସୁଦ୍ଧା ଥିବା ବୃହତ୍ ଡାଟା ସେଣ୍ଟରର କ୍ଷମତାକୁ ଏହା ଟପିଯିବ।

ବିଶ୍ୱରେ ମାଇକ୍ରୋସଫ୍ଟ, ଆମାଜନ ଏବଂ ଆଲଫାବେଟ୍ ଭଳି କମ୍ପାନି ଏଆଇ ସମର୍ଥିତ ଡାଟା ସେଣ୍ଟର ସ୍ଥାପନରେ ବିପୁଳ ରାଶି ନିବେଶ କରୁଛନ୍ତି। ଏ କ୍ଷେତ୍ରରେ ରିଲାଏନ୍ସ ପ୍ରବେଶ କରିଛି। ଏହି ସେଣ୍ଟର ସ୍ଥାପନ ହେଲେ ଭାରତକୁ ଆଉ ଡାଟା ସଂରକ୍ଷଣ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଭାରତର ଡାଟାକୁ ଭାରତରେ ସଂରକ୍ଷିତ ରଖାଯାଇ ପାରିବ। ଅକ୍ଷୟ ଶକ୍ତିର ଯଥାସମ୍ଭବ ବ୍ୟବହାର ଏହି ଡାଟା ସେଣ୍ଟରରେ କରାଯିବ। ସୌର ଶକ୍ତି, ଗ୍ରିନ୍ ହାଇଡ୍ରୋଜେନ୍ ଏବଂ ପବନ ଶକ୍ତି ସହିତ ଏହି ଡାଟା ସେଣ୍ଟରକୁ ଯୋଡ଼ାଯିବ। ତେବେ ନିରନ୍ତର ବିଦ୍ୟୁତ୍ ଯୋଗାଣ ଦୃଷ୍ଟିରୁ ଜୀବାଶ୍ମ ଇନ୍ଧନ ଏବଂ ବୃହତ୍ ବ୍ୟାଟେରି ବ୍ୟବାହାରର ଆବଶ୍ୟକତା ମଧ୍ୟ ରହିଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଭାରତର ଡାଟା ସେଣ୍ଟର କ୍ଷମତା ୩ ଗୁଣା ବଢ଼ିଯିବ।



## ଇଭି କାର୍ ସଂଖ୍ୟା ୯%କୁ ବଢ଼ିବ



**ନୂଆଦିଲ୍ଲୀ, ୨୭।୧:** ଦେଶରେ କାର୍ ବଜାରରେ ଇଲେକ୍ଟ୍ରିକ କାର୍ ସଂଖ୍ୟା ୨୦୨୬-୨୭ ଆର୍ଥିକବର୍ଷ ବେଳକୁ ୫ ପ୍ରତିଶତରେ ଏବଂ ୨୦୨୯-୩୦ ଆର୍ଥିକବର୍ଷ ବେଳକୁ ୯ ପ୍ରତିଶତକୁ ବୃଦ୍ଧି ପାଇବ। ବର୍ତ୍ତମାନ ଏହା ୨ ପ୍ରତିଶତରେ ରହିଛି। ସେହିଭଳି ୨୦୨୪-୨୫ରେ ଦେଶର ମୋଟ ଦୁଇ ଚକିଆ ଯାନରେ ଇଲେକ୍ଟ୍ରିକ ଦୁଇଚକିଆର ଅଂଶ ୫.୮ ପ୍ରତିଶତ ରହିବ। ୨୦୨୬-୨୭ ଆର୍ଥିକବର୍ଷ ବେଳକୁ ଏହା ୧୦ ପ୍ରତିଶତକୁ ଏବଂ ୨୦୨୯-୩୦ ବେଳକୁ ୨୦ ପ୍ରତିଶତକୁ ବୃଦ୍ଧି ପାଇବ ନୋମୁରା ପକ୍ଷରୁ ଆକଳନ କରାଯାଇଛି। ଭବିଷ୍ୟତର କର୍ପୋରେଟ୍ ଆଭରେଜ ଫୁଏଲ ଏଫିସିଏନ୍ସି (ସିଏଏଫଇ) ନିୟମ ପାଳନ ପାଇଁ ଇଭିର ସଫଳତା ଗୁରୁତ୍ୱପୂର୍ଣ୍ଣ। କମ୍ପାନିଗୁଡ଼ିକ ଏବେ ସୁଲଭ ମୂଲ୍ୟର ଇଭି ଉତ୍ପାଦନ ଉପରେ ପ୍ରାଧାନ୍ୟ ଦେଉଛନ୍ତି। ନିକଟରେ ଶେଷ ହୋଇଥିବା ଭାରତ ମୋବିଲିଟି ଏକ୍ସପୋ ୨୦୨୫ରେ ଭାରତ ଏ କ୍ଷେତ୍ରରେ ହାସଲ କରିଥିବା ଅଗ୍ରଗତିକୁ ପ୍ରଦର୍ଶନ କରାଯାଇଛି। ତେଣୁ ଆଗାମୀ ଦିନରେ ଆଗକୁ ଅଧିକ ସୁବଜ ଯାନ ବଜାରକୁ ଆସିବ ବୋଲି ଆଶା କରାଯାଉଛି।

# ଶୂନରୁ ଶହେ: ୨୦ ହଜାରୁ ୪୫୦୦ କୋଟି



**ନୂଆଦିଲ୍ଲୀ, ୨୭।୧:** ସଫଳତା କ୍ଷେତ୍ରରେ ଆତ୍ମବିଶ୍ୱାସ ହିଁ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଅନେକ ସମୟରେ ଦେଖାଯାଇଛି ଦୁନିଆର ଅଧିକାଂଶ ଲୋକଙ୍କର ଭରସା ପାଉ ନ ଥିବା କେତେକ ବ୍ୟକ୍ତି ଅଦମ୍ୟ ଆତ୍ମବିଶ୍ୱାସ ବଳରେ ସମୃଦ୍ଧି ହାସଲ କରିଛନ୍ତି। ସେମିତି ଜଣେ ଆତ୍ମବିଶ୍ୱାସୀ ମହିଳା ବ୍ୟବସାୟୀ ହେଉଛନ୍ତି ବନ୍ଦନା ଲୁଥ୍ରା। ମାତ୍ର ୨୦ ହଜାର ଟଙ୍କା ବିନିଯୋଗ କରି ସେ ବ୍ୟବସାୟ ଆରମ୍ଭ କରିଥିଲେ। ଆଜି ତାଙ୍କ ସମ୍ପତ୍ତିର ସମୁଦାୟ ମୂଲ୍ୟ ୧,୩୦୦ କୋଟି ଟଙ୍କା। ସାମାନ୍ୟ ଅର୍ଥ ବିନିଯୋଗ କରି ସେ ଯେଉଁ କମ୍ପାନି ଆରମ୍ଭ କରିଥିଲେ ପରବର୍ତ୍ତୀ ସମୟରେ ତାହା ୨,୫୦୦ କୋଟି ଟଙ୍କାରେ ବିକ୍ରୟ ହେଲା। କମ୍ପାନି ବିକ୍ରୟ ହୋଇଥିଲେ ସୁଦ୍ଧା ସେଥିରେ ବନ୍ଦନାଙ୍କର ଅଂଶ ଅଛି। ଆକାଙ୍କ୍ଷୀ ଉଦ୍ୟୋଗୀଙ୍କ ଲାଗି ତାଙ୍କ କାହାଣୀ ହେଉଛି ପ୍ରତିବନ୍ଧକ ମୁକାବିଲା ଓ ପ୍ରତିବଦ୍ଧତାର ଉତ୍କୃଷ୍ଟ ଦୃଷ୍ଟାନ୍ତ। ଗରିବମାନଙ୍କୁ ସହାୟତା କରୁଥିବା 'ଅମର ଜ୍ୟୋତି' ନାମରେ ଗୋଟାଏ ଆୟୁର୍ବେଦୀୟ ଦାତବ୍ୟ ସଙ୍ଗଠନର ମୁଖ୍ୟ ଥିବା ନିଜ ମାଆଙ୍କ ଯୋଗୁଁ ହିଁ ବନ୍ଦନା ଉଦ୍ୟୋଗ ସ୍ଥାପନା ପ୍ରତି ଉତ୍ସାହିତ ହୋଇଥିଲେ। ସଙ୍ଗଠନଟିର କାର୍ଯ୍ୟାବଳି ଜନତାଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଉଥିବା ଦେଖି ସେ ନିଜେ ସେଭଳି କିଛି କରିବାକୁ ଆଗ୍ରହୀ ହେଲେ। ଭାରତରେ ଆହାର-ପୋଷଣ ଓ ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରତି ଜନସଚେତନତା ଅଭାବ ଦେଖି ସେ ଏ ଦୁଇଟି କ୍ଷେତ୍ରରେ ଜର୍ମାନିରେ ଉଚ୍ଚତର ଅଧ୍ୟୟନ କରିବାକୁ ସିଦ୍ଧାନ୍ତ ନେଲେ। ପଢ଼ା ଶେଷ କରି ବନ୍ଦନା ଭାରତ ପ୍ରତ୍ୟାବର୍ତ୍ତନ କରି ମାତ୍ର ୨୦ ହଜାର ଟଙ୍କା ବିନିଯୋଗ କରି କମ୍ପାନି ଆରମ୍ଭ କଲେ। ୧୯୮୯ ମସିହାରେ ନୂଆଦିଲ୍ଲୀର ସଫଦରଜଙ୍ଗ୍ ଏନ୍‌କ୍ଲେଭ୍‌ରେ ଖୋଲିଲା 'ବନ୍ଦନା ଲୁଥ୍ରା କର୍ଲସ୍ ଆଣ୍ଡ କର୍ଭସ୍' ଯାହାର ସଂକ୍ଷେପଣ ହେଉଛି 'ଭିଏଲ୍‌ସିସି'। ସେତେବେଳେ ଏ ଧରଣର ପ୍ରତିଷ୍ଠାନ ସବୁ ସୌନ୍ଦର୍ଯ୍ୟକୈନ୍ଦ୍ରିକ ବା ରୂପଚର୍ଚ୍ଚା ଉପରେ ଧ୍ୟାନ ଦେଉଥିଲେ। କିନ୍ତୁ, ବନ୍ଦନା ଭୋଜନ ଓ ବ୍ୟାୟାମ ଭଳି ବିଜ୍ଞାନସମ୍ମତ ଉପାୟରେ ଓଜନ ନିୟନ୍ତ୍ରଣ ଭଳି କୌଶଳ ଉପରେ ପ୍ରାଧାନ୍ୟ ଦେଲେ। ୧୯୯୦ ଦଶକରେ ବ୍ୟବସାୟ ଆରମ୍ଭ କରିବା ଜଣେ ମହିଳାଙ୍କ ପକ୍ଷେ ଏତେ ସହଜ ନ ଥିଲା। ସାମାଜିକ ବିରୋଧ ଏବଂ ତାଙ୍କ ବ୍ୟାବସାୟିକ ଧାରା ଉପରେ ସନ୍ଦେହ ବି ଥିଲା। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ତାଙ୍କୁ ସହଯୋଗ କରିବାକୁ ଅନାଗ୍ରହୀ ହେଲେ। ତଥାପି, ହତୋତ୍ସାହିତ ନ ହୋଇ ନିଜ ଦୂରଦୃଷ୍ଟି ପ୍ରତି ଅଟଳ ରହିଲେ।

ପରିଶେଷରେ ୨୦୦୦ ଦଶକ ବେଳକୁ ଯାଇ 'ଭିଏଲ୍‌ସିସି' ବ୍ୟବସାୟ ବଢ଼ି ୫୦ କୋଟି ଟପିଲା। ସେତେବେଳକୁ କେତେକ ପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠାନ ବି ଗଢ଼ିଉଠିଥିଲେ। 'ୱେଲ୍‌ନେସ୍ ପ୍ୟାକେଜ୍' ନିମନ୍ତେ ସେମାନେ ୧୨ ହଜାର ଟଙ୍କା ନେଉଥିବା ବେଳେ ରେଜିଷ୍ଟ୍ରେସନ୍ ଫି' ବାବଦକୁ ୨୦ ହଜାର ଟଙ୍କା ରଖିଥିଲେ ବି 'ଭିଏଲ୍‌ସିସି'ର ଖୁବ୍ ଚାହିଦା ଥିଲା। ୨୦୦୫ରେ ମିଳିଥିବା ସୁଯୋଗ ହିଁ 'ଭିଏଲ୍‌ସିସି'କୁ ସବୁଠୁ ଅଧିକ ପ୍ରସିଦ୍ଧି ଦେଲା। ଟେଲିଭିଜନ୍ ସୋ' 'ଜସ୍‌ସୀ ଜୈସି କୋଇ ନହୀଁ'ରେ ଅଭିନୟ କରୁଥିବା ଅଗ୍ରଣୀ ଚରିତ୍ରମାନଙ୍କର ରୂପଚର୍ଯ୍ୟା 'ଭିଏଲ୍‌ସିସି'କୁ ନିର୍ଭରଯୋଗ୍ୟ 'ବ୍ରାଣ୍ଡ୍' ଭାବେ ସ୍ୱୀକୃତି ଦେଲା। 'ସାଇନ୍'ଠାରୁ ୧୪.୪ କୋଟି ଟଙ୍କା ଅନୁଦାନ ପାଇଥିବା 'ଭିଏଲ୍‌ସିସି'ର ସମ୍ପତ୍ତି ୨୦୦୯ ସୁଦ୍ଧା ୧୨୫ କୋଟି ଟଙ୍କା ହୋଇଗଲା। ୨୦୧୦ ବେଳକୁ 'ଭିଏଲ୍‌ସିସି' ଦେଶରେ ୧୦୦ଟି କେନ୍ଦ୍ର ଖୋଲି 'ବିୟୁଟି ଏଣ୍ଟରପ୍ରେନ୍ୟୁୟର୍' ହେବା ଲାଗି ମହିଳାମାନଙ୍କୁ ତାଲିମ ଦେଉଥିଲା। ଏହା ବ୍ୟତିରେକେ, ମଧ୍ୟପ୍ରାଚ୍ୟ, ଦକ୍ଷିଣ-ପୂର୍ବ ଏସିଆ ଓ ଆଫ୍ରିକାରେ ମଧ୍ୟ ବନ୍ଦନା ତାଙ୍କ ଅଭିଯାନ ଚଳାଇଲେ। ୨୦୨୩ ବେଳକୁ 'ଭିଏଲ୍‌ସିସି'ର ୩୧୧ଟି କେନ୍ଦ୍ର, ୧୦୦ଟି ତାଲିମ କେନ୍ଦ୍ର ସହିତ ୧୪୪ଟି ସହରରେ ଉପସ୍ଥିତି ଜାହିର କଲା। ତା'ପରେ 'କାର୍ଲାଇଲ୍ ଗ୍ରୁପ୍' ୨,୫୦୦ କୋଟି ଟଙ୍କାରେ ଏ କମ୍ପାନି ଖରିଦ କରିନେଲା। ଆଜି ଏହାର ମୋଟ୍ ବାର୍ଷିକ ଆୟ ୯୮୬.୮ କୋଟି ଟଙ୍କା। କମ୍ପାନିର ମୂଲ୍ୟ ୪,୫୦୦ କୋଟି ଟଙ୍କା। ପ୍ରତିବର୍ଷ ଏହି କମ୍ପାନି ୧୦,୦୦୦ ମହିଳାଙ୍କୁ ତାଲିମ ଦେଉଛି। ଅବିରାମ ଉଦ୍ୟମ ନିମନ୍ତେ ବନ୍ଦନା ଅନେକ ସମ୍ମାନଜନକ ପୁରସ୍କାର ପାଇଛନ୍ତି। ୨୦୧୦ରେ ତାଙ୍କୁ ମିଳିଥିଲା 'ଏଣ୍ଟରପ୍ରାଇଜ୍ ଏସିଆ ଓମେନ୍ ଏଣ୍ଟରପ୍ରେନ୍ୟୁୟର୍ସ୍' ପୁରସ୍କାର। ୨୦୧୩ରେ ସେ ପାଇଥିଲେ ପଦ୍ମଶ୍ରୀ। ୨୦୧୬ରେ ସେ 'ଫୋର୍ବସ୍ ଏସିଆ'ର ୫୦ ଶକ୍ତିଶାଳୀ ମହିଳା ବ୍ୟବସାୟୀ ତାଲିକାଭୁକ୍ତ ହୋଇଥିଲେ। ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବେ 'ଫର୍ଚ୍ୟୁନ୍ ଇଣ୍ଡିଆ'ର ସବୁଠୁ କ୍ଷମତାଶାଳୀ ମହିଳା ତାଲିକାରେ ରହିଥିଲେ।

# ଜିଓର ଏହି ରିଚାର୍ଜ ପ୍ଲାନରେ ମିଳିବ ଅସୀମିତ କଲିଂ ସୁବିଧା




**ନୂଆଦିଲ୍ଲୀ, ୨୭।୧:** ଜିଓ, ଏୟାରଟେଲ, ଭିଆଇ ନିକଟରେ ଟେଲିକମ ରେଗୁଲେଟରି ଅଥରିଟି ଅଫ ଇଣ୍ଡିଆ (ଟ୍ରାଇ)ଙ୍କ ନିର୍ଦ୍ଦେଶ ପରେ ନୂଆ ରିଚାର୍ଜ ପ୍ଲାନ ଲଞ୍ଚ୍ କରି ଦେଇଛନ୍ତି। କମ୍ପାନି ପୁରୁଣା ରିଚାର୍ଜ ପ୍ଲାନକୁ ହଟାଇ ଦୁଇଟି ନୂଆ ପ୍ଲାନ ଲଞ୍ଚ୍ କରିଛି। ଯେଉଁଥିରେ ୮୪ଦିନର ପ୍ଲାନ ସାମିଲ ରହିଛି। ଏହା ୮୪ଦିନର ଭେଲିଡିଟି ଥିବା ସବୁଠାରୁ ଶସ୍ତା ପ୍ଲାନ। ଏହି ରିଚାର୍ଜ ପ୍ଲାନର ମୂଲ୍ୟ ୪୪୮ ଟଙ୍କାର ରହିଛି। ଯାହା ୮୪ଦିନର ଭେଲିଡିଟି ସହିତ ଆସିଥିବା ଅନ୍ୟ ରିଚାର୍ଜ ତୁଳନାରେ କମ ରହିଛି। ଏହି ପ୍ଲାନରେ ବ୍ୟବହାରକାରୀଙ୍କୁ ଅନଲିମିଟେଡ କଲିଂର ଫାଇଦା ମିଳିବ। ଏଥିରେ ଲୋକାଲ ଓ ଏସଟିଡି ଉଭୟ କଲ ସାମିଲ ରହିଛି। ଜିଓର ଏହି ନୂଆ ରିଚାର୍ଜ ପ୍ଲାନରେ ବ୍ୟବହାରକାରୀଙ୍କୁ ମୋଟ ୧,୦୦୦ଏସଏମଏସ ବ୍ୟବହାର କରିବାର ସୁବିଧା ମିଳିବ। ଆପଣଙ୍କୁ ଜଣାଇ ଦେବାକୁ ଚାହିଁବୁ କି ଜିଓର ୪୪୮ଟଙ୍କାର ରିଚାର୍ଜ ପ୍ଲାନରେ ବ୍ୟବହାରକାରୀଙ୍କୁ ଇଣ୍ଟରନେଟ ସୁବିଧା ମିଳିବ ନାହିଁ। ଜିଓର ଏହି ରିଚାର୍ଜ ପ୍ଲାନ ସେହି ଲୋକଙ୍କ ପାଇଁ ସବୁଠାରୁ ଲାଭ ହେବ ଯେଉଁମାନେ କେବଳ କଲିଂ କରିଥାଆନ୍ତି। ୪୪୮ଟଙ୍କାର ରିଚାର୍ଜ ପ୍ଲାନରେ ବ୍ୟବହାରକାରୀଙ୍କୁ ଜିଓ ଟିଭି, ଜିଓ ସିନେମା ଓ ଜିଓ କ୍ଲାଉଡ ଏକ୍ସେସ କରିବାର ସୁବିଧା ମିଳିବ।

# ଖାଇଗଲେ ପାଇଖାନା ଟଙ୍କା

## ମୃତ ବ୍ୟକ୍ତିଙ୍କ ନାଁରେ ମିଥ୍ୟା ବିଲ କରି ଲକ୍ଷାଧିକ ଟଙ୍କା ହରିଲୁଟ ଅଭିଯୋଗ



**ପାଟକୁରା ,୨୭।୧ (ସଂଚାର ବ୍ୟୁରୋ):** ଗଡପଡ଼ ବ୍ଲକରେ ସାମ୍ନାକୁ ଆସିଛି ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଦୁର୍ନୀତି ଘଟଣା। ସୂଚନା ଅଧିକାର ଆଇନ୍ ବଳରେ ଦୁର୍ନୀତିର ମୁଖା ଖୋଲିଛନ୍ତି ମଧୁଶାସନ ପଞ୍ଚାୟତର ସୂଚନା ଅଧିକାର କର୍ମୀ ପଦ୍ମଚରଣ ସାହୁ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମିଲିଭଗତରେ ପାଇଖାନା ଟଙ୍କା ବାଟମାରଣା ଅଭିଯୋଗ ହୋଇଛି । ମାଆଙ୍କ ଫଟୋ ଧରି ଛିଡା ହୋଇଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ମଧୁଶାସନ ଗାଁର ସଂଜୟ କୁମାର ଦାସ। ସଞ୍ଜୟଙ୍କ ମା' ସରୋଜବାଳା ଦାସ ୨୦୧୯ରୁ ମୃତ୍ୟୁବରଣ କଲେଣି । କିନ୍ତୁ ୨୦୨୨ ଆର୍ଥିକ ବର୍ଷରେ ତାଙ୍କ ନାଁରେ ମିଥ୍ୟା ବିଲ୍ କରି ଟଙ୍କା ଉଠିବା ଅଭିଯୋଗ କରିଛନ୍ତି ସଂଜୟ । ମଧୁଶାସନ ପଞ୍ଚାୟତର ବିଭିନ୍ନ ୱାର୍ଡରେ ସୁରେଶ ବେହେରା ଓ କୈଳାସ ବେହେରାଙ୍କୁ ମିଶାଇ ୫ ଜଣ ମୃତ ବ୍ୟକ୍ତି ଓ ୫୦ରୁ ଅଧିକ ହିତାଧିକାରୀଙ୍କ ନାଁରେ ମିଥ୍ୟା ବିଲ୍ କରି ପାଇଖାନା ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ମଧୁଶାସନ ପଞ୍ଚାୟତବାସୀ। ସେପଟେ ଏ ସଂପର୍କରେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି, ସେମିତି କେବେ ହେଇନଥିବ।

# କଅଁଳ ବୟସରେ କ୍ୟାନ୍ସର

**ବେଗୁନିଆପଡ଼ା,୨୭।୧ (ସଂଚାର ବ୍ୟୁରୋ):** ପାଠପଢ଼ାରେ ଡୋରୀ ବାନ୍ଧିଲା କ୍ୟାନସର। କ୍ୟାନସରରେ ଆକ୍ରାନ୍ତ ହୋଇ ନବମ ଶ୍ରେଣୀ ଛାତ୍ର ଶଯ୍ୟାଶାୟୀ। ଅପରେସନ ପାଇଁ ଅର୍ଥ ନାହିଁ। ଶେଜରେ ପଡି ବଂଚିବାର ରାହା ଦେଖୁଛନ୍ତି ଘରର ଏକ ମାତ୍ର ପୁଅ। ରୋଗ ଛଡେଇ ନେଇଛି ଛାତ୍ରଙ୍କ ଓଠରୁ ହସ। ସ୍କୁଲ ବଦଳରେ ବିଛଣାରେ କଟୁଛି ଦିନ। ଧିରେଧିରେ ଶରୀର ନିସ୍ତେଜ ହୋଇଯାଉଛି।



ପାଠ ପଢ଼ିବା ବୟସରେ କର୍କଟ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ବେଗୁନିଆପଡା ବ୍ଲକ ରାଜପୁର ଗାଁର ଆ କ । ଶ ବେହେରା। ଚିକିତ୍ସା ପାଇଁ ବାପାଙ୍କ ପାଖରେ ଟଙ୍କାଟିଏ ନାହିଁ। ନିଜର ଘର ନାହିଁ, ଭଡ଼ା ଘରେ ରହୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଯେତିକି ପଇସା ଥିଲା ସବୁ ଖର୍ଚ୍ଚ ହୋଇସାରିଛି। ଏବେ ପୁଅର ଅପରେସନ ପାଇଁ ୬ଲକ୍ଷ ଟଙ୍କା ଆବଶ୍ୟକ। ଆଗୁଆ ୫୦ ହଜାର ଡିପୋଜିଟ୍ କଲେ ଅପରେସନ ହେବ ବୋଲି ଡ଼ାକ୍ତର କହିଛନ୍ତି। ଦାଦନ ଖଟୁଥିବା ବାପା ସୁରେଶ ବେହେରାଙ୍କ ପାଖରେ ସେତକ ବି ନାହିଁ। ତେଣୁ ଭାଗ୍ୟକୁ ଆଦରି ପୁଅକୁ ଘରେ ରଖି ଅବଶୋଷର ନିଆଁରେ ଜଳୁଛନ୍ତି ବାପା-ମାଆ ଦୁହେଁ। ଆକାଶ ନବମ ଶ୍ରେଣୀର ଛାତ୍ର। ଦିନେ ଖେଳିବା ସମୟରେ ଗୋଡ଼ରେ ଆଘାତ ଲାଗିଲା। ଯନ୍ତ୍ରଣା ହେବାରୁ ବାପା ବ୍ରହ୍ମପୁର ଏମ୍‌କେସିଜି ନେଇଥିଲେ। ସେଠାରେ ଆକାଶଙ୍କୁ କ୍ୟାନ୍ସର ବୋଲି ଜଣାପଡ଼ିବା ପରେ ସୁରେଶଙ୍କ ପାଦତଳୁ ମାଟି ଖସିଗଲା। ପୁଅକୁ ଭଲ କରିବା ପାଇଁ ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ ନେଲେ। ଡାକ୍ତର କହୁଛନ୍ତି, ଅପରେସନ ଆବଶ୍ୟକ।

# ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ



**ସୋହେଲା,୨୭।୧(ସଂଚାର ବ୍ୟୁରୋ):** ସୋହେଲା ମିନି ଷ୍ଟେଡିୟମଠାରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ବ୍ଲକସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ପେରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରତିଟି ନାଗରିକଙ୍କ ଦେଶପ୍ରତି ଉତ୍ତରଦାୟିତ୍ୱ ରହିଛି । ଆମେ ସଚେତନ ହୋଇ ରାଷ୍ଟ୍ରନିର୍ମାଣ ରେ ଭାଗିଦାର ହେଲେ ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହୋଇ ପାରିବ ବୋଲି ନିଜ ଭାଷଣରେ ତହସିଲଦାର ଶ୍ରୀ ନାୟକ ଉଲ୍ଲେଖ କରିଥିଲେ । ଏ ଅବସରରେ ଜାତୀୟ ଦିବସ ପାଳନ କମିଟି ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରି ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୋହେଲା ବିଡ଼ିଓ ସୁରେନ୍ଦ୍ର ମେହେର , ସମାଜସେବୀ ଡାକ୍ତର ଶିଶିର କୁମାର ସାହୁ, ଗିରିଜା ଶଙ୍କର ଆଚାର୍ଯ୍ୟ , ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ସୋହେଲା ସବଜେଲ ଅଧିକ୍ଷକ ,ଫାୟର ଷ୍ଟେସନ ମୁଖ୍ୟ , ଅଧ୍ୟାପକ ଶଶୀକାନ୍ତ ପାଣିଗ୍ରାହୀ ପ୍ୟାରେଡର ବିଚାରକ ଭାବେ ଯୋଗ ଦେଇଥିଲେ । ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର, ସୋହେଲା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମିର୍ଧା, ଅନିଲ ପଧାନ ସହଯୋଗ କରିଥିଲେ । ସୁଶାନ୍ତ ମିଶ୍ର ମଂଚ ପରିଚାଳନା କରିଥିଲେ । ଏହାପୂର୍ବରୁ ସକାଳ ଆଠଟା ସମୟରେ ସୋହେଲା ମୁଖ୍ୟ ଛକଠାରେ ଥିବା ସତ୍ୟାଗ୍ରହୀ ସ୍ମାରକୀ ପୀଠରେ ତହସିଲଦାର ଶୁଭରଞ୍ଜନ ନାୟକ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା , ସୋହେଲା ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରମୋଦ ଦେବତା ,ଲଳିତ ଅଗ୍ରୱାଲ , ବିଡ଼ିଓ ସୁରେନ୍ଦ୍ର ମେହେର, ଡାକ୍ତର ଶିଶିର କୁମାର ସାହୁ, ଚନ୍ଦ୍ର କୁମାର ଅଗ୍ରୱାଲ, ଗୌତମ ପ୍ରଧାନ, ଗିରିଜା ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।



**ବାଲିପାଟଣା,୨୭।୧(ସଂଚାର ବ୍ୟୁରୋ):** ସାରା ଦେଶରେ ଆଜି ପାଳିତ ହେଉଥିବା ସାଧାରଣତନ୍ତ୍ର ଦିବସ ସହିତ ବାଲିପାଟଣା ରେ ମଧ୍ୟ ଆନନ୍ଦ ଉଲ୍ଲାସ ମଧ୍ୟରେ ଏହି ଦିବସ ପାଳନ କରାଯାଇଛି। ବ୍ଲକ ସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ, ବ୍ଲକ କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇ ଏଥିରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ପତାକା ଉତ୍ତୋଳନ କରି ଅଞ୍ଚଳ ର ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଚେୟାରମେନ ହରପ୍ରିୟା ଦାସ, ଭାଇସ ଚେୟାରମେନ ରାଜଲକ୍ଷ୍ମୀ ଜେନା,ବିଡ଼ିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ ସଂଯୋଜନା କରିଥିଲେ। ବିଧାୟକ ଶ୍ରୀ ମଲ୍ଲିକ ଏହାପୂର୍ବରୁ ବାଲିପାଟଣା ବଜାର ସ୍ଥିତ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଏଥରେ ବ୍ଲକ ବିଜେଡି ସଭାପତି କିଶୋର ଜେନା,ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ପଟେଲ,ବହୁ ସରପଞ୍ଚ,ସମିତି ସଭ୍ୟ ଓ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ। ସେହିପରି ବୁଦ୍ଧାନାଥ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟତ୍ରୀ ସୁଷମାରାଣୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ।ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏହା ପୂର୍ବରୁ ପ୍ରଭାତ ଫେରି କରି ବଜାର ପରିକ୍ରମା ସହିତ ଜାତୀୟ ସଙ୍ଗୀତ ଗାନ କରିଥିଲେ। ବାଲିପାଟଣା ଥାନା,ତହସିଲ,ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରଭୃତି ବିଭିନ୍ନ ସରକାରୀ ଅନୁଷ୍ଠାନ,ଶିଶୁ ଅନନ୍ତ ମହାବିଦ୍ୟାଳୟ,ଜନବିଦ୍ୟା ମନ୍ଦିର, ଚଣାହଟ୍ଟା, କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ,ବନମାଳୀପୁର ହାଇ ସ୍କୁଲ, ବିପିନ ବିହାରୀ ହାଇ ସ୍କୁଲ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଭୃତିରେ ପ୍ରଧାନଶିକ୍ଷକ ରଘୁନାଥ ଲେଙ୍କା,ଅର୍ଣ୍ଣବ୍ ବେହୁରା,ବିଜୟ ବେହେରା ପ୍ରମୁଖ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ବେସରକାରୀ ଶିକ୍ଷା ଅନୁଷ୍ଠାନ ବାଗଦେବୀ ବିଦ୍ୟାମନ୍ଦିର, ଜାଭିୟର୍ସ ହାଇସ୍କୁଲ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଆଦର୍ଶ ଶିଶୁ ନିକେତନ,ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରଭୃତି ସମସ୍ତ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନ ରେ ଏହାର ମୁଖ୍ୟ ମାନେ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ ଓ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ।



**କାକଟପୁର /ଅସ୍ତରଙ୍ଗ,୨୭।୧(ସଂଚାର ବ୍ୟୁରୋ):** ୭୬ତମ ଗଣତନ୍ତ୍ର ଦିବସକୁ ନେଇ ସବୁଠି ଉଲ୍ଲାସ ଉତ୍ସାହ। ଦିଲ୍ଲୀରୁ ପଲ୍ଲୀ ସବୁଠି ଫର ଫର ହୋଇ ଉଡିଛି ଜାତୀୟ ପତାକା ତ୍ରିରଙ୍ଗା। ବଖାଣୁଛି ବୀରତ୍ୱ ଓ ସୌର୍ଯ୍ୟର ଗାଥା। ପବନରେ ଭାସି ଆସୁଥାଏ ବନ୍ଦେ ମାତରଂମ୍, ଜୟ ହିନ୍ଦ ଧ୍ୱନି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଅବସରରେ ଅସ୍ତରଙ୍ଗ ଥାନା ସାମ୍ନାରେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ଆନୁକୂଲ୍ୟରେ ସଭାପତି ବିଜୟ ବେହେରା ଙ୍କ ପୌରୋହିତରେ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ ସମେତ ଅବସର ପ୍ରାପ୍ତ ସେନା କର୍ମଚାରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଦସ୍ୟ ଙ୍କ ଉପସ୍ଥିତ ରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଭାରତର ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକର ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ତହସିଲଦାର ପ୍ରିୟଙ୍କା ପ୍ରିୟର୍ଶିନୀ ପତି ଅଭିଭାଷଣ ରେ କହିଥିଲେ। ଅନ୍ୟ ପଟେ ଅସ୍ତରଙ୍ଗ ତହସିଲ, ଅସ୍ତରଙ୍ଗ ବ୍ଲକ, ଅସ୍ତରଙ୍ଗ ଥାନା, ନୂଆଗଡ ସାମୁଦ୍ରିକ ଥାନା, ପ୍ରାଣୀଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଭିନ୍ନ ସ୍ଥାନରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ଉକୁଳେଇ ସ୍ଥିତ ଅବସରପ୍ରାପ୍ତ ସେନା କର୍ମଚାରୀ କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ, ମା ଦୁର୍ଗା କ୍ଲବ, ଭଗବତୀ କ୍ଲବ, ଲକ୍ଷ୍ମୀ କ୍ଲବ, ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସବୁଜ ଶାଖା ସମେତ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ଅବସରରେ ତ୍ରିରଙ୍ଗା ଉଡ଼ିଥିଲା।

# ସର୍ଟଶର୍କିଟରୁ ଜଳିଗଲା କାର୍

**କେନ୍ଦୁଝର,୨୭।୧(ସଂଚାର ବ୍ୟୁରୋ):** ସଦର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ଗ୍ରାମର ଭୁବନେଶ୍ୱର ଦାସଙ୍କ ଏକ ମହିନ୍ଦ୍ରା କାର୍ ହଠାତ୍ ଜଳି ଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନ ଥିବା ବେଳେ ସର୍ଟଶର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ସୌଭାଗ୍ୟ ବଶତଃ କାହାରି କୌଣସି କ୍ଷୟକ୍ଷତି ହୋଇନାହିଁ। ମିଳିଥିବା ସୂଚନା ମୁତାବକ, ଅଢେଇମାସ ତଳେ ସେ ଭୁବନେଶ୍ୱରରୁ ଏକ ନୂଆ କାର୍ କିଣି ଥିଲେ। କାର୍ ଜଳିଯିବା ନେଇ ଭୁବନେଶ୍ୱର ଚିନ୍ତାରେ ପଡିଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ପିକଅପ

## ୧୦ରୁ ଅଧିକ ଶ୍ରଦ୍ଧାଳୁ ଗୁରୁତର

**ବାଲିଆପାଳ,୨୭।୧(ସଂଚାର ବ୍ୟୁରୋ):** କଳସ ଶୋଭାଯାତ୍ରା ପାଂଇ ଯାଉଥିବା ବେଳେ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ, ୧୦ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଗୁରୁତର, ସ୍ଥାନୀୟ ଲୋକେ ସମସ୍ତ ଗୁରୁତର ଙ୍କୁ ଉଦ୍ଧାର କରି ବସ୍ତା ଏବଂ ବାଲେଶ୍ୱର ହସପିଟାଲ ରେ ଭର୍ତ୍ତି କରିଛନ୍ତି, ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ରାଇପୁର ରେ ଅନୁଷ୍ଠିତ ହୋଇଥିବା ହରିହାଟ ମହୋତ୍ସବ ପାଂଇ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ସକାଳେ କିଛି ଶ୍ରଦ୍ଧାଳୁ ଏକ ପିକଅପ ଭ୍ୟାନ ରେ ବାଲିଆପାଟି ଜଗନ୍ନାଥ ମନ୍ଦିର କୁ ଆଜ୍ଞାମାଳ ଆଣିବାକୁ ଯାଉଥିବା ବେଳେ ବାହାବଳପୁର ଛକ ନିକଟରେ ଭାରସାମ୍ୟ ହରାଇ ପିକଅପ ଭ୍ୟାନ ଦୁର୍ଘଟଣା ହୋଇଛି, ଦୁର୍ଘଟଣା ରେ କିଛି ମହିଳା ଏବଂ ଛୋଟପିଲା ଗୁରୁତର ହୋଇଛନ୍ତି, ଘଟଣା ସ୍ଥଳରେ ସିଂଲା ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।



# ଘନ କୁହୁଡି ନେଲା ଜୀବନ

କେସରାପଲ୍ଲି,୨୭।୧(ସଂଚାର ବ୍ୟୁରୋ): ଗଂଜାମ ଜିଲ୍ଲା ଆସିକା ବ୍ଲକର କେସରାପଲ୍ଲି ଗାଁରେ ପିକଅପ ଭ୍ୟାନ ଧକ୍କାରେ ଜଣେ ମୃତ। ମୃତକ ହେଲେ କେସରାପଲ୍ଲୀର ୪୮ ବର୍ଷ ବୟସ୍କ ସୀମାଞ୍ଚଳ ସ୍ୱାଇଁ । ସକାଳେ ଘନ କୁହୁଡ଼ି ହୋଇଥିଲା ବେଳେ ଶୌଚ ପାଇଁ ବାହାରକୁ ବାହାରିଥିଲେ ସୀମାଞ୍ଚଳ । ସେହି ସମୟରେ ଭଞ୍ଜନଗର ପଟୁ ଆସିକା ଅଭିମୁଖେ ଆସୁଥିବା ପରିବା ବୋଝେଇ ଗାଡିଟି ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ସୀମାଞ୍ଚଳଙ୍କ ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ପରେ ଗାଡି ଡ୍ରାଇଭର ଓ ହେଲ୍ପର ଫେରାର ହୋଇଯାଇଛନ୍ତି। ଖବର ପାଇ ଗାଙ୍ଗପୁର ଥାନା ପୋଲିସ ଗାଁରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା ଗାଡିକୁ ଜବତ କରି ଅଧିକ ତଦନ୍ତ କରୁଛି । ସକାଳୁ ସକାଳୁ ଘନ କୁହୁଡି ଯୋଗୁଁ ଦୃଶ୍ୟମାନ ନହେବାରୁ ଏହି ଦୁର୍ଘଟଣା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି ।

# 'ତ୍ରିରଙ୍ଗା କେବଳ ଗୋଟିଏ ପତାକା ନୁହେଁ'




**ଯୋଡ଼ା/ବଡ଼ବିଲ,୨୭।୧(ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ଓ କାସିଆ ମାଇନ୍ସରେ ବଡ଼ ଉତ୍ସାହର ସହ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପେଲେଟ ପ୍ଲାଣ୍ଟରେ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମଡି, କାସିଆ ଆଇରନ ଏଣ୍ଡ ଡୋଲୋମାଇଟ ମାଇନ୍ସରେ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଓ ଟେନ୍ସା ଟିଆରବି ମାଇନସରେ ଭାରପ୍ରାପ୍ତ ୟୁନିଟ ହେଡ୍ ଶ୍ରୀ ଅଭିମନ୍ୟୁ ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସପିର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ବ୍ୟାବସାୟିକ ସହଯୋଗୀ ସାମିଲ ହୋଇଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ଜେଏସପିର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ ତାଙ୍କ ସ୍ୱତନ୍ତ୍ର ବାର୍ତ୍ତାରେ ସମ୍ବିଧାନ ନିର୍ମାତା, ସ୍ୱାଧୀନତା ସଂଗ୍ରାମୀ ଓ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗଣତନ୍ତ୍ର ତିନିଟି ସ୍ତମ୍ଭ; ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଉପରେ ପ୍ରତିଷ୍ଠିତ ଏବଂ ଏହା 'ଆମେ' ଅର୍ଥାତ ଭାରତୀୟଙ୍କ ଦ୍ୱାରା ସମୃଦ୍ଧ ହୋଇଛି। ତେଣୁ ନ୍ୟାୟ, ସ୍ୱାଧାନତା, ସମାନତା ଓ ଭାଇଚାରାକୁ ନୀତିକୁ ନେଇ ସମୃଦ୍ଧ ସମ୍ବିଧାନର ସମ୍ମାନ ବଜାୟ ରଖିବା ଆମର ଦାୟିତ୍ୱ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ଗତ ୭୫ ବର୍ଷ ମଧ୍ୟରେ ଭାରତ ଭାକ୍ରାନଙ୍ଗଲ ଡ୍ୟାମରୁ ଆରମ୍ଭ କରି ମହାକାଶର ଜୟଯାତ୍ରା ; ଚନ୍ଦ୍ରାୟନ, ଆଦିତ୍ୟ ଏଲ୍-୧ ଏବଂ ଆଗାମୀ ଦିନର ଗଗନାୟନ ଭଳି କୀର୍ତ୍ତିମାନ ଏହାର ଅନ୍ତର୍ଭୁକ୍ତ। ସେହିଭଳି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଟଳ ସେତୁ, ଚେନାବ ରେଲୱେ ବ୍ରିଜ, ଅଟଳ ଟନେଲ, ନୂଆ ବିମାନ ବନ୍ଦର, ମେଟ୍ରୋ ଏବଂ ରେଲୱେର ବିସ୍ତାରିତ ନେଟ୍‌ୱର୍କର ନିର୍ମାଣ ଭାରତକୁ ଦୃତ ଅଭିବୃଦ୍ଧିକାରୀ ଦେଶର ଦୌଡ଼ରେ ସାମିଲ କରିଛି ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ଜିନ୍ଦଲ ଉଲ୍ଲେଖ କରିଛନ୍ତି, "ତ୍ରିରଙ୍ଗା କେବଳ ଗୋଟିଏ ପତାକା ନୁହେଁ, ଏହା ଆମ ଏକତା, ଅଖଣ୍ଡତା, ଓ ଜାତୀୟ ପରିଚୟର ପ୍ରତୀକ। ଏହା ତଳେ ଆମେ ସମସ୍ତେ ଏକ ଏବଂ ଆମର ଗୋଟିଏ ପରିଚୟ ଭାରତୀୟ"। ପେଲେଟ ପ୍ଲାଣ୍ଟ, କାସିଆ ଓ ଟେନ୍ସା ମାଇନ୍ସରେ ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ଓ ସେମାନଙ୍କ ପରିବାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଦେଶପ୍ରୀତି ଓ ଜାତୀୟତାର ନିଦର୍ଶନ ଦେଇଥିଲେ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

## ୪୪ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୨୭।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୪ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୦ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଟିଏ ଦରଖାସ୍ତ ତୁରନ୍ତ ସମାଧାନ କରାଯାଇଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସିଂହୀଯୁବା ଗ୍ରାମପଞ୍ଚାୟତର ଦିବ୍ୟାଙ୍ଗ ତପନ କୁମାର ଶର୍ମାଙ୍କୁ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।




# ବ୍ରାଉନ୍‌ସୁଗର୍ କାରବାର ଉପରେ ଚଢ଼ାଉ

## ପୁଲିସ ହାବୁଡରେ ୨ ବେପାରୀ

**ଭୋଗରାଇ,୨୭।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ସୀମାନ୍ତ ଜଳେଶ୍ୱର ଓ ଭୋଗରାଇ ବ୍ଲକ ଏବେ ନିଶା ବ୍ୟବସାୟୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏଭଳି ସ୍ଥିତିରେ ଥାନାଞ୍ଚଳରେ ବ୍ରାଉନସୁଗର କାରବାର ହେଉଥିବା ନେଇ ଭୋଗରାଇ ଥାନା ପୁଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା। ଏନେଇ ଥାନାଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜପଥ ବାଟଗ୍ରାମ ପୋଲଠାରେ ଚଢାଉ କରି ଦୁଇ ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିଛି। ପୁଲିସ ୨ ଜଣଙ୍କୁ ଗିରଫ କରିବା ପରେ ସେମାନେ ଥାନାକୁ ଆଣି ପଚରାଉଚରା ଚଳାଇଛି। ପୁଲିସ ସେମାନଙ୍କଠାରୁ ୨୪.୭୫ ଗ୍ରାମ ଓଜନର ବ୍ରାଉନସୁଗର ସହ ଏକ ଗାଡି ମଧ୍ୟ ଜବତ କରିଛି। ଏନେଇ ପୋଲିସ ଏକ



ମାମଲା (ନଂ.୩୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାର ହେବ ବୋଲି ଜଣାପଡ଼ିଛି। ଗିରଫ ହୋଇଥବା ଅଭିଯୁକ୍ତମାନେ ହେଲେ ଭୋଗରାଇ ଥାନା ଅଧୀନ ଦେହୁର୍ଦ୍ଧା ଗ୍ରାମର ରାଜକିଶୋର ସାହୁ(୨୮) ଓ ମହେଶପୁର ଗ୍ରାମର ପବିତ୍ର ନାୟକ (୧୯)। ବ୍ରାଉନସୁଗାର କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି ବୋଲି ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିସହ ଉଭୟ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# କେସି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପଥପ୍ରାନ୍ତ ନାଟକ

**ବୈଶିଙ୍ଗା,୨୭।୧ (ସଂଚାର ବ୍ୟୁରୋ):** କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁର ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ ସାଧାରଣତନ୍ତ୍ର ଦିବସ ଅବସରରେ ହେମପୁର ଗ୍ରାମରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁଥ ଏବଂ ଇକୋ କ୍ଲବ ତଥା ଶକ୍ତି କ୍ଲବ ର ସଦସ୍ୟ ମାନଙ୍କଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ବରିଷ୍ଠ ଶିକ୍ଷକ ତୁଷାର କାନ୍ତ ପାତ୍ର,ଜୟଶ୍ରୀ ପାଢ଼ୀ,ଚନ୍ଦନ କୁମାର ଦାସ, କ୍ରୀଡା ଶିକ୍ଷକ ଶରତ କୁମାର ବେହେରା ଓ ଶିକ୍ଷୟିତ୍ରୀ ଜୟଶ୍ରୀ ପାଢ଼ୀ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀ ମାନେ ହେମପୁର ଗ୍ରାମ ମୁଖ୍ୟରାସ୍ତା ର ଛକ ମାନଙ୍କରେ ନାଟକ, ନୃତ୍ୟ ଓ କୁଇଜ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ । କୁଇଜ ରେ ସଠିକ ଉତ୍ତର ଦେଇଥିବା ଗ୍ରାମବାସୀ ଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ରେ ମା ମଙ୍ଗଳା ଓ ମା ସରସ୍ୱତୀ




ସ୍ୱୟଂ ସହାୟିକା ସଙ୍ଘ ର ସଦସ୍ୟା ମାନେ ସାମିଲ ହୋଇ ଥିଲେ। ସଭିଙ୍କ ପାଇଁ ବିଦ୍ୟାଳୟ ତରଫରୁ ଜଳଯୋଗ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷୟତ୍ରୀ ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରଛାତ୍ରୀ ଙ୍କର ଏହି ଉଦ୍ୟମ କୁ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ଓ ଗ୍ରାମବାସୀ ମାନେ ଭୂୟସୀ ପ୍ରଶଂସା କରିଥିଲେ ।

# କାର୍ ସହ ୨ ବସ୍ତା ଗଞ୍ଜେଇ ଜବତ

**ଦାରିଙ୍ଗବାଡି,୨୭।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଦେଇ ଗଞ୍ଜେଇ ଭର୍ତ୍ତି କାର୍ ଯାଉଥିବାବେଳେ ମାଡ଼ିବସିଲା ପୋଲିସ। ଏଥିରେ ଜଣକୁ ଗିରଫ କରିବା ସହ ଏକ ସୁଇଫ୍ଟ କାର୍ ସହ ୨ ବସ୍ତା ଗଞ୍ଜେଇ ପୋଲିସ ଜବତ କରିଛି। ଯାହାର ଓଜନ ପ୍ରାୟ ୩୦ କେଜି ୨୬୦ ଗ୍ରାମ ହେବ । ତେବେ ଏଥିରେ ସମ୍ପୃକ୍ତି ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳର ରଞ୍ଜିତ ନାହାକଙ୍କୁ ପୋଲିସ ଗିରଫ କରିଥିବା ଆଇଆଇସି କନକ କୁମାର ମାଝୀ କହିଛନ୍ତି । ପ୍ରକାଶ ଯେ, କନ୍ଧମାଳ ଜିଲାର କୌଣସି ଏକ ସ୍ଥାନରୁ ଗଞ୍ଜେଇ ଭର୍ତ୍ତି କାର୍‌ଟି ଗଞ୍ଜାମ ଯାଉଥିଲା। ହେଲେ କୌଣସି ସୂତ୍ରରୁ ପୋଲିସ ଖବର ପାଇ କନ୍ଧମାଳ -ଗଞ୍ଜାମ ସିମା ବାଇମଲା ଫରେଷ୍ଟ ଚେକ ଗେଟ୍‌ରେ ବ୍ଲକିଂ କରି ଯାଞ୍ଚ କରି ଧରିଥିଲା।

# ଅଶ୍ଳୀଳ ଭିଡ଼ିଓ ଭାଇରାଲ୍ ଧମକ ଦେଇ ଯୁବକ ଗିରଫ

**ସାଲେପୁର,୨୭।୧(ସଂଚାର ବ୍ୟୁରୋ):** ଜଣେ ନାବାଳିକାକୁ ପ୍ରେମଜାଲରେ ଫସାଇ ତା'ସହ ଅନୈତିକ ସମ୍ପର୍କ ସ୍ଥାପନ କରି ତାହାର ଅଶ୍ଳୀଳ ଭିଡ଼ିଓ ସୋସିଆଲ୍ ମିଡ଼ିଆ ଭାଇରାଲ୍ କରିବା ଓ ତାହା କଥାରେ ରାଜି ନହେଲେ ତା' ବାପା ମା'ଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଅଭିଯୋଗରେ ଆଜି ସାଲେପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକା ଝିଅକୁ କିଶୋରନଗର ଥାନା ଅଧିନ ମୁର୍କୁଣ୍ଡି ଗ୍ରାମର କାଶୀନାଥ ବେହେରାଙ୍କ ପୁଅ ସତ୍ୟଜିତ୍ ବେହେରା ନାବାଳିକା ସହ ବନ୍ଧୁତା ସ୍ଥାପନ କରି ତାକୁ ପ୍ରେମଜାଲରେ ଫସାଇବା ସହ ଅନୈତିକ ସମ୍ପର୍କ ସ୍ଥାପନ କରି ତାହାର ଭିଡ଼ିଓ ଉତ୍ତୋଳନ କରି ତା' ସହିତ ସମ୍ପର୍କ ନରଖିଲେ ଉକ୍ତ ଅଶ୍ଳୀଳ ଭିଡ଼ିଓକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ ସହ ତା'ବାପା ମା'କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ନାବାଳିକା ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# କଟନୀ ଛଟନୀକୁ ନେଇ ତାତିଲେ ଚାଷୀ



**ନୟାଗଡ଼,୨୭।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ବାଉଁଶିଆପଡ଼ା ସେବା ସମବାୟ ସମିତିରେ କଟନୀ ଛଟନୀକୁ ନେଇ ଆଜି ଲୋକେ ଉତ୍ୟକ୍ତ ହୋଇ ରାସ୍ତାରୋକ କରିଛନ୍ତି । ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥକୁ ଲୋକେ ଦୀର୍ଘ ସମୟ ଧରି ଅବରୋଧ କରିଛନ୍ତି। ସମବାୟ ସମିତିରେ ମିଲରଙ୍କ ମନମାନୀ ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି । ଜିଲ୍ଲାର ସମସ୍ତ ସମବାୟ ସମିତିରେ ୭ରୁ ୧୦ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି । ବାଉଁଶିଆପଡ଼ା ସମବାୟ ସମିତିରେ କ୍ୱିଣ୍ଟାଲ ପିଛା ୧୦ କେଜି କଟନୀ ଛଟନୀକୁ ନେଇ ଆଜି ପରିସ୍ଥିତି ଭୟାବହ ହୋଇଛି । ରାସ୍ତାରୋକରେ ବିଜେପି କୃଷକ

**● ଧାନ ପାଇଁ ଅଢେଇ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ**

ନେତା ସନ୍ତୋଷ ପ୍ରଧାନ, ବସନ୍ତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ମିଲରଙ୍କ ମନମାନୀକୁ ଜୋରଦାର ବିରୋଧ କରିଛନ୍ତି। ରାଜ୍ୟ ସରକାର କଟନୀ ଛଟନୀ କରିବାକୁ ବାରଣ କରିଥିବା ବେଳେ ନୟାଗଡ଼ ଜିଲ୍ଲାରେ ମିଲରମାନେ ମନଇଚ୍ଛା କଟନୀ ଛଟନୀ କରୁଥିବା ଚାଷୀ ଓ ନେତା ଅଭିଯୋଗ କରିଛନ୍ତି । ରାସ୍ତାରୋକ ଖବର ପାଇ ଇଟାମାଟି ଥାନା ପୁଲିସ ପହଞ୍ଚି ବୁଝାଶୁଝା କରିଥିଲା । ମାତ୍ର ଚାଷୀ ମଣ୍ଡି ଅବ୍ୟବସ୍ଥା ସୁଧାରିବା ଦାବିରେ ଅଟଳ ରହିଥିଲେ । କିଛିଦିନ ତଳେ ବାଉଁଶିଆପଡ଼ା ଅଞ୍ଚଳର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏନେଇ ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ମିଳିନଥିଲା । ଯାହାକୁ ନେଇ ଆଜି ଚାଷୀ ରାସ୍ତାକୁ ଓହ୍ଲାଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର କୁମାର ମହାନ୍ତି, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ପ୍ରମୁଖ ଉକ୍ତ ସ୍ଥାନରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ଜାତୀୟ ରାଜପଥ ଉପରେ ରାସ୍ତାରୋକ ଫଳରେ ଶତାଧିକ ଯାନବାହାନ ଉଭୟ ପାଶ୍ୱର୍ରେ ଅଟକି ଥିବା ଦେଖାଯାଇଥିଲା । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇନଥିଲା । ଦୀର୍ଘ ଅଢେଇ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ ଚାଷୀ । ଚାଷୀଙ୍କୁ ଯେତେ ପ୍ରକାରର ବୁଝାଇଲେ ମଧ୍ୟ ଚାଷୀମାନେ ଜିଦରେ ଅଟଳ ଥିବା ସୂଚନା ମିଳିଛି । କଟନୀ ଛଟନୀ ବନ୍ଦ ନକଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି ।